Vol.-I, Issue No-12
16-31-August 2022
online portal : odishasanket.com
Mail ID : odishasanket@gmail.com
Price : Rs. 5.00, Page -8

# ଓଡ଼ିଶା ସଙ୍କେତ
# Odisha Sanket


ଓସ୍କାର ଦୌଡରେ ଗଙ୍ଗୁବାଇ !

ସମାଜ ପାଇଁ ଭିନ୍ନ ଏକ ପରିକଳ୍ପନା
R.N.I. Title Code-ODIODI08118

### ୧୧ ଦୁଷ୍କର୍ମକାରୀଙ୍କୁ ଖଲାସ କରାଯିବା ଘଟଣା

# ଦୋଷୀଙ୍କୁ ମୁକ୍ତ ନିଷ୍ପତ୍ତି ରଦ୍ଦ ଦାବି

ନୂଆଦିଲ୍ଲୀ: ବିଲକିସ୍ ବାନୋଙ୍କ ୧୧ ଜଣ ଦୁଷ୍କର୍ମକାରୀଙ୍କୁ ଜେଲରୁ ଖଲାସ କରାଯିବା ଘଟଣା ଏବେ ସୁପ୍ରିମକୋର୍ଟରେ ପହଞ୍ଚିଛି। ମହିଳା ଅଧିକାରୀ ପାଇଁ ଲଢ଼େଇ କରୁଥିବା କିଛି ସାମାଜିକ କର୍ମୀ ଏହାକୁ ବିରୋଧ କରି ସୁପ୍ରିମକୋର୍ଟରେ ଗୋଟିଏ ପିଆଇଏଲ ଦାଖଲ କରିଛନ୍ତି। ସେମାନେ ଗୁଜରାଟ ସରକାର କ୍ଷମା ନୀତି ବଳରେ ମୁକ୍ତ ହୋଇଥିବା ୧୧ ଜଣ ଦୁଷ୍କର୍ମକାରୀଙ୍କୁ ପୁଣି ଜେଲ ପଠାଇବାକୁ ନିବେଦନ କରିଛନ୍ତି। ଗଣଦୁଷ୍କର୍ମ ଓ ହତ୍ୟା ମାମଲାରେ ସମସ୍ତେ ଦୋଷୀ ସାବ୍ୟସ୍ତ ହୋଇଥିବାରୁ ସେମାନଙ୍କୁ ଜେଲରୁ ଖଲାସ କରାଯିବା ଆଇନ ଅନୁଯାୟୀ ଗ୍ରହଣୀୟ ନୁହେଁ ବୋଲି ପିଆଇଏଲରେ ଉଲ୍ଲେଖ କରାଯାଇଛି।

ସୁଭାଷିନ ଅଲୀ, ରେବତୀ ଲାଉଲ ଓ ରୂପା ରେଖା ବର୍ମା ମିଳିତ ଭାବେ ପିଆଇଏଲ ଦାଖଲ କରି ଦୋଷୀଙ୍କୁ ମିଳିଥିବା କ୍ଷମାକୁ ଖାରଜ କରିବାକୁ କହିଛନ୍ତି। ବରିଷ୍ଠ ଆଇନଜୀବୀ କପିଲ ଶିବଲ ଓ ଆଇନଜୀବୀ ଅପର୍ଣ୍ଣା ଭଟ ମଧ୍ୟ ଏହି ମାମଲାକୁ ପ୍ରଧାନ ବିଚାରପତି ଜଷ୍ଟିସ ଏନଭି ରମନ୍ନାଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ଆଗରେ ଉପସ୍ଥାପନ କରିଛନ୍ତି। ୧୪ ଜଣଙ୍କୁ ହତ୍ୟା ଓ ଜଣେ ଗର୍ଭବତୀଙ୍କୁ ଦୁଷ୍କର୍ମ କରାଯାଇଥିବାରୁ ଗୁଜରାଟ ସରକାରଙ୍କ କ୍ଷମାନୀତିକୁ ଚ୍ୟାଲେଞ୍ଜ କରାଯାଇଥିବା ଶବିଲ କହିଛନ୍ତି। ସୁପ୍ରିମକୋର୍ଟ ଏହାର ବିଚାର କରିବାକୁ ରାଜି ହୋଇଛନ୍ତି। ଗୁଜରାଟ ଦଙ୍ଗା ବେଳେ ବିଲକିସ ବାନୋଙ୍କୁ ଦୁଷ୍କର୍ମ ଓ ତାଙ୍କ ପରିବାର ୧୪ ଜଣଙ୍କୁ ହତ୍ୟା କରିବା ଘଟଣାରେ ଦୋଷୀ ସାବ୍ୟସ୍ତ ହୋଇଥିବା ୧୧ ଜଣ ଏବେ ଜେଲରୁ ବାହାରି ମୁକ୍ତ ଜୀବନ ବିତାଉଛନ୍ତି। ସେମାନଙ୍କୁ ଏହି ବର୍ବରକାଣ୍ଡ ପାଇଁ ୧୫ ବର୍ଷ ତଳେ ଆଜୀବନ ଜେଲଦଣ୍ଡ ମିଳିଥିଲା। ହେଲେ ସ୍ୱାଧୀନତା ଦିବସରେ ଗୁଜରାଟ ସରକାରଙ୍କ ସ୍ୱତନ୍ତ୍ର ପ୍ୟାନେଲର ପରାମର୍ଶକ୍ରମେ ସେମାନଙ୍କୁ କ୍ଷମା ନୀତି ଅନୁସାରେ ଜେଲରୁ ଖଲାସ କରି ଦିଆଯାଇଛି। ୨୧ ବର୍ଷୀୟ ବିଲକିସ୍ ବାନୋ ସେତେବେଳେ ୫ ମାସର ଗର୍ଭବତୀ ଥିଲେ। ୨୦୦୨ ମସିହା ମାର୍ଚ୍ଚ ୩ରେ ତାଙ୍କୁ ଦୁଷ୍କର୍ମ କରାଯାଇଥିଲା। ଏହାପରେ ବାନୋଙ୍କ ଛୋଟ ଝିଅଙ୍କ ସମେତ ପରିବାରର ଅନ୍ୟ ୧୩ ଜଣଙ୍କୁ ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଦଙ୍ଗା ଯୋଗୁ ପରିବାର ଲୋକଙ୍କ ସହ ବିଲକିସ୍ ଅହମଦାବାଦରେ ଥିବା ଗୋଟିଏ କ୍ଷେତରେ ଲୁଚିଥିଲେ। ହେଲେ ତାଙ୍କୁ ଦଙ୍ଗାକାରୀମାନେ ଠାବ କରି ନେଇଥିଲେ। ୨୦୦୯ରେ ମୁମ୍ବାଇରେ ଥିବା ସ୍ୱତନ୍ତ୍ର କୋର୍ଟ ୧୧ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲଦଣ୍ଡରେ ଦଣ୍ଡିତ କରିଥିଲେ। ଏହାକୁ ବମ୍ବେ ହାଇକୋର୍ଟ କାଏମ ରଖିଥିଲେ। କିନ୍ତୁ ଏବେ ଗୁଜରାଟ ସରକାର ସମସ୍ତଙ୍କୁ ସ୍ୱତନ୍ତ୍ର ଗାଇଡଲାଇନ ବଳରେ ଜେଲରୁ ମୁକ୍ତି ଦେଇଛନ୍ତି। ୧୧ ଜଣ ଯାକ ବ୍ୟକ୍ତି ଗୋଧ୍ରା ଜେଲରୁ ବାହାରିବା ପରେ ତାଙ୍କୁ ମିଠା ଓ ଫୁଲ ଦେଇ ସମର୍ଥକମାନେ ସ୍ୱାଗତ କରିଥିଲେ।




## ସମର୍ଥନରେ ବାହାରିଲେ ସାମାଜିକ କର୍ମୀ, ମାନବିକ ଅଧିକାର

ଗୁଜରାଟ ୨୦୦୨ ଦଙ୍ଗାରେ ପୀଡ଼ିତ ବିଲକିସ୍ ବାନୋଙ୍କ ସମର୍ଥନରେ ବାହାରିଛନ୍ତି ହଜାର ହଜାର ଲୋକେ। ତାଙ୍କୁ ଗଣ ଦୁଷ୍କର୍ମ ଏବଂ ତାଙ୍କ ପରିବାର ଲୋକଙ୍କୁ ହତ୍ୟା କରିଥିବା ଦୋଷୀମାନଙ୍କୁ ଜେଲରୁ ମୁକ୍ତ ନିଷ୍ପତ୍ତି ବିରୋଧରେ ସ୍ୱର ତେଜିବାରେ ଲାଗିଛି। ସାମାଜିକ କର୍ମୀ, ରାଜନୈତିକ ବ୍ୟକ୍ତି, ମାନବିକ ଅଧିକାରୀ କର୍ମୀ, ଐତିହାସିକ ବ୍ୟକ୍ତି ଏବଂ ବ୍ୟୋରୁକ୍ରାଟ, ସାମ୍ବାଦିକ, ଫିଲ୍ମ ନିର୍ମାତା ତଥା ସାଧାରଣ ଲୋକେ ଏମିତି ସମାଜର ବିଭିନ୍ନ ବର୍ଗର ଲୋକେ ବିଲକିସ୍ ବାନୋଙ୍କ ପାଇଁ ସ୍ୱର ଉତ୍ତୋଳନ କରିଛନ୍ତି। ସେମାନେ ବିଲକିସ୍ ବାନୋଙ୍କ ପରିବାରକୁ ନଷ୍ଟ କରିଥିବା ଦୋଷୀମାନଙ୍କୁ ଜେଲରୁ ମୁକୁଳିବା ନିଷ୍ପତ୍ତିକୁ ଘୋର ନାପସନ୍ଦ କରିଛନ୍ତି। ଏହି ନିଷ୍ପତ୍ତିକୁ ରଦ୍ଦ କରିବା ପାଇଁ ପ୍ରାୟ ୬୦୦୦ ଲୋକେ ଦାବି କରିଛନ୍ତି। ବିଲକିସ୍ ବାନୋଙ୍କ ସମର୍ଥନରେ ଆଗେଇ ଆସିଥିବା ଏହି ୬୦୦୦ ଲୋକେ ଏକ ବୟାନ ଜାରି କରିଛନ୍ତି। ଦୋଷୀମାନଙ୍କ ଆଗୁଆ ମୁକ୍ତି ନିଷ୍ପତ୍ତିକୁ ରଦ୍ଦ କରିବା ପାଇଁ ସୁପ୍ରିମକୋର୍ଟଙ୍କ ନିକଟରେ ଦାବି କରିଛନ୍ତି। ଏଥିସହ ବିଭିନ୍ନ ସଙ୍ଗଠନ ମଧ୍ୟ ବିଲକିସ୍ ବାନୋଙ୍କ ସ୍ୱରରେ ସ୍ୱର ମିଳାଇଛନ୍ତି।

## ଜଗତସିଂହପୁରରେ ନିଯୁକ୍ତି, କଟକରେ ଡ୍ୟୁଟି

ଜଗତସିଂହପୁର: ଜଗତସିଂହପୁର ଜିଲ୍ଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ। ଜିଲ୍ଲା ମୁଖ୍ୟାଳୟ ସମେତ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ। କିନ୍ତୁ, ଜଗତସିଂହପୁରରେ ନିଯୁକ୍ତି ପାଇଥିବା ଏବଂ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଦରମା ନେଉଥିବା ୬ ଜଣ ସୁପର ସ୍ପେଶାଲିଷ୍ଟ୍ ଡାକ୍ତର କଟକସ୍ଥିତ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲରେ କାମ କରିବା ଘଟଣା ବ୍ୟବସ୍ଥାର ବିଚିତ୍ର ସ୍ଥିତିକୁ ପଦାରେ ପକାଇଛି। ଫଳରେ, ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଉନ୍ନତମାନର ସେବା ଉପଲବ୍ଧ ହୋଇପାରୁନାହିଁ। ଗୁରୁତର ରୋଗୀଙ୍କ ପାଇଁ ଏହା କେବଳ ଏବେ ରେଫରାଲ୍ ହସ୍ପିଟାଲ ପାଲଟିଛି। ହୃଦରୋଗ, ନ୍ୟୁରୋଲୋଜି, ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜି, ୟୁରୋଲୋଜି ଭଳି ଅତ୍ୟନ୍ତ ଜରୁରୀ ଚିକିତ୍ସା ସେବା ଏଠି ରୋଗୀଙ୍କ ପାଇଁ ସ୍ୱପ୍ନ।

ସୂଚନା ଅନୁସାରେ; ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନିଯୁକ୍ତି ପାଇଥିବା ପ୍ଲାଷ୍ଟିକ ସର୍ଜରି ବିଭାଗ ଡାକ୍ତର ବିଷ୍ଣୁପଦ ନାୟକ, ହୃଦ୍‌ରୋଗ ବିଭାଗ ଡାକ୍ତର ନିହାର ରଞ୍ଜନ ପରିଡ଼ା ଓ ଡାକ୍ତର ବିପତ ରଞ୍ଜନ ଲେଙ୍କା, ନ୍ୟୁରୋଲୋଜିର ଡାକ୍ତର ଇତିବ୍ରତ ମହାନ୍ତି ଓ ଡାକ୍ତର ଦୀପକ ବଂଶଲ ଏବଂ ୟୁରୋଲୋଜି ବିଭାଗର ଡାକ୍ତର ଦେବାଶିଷ ମାହାଳି ଏବେ କଟକ ବଡ଼ ଡାକ୍ତରଖାନାରେ କାର୍ଯ୍ୟରତ ଅଛନ୍ତି। ଏମାନେ ମେଡିକାଲ କଲେଜ କ୍ୟାଡରର ହୋଇ ନ ଥିବାରୁ ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟ ଏଷ୍ଟାବ୍ଲିସମେଣ୍ଟରୁ ଦରମା ପାଉଥିବାବେଳେ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଏସ୍‌ସିବିରେ ଡ୍ୟୁଟି କରୁଛନ୍ତି। ସରକାରଙ୍କ ଏଭଳି ନିଷ୍ପତ୍ତିକୁ ନେଇ ପୂର୍ବରୁ ଜିଲ୍ଲାପାଳ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିକଟରେ ଅଭିଯୋଗ ମଧ୍ୟ ହୋଇଛି। ଯଦି ଦରମା ଏଠାରୁ ପାଇବେ, ତା'ହେଲେ ଏସ୍‌ସିବି ମେଡିକାଲରେ କାହିଁକି ଡ୍ୟୁଟି କରିବେ? ଜଗତସିଂହପୁର ଜିଲ୍ଲାବାସୀ କାହିଁକି ସୁପର ସ୍ପେସାଲିଷ୍ଟଙ୍କ ଚିକିତ୍ସା ସେବାରୁ ବଞ୍ଚିତ ହେବେ? ଜିଲ୍ଲାରେ ପ୍ରାୟ ୪୦ ପ୍ରତିଶତ ଡାକ୍ତରଙ୍କ ଅଭାବ ରହିଥିବା ବେଳେ ସେହି ଦରମାରେ କାହିଁକି ଅଧିକ ଡାକ୍ତରଙ୍କୁ ଏଠାରେ ନିଯୁକ୍ତି ଦିଆଯାଉ ନାହିଁ? ଆବଶ୍ୟକତା ଦୃଷ୍ଟିରୁ ଯଦି ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି, ଅନ୍ତତଃ ସପ୍ତାହରେ ଥରେ କାହିଁକି ଓପିଡିରେ ସୁପର ସ୍ପେସାଲିଷ୍ଟ ଡାକ୍ତରଙ୍କୁ ଅଣାଯାଉ ନାହିଁ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି।



ଉଲ୍ଲେଖଯୋଗ୍ୟ, ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟରେ ଗୁରୁତର ରୋଗୀଙ୍କ ଚିକିତ୍ସା ପାଇଁ କୌଣସି ସୁବିଧା ନାହିଁ। ଏପରିକି ସିଟି ସ୍କାନ୍, ଏମ୍ଆରଆଇ ଭଳି ପରୀକ୍ଷା ମଧ୍ୟ ଉପଲବ୍ଧ ନାହିଁ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଉନ୍ନତମାନର ସେବା କେବେ ଉପଲବ୍ଧ ହେବ ତାର ଉତ୍ତର ମଧ୍ୟ କାହା ପାଖରେ ନାହିଁ।

### ୨୦୦ କୋଟିର ଘେରି ବନ୍ଧ ଯୋଜନା କେବେ ?

## ଅଞ୍ଚଳବାସୀଙ୍କ ଦୁଃଖ ପାଲଟିଛି ମହାନଦୀ

କଟକ: ଯେଉଁଠି ଦିନେ ମହାନଦୀର ୧୦୦ ମିଟରରୁ କିଛି ଅଧିକ ଥିଲା, ସେଠି ଏବେ ଚଉଡ଼ା ୧ କିଲୋମିଟରରୁ ଅଧିକ ହୋଇସାରିଲାଣି। କୂଳଖାଇ ମହାନଦୀ ଏକର ଏକର ଚାଷ ଜମିକୁ ନିଜ ଗର୍ଭକୁ ନେଇସାରିଲାଣି। ଏହାସହିତ ନଈ କୂଳରେ ଗଢ଼ି ଉଠିଥିବା କେଶବଧାମ ସ୍କୁଲ, ବସୁନ୍ଧରା ଅସହାୟ ଥଇଥାନ କେନ୍ଦ୍ର ଏବଂ ଶହେରୁ ଅଧିକ ପରିବାର ପାଇଁ ଦୁର୍ଗତି ଆଣିଛି ମହାନଦୀ। ଅଞ୍ଚଳର ସୁରକ୍ଷା ପାଇଁ ୨ଶହ କୋଟି ଟଙ୍କା ବ୍ୟୟରେ ଘେରି ବନ୍ଧ ନିର୍ମାଣ ହେବ ବୋଲି ଘୋଷଣା କରିଥିଲେ ତତ୍କାଳୀନ ରାଜସ୍ୱ ମନ୍ତ୍ରୀ ମନମୋହନ ସାମଲ। କିନ୍ତୁ ସେ ଘୋଷଣା କେବଳ ଘୋଷଣାରେ ରହି ଯାଇଛି। ରାଜ୍ୟରେ ପ୍ରସିଦ୍ଧି ଲାଭ କରିଥିବା ପଟଣା ବାଇଗଣ ଏବେ ବଜାରରେ ମିଳିବା କଷ୍ଟ ହୋଇ ପଡ଼ିଥିବା ବେଳେ ଅଞ୍ଚଳବାସୀଙ୍କ ଭବିଷ୍ୟତ ପ୍ରତି ବି ବିପଦ ସୃଷ୍ଟି କରିଛି।

ଗତିରାଉତପାଟଣା ନଦୀବନ୍ଧ ତଳେ ଦିନେ ଯେଉଁଠି ଏକର ଏକର ଜମିରେ ଚାଷ କରି ଲୋକେ ଜୀବିକା ନିର୍ବାହ କରୁଥିଲେ ସେଠାରେ ଏବେ ମହାନଦୀର ସୁଅ ବୋହୁଛି। ନଈ ପାଣିରେ ହଜାର ହଜାର ହେକ୍ଟର ଚାଷ ଜମିରେ ବାଲି ମାଡ଼ିଯାଇଛି। ବନ୍ଧ ତଳକୁ ନଦୀପଠାରେ ଶହଶହ ଘର ଗଢି ଉଠିଥିଲାବେଳେ ବନ୍ୟା ସମୟରେ ସମସ୍ତେ ପାଣି ଘେରରେ ରହୁଛନ୍ତି। ୧୦୦ରୁ ଅଧିକ ପରିବାର ଏଥିରେ ପ୍ରଭାବିତ ହେଉଥିଲା ବେଳେ ସବୁଠୁ ଅଧିକ ପ୍ରଭାବିତ ହେଉଛି ଏହି ପଠାରେ ଥିବା ସରସ୍ୱତୀ ବିଦ୍ୟା ମନ୍ଦିର (କେଶବ ଧାମ)। ଏହି ବିଦ୍ୟାଳୟରେ ପାଖାପାଖି ୬୦୦ ଛାତ୍ରଛାତ୍ରୀ ରହୁଥିବାବେଳେ ବନ୍ୟା ସମୟରେ ସେମାନଙ୍କୁ ଉଦ୍ଧାର କରିବା ପ୍ରଶାସନ ପାଇଁ ବଡ଼ ଚାଲେଞ୍ଜ ହେଉଛି। ଗୋଟିଏ ପଟେ ନଦୀପଠାରେ ରହିଥିବା ଚାଷଜମିରେ ସ୍ଥାୟୀ ନିର୍ମାଣର ଅନୁମତିକୁ ନେଇ ପ୍ରଶ୍ନ ଉଠୁଥିବା ବେଳେ ଅନ୍ୟପଟେ ଏ କ୍ଷେତ୍ରରେ ପ୍ରଶାସନର ଭୂମିକା କି ବିବାଦର କାରଣ ହୋଇଛି। ଏତେ ଲୋକଙ୍କ ବାସସ୍ଥାନ ପାଲଟି ଥିବା ଏହି ଅଞ୍ଚଳ ମହାନଦୀ ବଢିଲେ ବିପଦ ମୁହଁକୁ ଚାଲି ଯାଉଛି।



## ୯ ସେକେଣ୍ଡରେ ମାଟିରେ ମିଶିଲା ଟ୍ୱିନ୍ ଟାୱାର

ନୂଆଦିଲ୍ଲୀ: ସାଏରନ୍, ବିସ୍ଫୋରଣ ଆଉ ଧୂଆଁ। ମାଟିରେ ମିଶିଲା ବିବାଦୀୟ ଟ୍ୱିନ୍ ଟାୱାର। ନିମିଷେକରେ ହେଲା ଧୂଳିସାତ୍। ୩୦୦ କୋଟି ଟଙ୍କାର ଏହି ଟ୍ୱିନ୍ ଟାୱାର ମାତ୍ର ୯ ସେକେଣ୍ଡରେ ଦେଖୁ ଦେଖୁ ହୋଇଗଲା ଧ୍ୱଂସ। ସାଇରନ୍ ବାଜିବା ପରେ ବିସ୍ଫୋରଣ କରି ଉଡାଇ ଦିଆଯାଇଛି ନଏଡାର ସେକ୍ଟର ୯୩-ଏ ଅଞ୍ଚଳରେ ବେଆଇନ୍ ତିଆରି ହୋଇଥିବା ଟ୍ୱିନ୍ ଟାୱାର।

ଟ୍ୱିନ୍ ଟାୱାରର ଧ୍ୱଂସ ହେବା ପରେ ଧୂଳିର ଏକ ବିରାଟ ବାଦଲ ପୂରା ପରିବେଶରେ ଖେଳିଯାଇଛି। କୁହାଯାଉଛି ଯେ ଧୂଳିର ଆସ୍ତରଣ ପ୍ରାୟ ଦୁଇ ଘଣ୍ଟା ବାୟୁରେ ରହିଥିଲା। ବିଲ୍ଡିଂକୁ ବିସ୍ଫୋରଣ କରିବା ପୂର୍ବରୁ ଆଖପାଖର ଲୋକଙ୍କୁ ହଟାଇ ଦିଆଯାଇଥିଲା। ସ୍ୱାସ୍ଥ୍ୟଗତ ଜରୁରୀକାଳୀନ ପରିସ୍ଥିତିକୁ ଦୃଷ୍ଟିରେ ରଖି ତିନୋଟି ହସ୍ପିଟାଲକୁ ଆଲର୍ଟ କରାଯାଇଥିଲା।

ବିସ୍ଫୋରଣ ହୋଇଥିବା ଜୋନ୍‌ରେ ୫୬୦ ପୁଲିସ କର୍ମଚାରୀ, ୧୦୦ ଜଣ ରିଜର୍ଭ ଫୋର୍ସ ଏବଂ ୪ଟି କ୍ୱିକ୍ ରିସ୍ପନ୍ସ ଟିମ୍ ସମେତ ଦଳ ନିୟୋଜିତ ହୋଇଛି। ଉଭୟ ଟାୱାର କୁତୁବ୍ ମୀନାରଠାରୁ ମଧ୍ୟ ଉଚ୍ଚ ଥିଲା। ଏହି ଟ୍ୱିନ୍ ଟାୱାରକୁ 'ୱାଟରଫଲ୍ ଇମ୍ପ୍ଲୋଜନ' ଟେକ୍‌ନିକ୍ ବ୍ୟବହାର କରି ଭଙ୍ଗା ଯାଇଛି।

ଆଖପାଖ ଅଞ୍ଚଳର ଲୋକଙ୍କୁ ଖାଲି କରାଯାଇଥିଲା। କେବଳ ଲୋକେ ନୁହନ୍ତି ବୁଲା କୁକୁରମାନଙ୍କୁ ରକ୍ଷା କରିବା ପାଇଁ ମଧ୍ୟ ବଡ ପଦକ୍ଷେପ ନିଆଯାଇଥିଲା। ଅନେକ ଏନଜିଓର କର୍ମକର୍ତ୍ତାମାନେ ଏହି ଅଞ୍ଚଳର କୁକୁରମାନଙ୍କ ଜୀବନ ରକ୍ଷା କରିବା ପାଇଁ ସେମାନଙ୍କୁ ଉଦ୍ଧାର କରି ଅନ୍ୟତ୍ରକୁ ସ୍ଥାନାନ୍ତର କରିଛନ୍ତି।

ଏହି ଟାୱାର ପାଇଁ ବିସ୍ଫୋରକ ଯୋଗାଇଥିବା କମ୍ପାନୀ ହରିୟାଣାର। ସେହି କମ୍ପାନୀର ଚେତନ ଦତ୍ତଙ୍କ ହାତରେ ବିସ୍ଫୋରଣ କାମ ଶେଷ ହୋଇଛି। ସେ ଗ୍ରୀନ୍ ବଟନକୁ ଦବାଇ ଟାୱାରକୁ ଉଡାଇ ଦେଇଛନ୍ତି। ବିସ୍ଫୋରଣ ପରେ ଏଥିରୁ ୩୫ ହଜାର ଟନ୍ ଯାଏଁ ଆବର୍ଜନା ବାହାର ବୋଲି ଆକଳନ କରାଯାଇଛି। ଯାହାକୁ ସଫା କରିବାକୁ ଅତି କମରେ ୩ ମାସ ସମୟ ଲାଗିବ। ଆଖପାଖ ଅଞ୍ଚଳରେ ଧୂଳି ଓ କଂକ୍ରିଟ ଗୁଣ୍ଡକୁ ଦୂର କରିବା ପାଇଁ ୧୦୦ଟି ପାଣି ଟ୍ୟାଙ୍କରକୁ ନିୟୋଜିତ କରାଯାଇଛି। ଏଥିସହ ୧୫ଟି ଆଣ୍ଟି ସ୍ମଗ ଗନ୍, ୬ଟି ମେକାନିକଲ ସ୍ୱିପିଂ ମେସିନ୍, ପ୍ରାୟ ୨୦୦ ଜଣ ସଫେଇ କର୍ମଚାରୀ ଓ ୨୦ଟି ଟ୍ରାକ୍ଟର ନିୟୋଜି କରାଯାଇଛି। କେବଳ ସେତିକି ନୁହେଁ ବିଲ୍ଡିଂ ଧ୍ୱଂସ ପରେ ଆଖପାଖରେ ଥିବା ଗଛରେ ଜମିଥିବା ଧୂଳିକୁ ତୁରନ୍ତ ହଟାଇବା ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ଉଦ୍ୟାନ କୃଷି ବିଭାଗକୁ ମଧ୍ୟ ନିର୍ଦ୍ଦେଶ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଏଥି ସହିତ ଆସନ୍ତା କିଛି ଦିନ ପାଇଁ ଆଖପାଖ ଅଞ୍ଚଳରେ ପାଣି ସିଞ୍ଚନ ଜାରି ରଖାଯିବ।

ସେପଟେ ବାୟୁ ପ୍ରଦୂଷଣକୁ ରୋକିବାକୁ ୬ଟି ସ୍ଥାନରେ ମାନୁଆଲ ଏମ୍ବିଏଣ୍ଟ ଏୟାର କ୍ୱାଲିଟି ମନିଟରିଂ ଷ୍ଟେସନ ସ୍ଥାପନ କରାଯାଇଛି। ଯାହା ମାଧ୍ୟମରେ ପବନର ଗୁଣବତ୍ତା ମପାଯାଇ ପାରିବ। ଏହାସହ ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ କିଛିଦିନ ପାଇଁ ମାସ୍କ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାନୁସାରେ ଏହି ଟ୍ୱିନ୍ ଟାୱାର୍‌କୁ ଭାଙ୍ଗିବା



# ୨୦୨୧ରେ ଦୁର୍ଘଟଣା ନେଇଛି ଲକ୍ଷାଧିକ ଲୋକଙ୍କ ଜୀବନ

ନୂଆଦିଲ୍ଲୀ: ମହାମାରୀ କରୋନା ପାଇଁ ୨୦୨୦ ଭଳି ୨୦୨୧ରେ ମଧ୍ୟ ଲକ୍‌ଡାଉନ କଟକଣା ରହିଥିଲେ। କିଛି ନିର୍ଦ୍ଦିଷ୍ଟ ସମୟରେ ଗାଡ଼ି ମୋଟର ଓ ଟ୍ରେନ ଯାତାୟତ କରୁଥିଲା। ତଥାପି ଟ୍ରାଫିକ ଜନିତ ଦୁର୍ଘଟଣାରେ ଚାଲି ଯାଇଛି ଦେଢ଼ ଲକ୍ଷରୁ ଅଧିକ ଜୀବନ। ୨୦୨୧ରେ ମୋଟ ୪.୨୨ ଲକ୍ଷ ଦୁର୍ଘଟଣା ସମଗ୍ର ଦେଶରେ ଘଟିଛି। ଏଥିରେ ୧.୭୩ ଲକ୍ଷ ଲୋକ ପ୍ରାଣ ହରାଇଛନ୍ତି। ଦୁର୍ଘଟଣାରେ ସର୍ବାଧିକ ଲୋକ ପ୍ରାଣ ହରାଇଥିବା ତାଲିକାର ୧ନଂ ସ୍ଥାନରେ ଉତ୍ତର ପ୍ରଦେଶ ରହିଛି। ଏଠାରେ ୨୦୨୧ରେ ଟ୍ରାଫିକ ଦୁର୍ଘଟଣା ଯୋଗୁ ୨୪,୭୧୧ ଜଣଙ୍କ ମୃତ୍ୟୁ ଘଟିଛି। ସେହିପରି ଦ୍ୱିତୀୟ ସ୍ଥାନରେ ଥିବା ତାମିଲନାଡୁରେ ୧୬,୬୮୫ ଜଣ ଦୁର୍ଘଟଣାରେ ଜୀବନ ହରାଇଛନ୍ତି।

ନ୍ୟାଶନାଲ କ୍ରାଇମ ରେକର୍ଡ ବ୍ୟୁରୋ(ଏନସିଆରବି) ରିପୋର୍ଟରେ କୁହାଯାଇଛି ଯେ ୨୦୨୦ ତୁଳନାରେ ୨୦୨୧ରେ ସଡ଼କ ଦୁର୍ଘଟଣା ସଂଖ୍ୟା ବଢ଼ିଥିଲା। ୨୦୨୦ରେ ସମଗ୍ର ଦେଶରେ ୩,୬୮,୮୨୮ଟି ଦୁର୍ଘଟଣା ଘଟିଥିବା ବେଳେ ୨୦୨୧ରେ ଏହା ୪,୨୨,୬୫୯ ରହିଛି। ଏହା ମଧ୍ୟରେ ୪,୦୩,୧୧୬ ସଡ଼କ ଦୁର୍ଘଟଣା,୧୭,୯୯୩ ରେଳ ଦୁର୍ଘଟଣା ଓ ୧୫୫୦ଟି ରେଳବାଇ କ୍ରସିଂ ଦୁର୍ଘଟଣା ରହିଛି। ସଡ଼କ ଦୁର୍ଘଟଣାରେ ସର୍ବାଧିକ ୧,୫୫,୬୨୨ ଜଣ, ରେଳ ଦୁର୍ଘଟଣାରେ ୧୬,୪୩୧ ଓ ରେଳବାଇ କ୍ରସିଂରେ ଘଟିଥିବା ଦୁର୍ଘଟଣାରେ ୧,୮୦୭ ଜଣ ୨୦୨୧ରେ ପ୍ରାଣ ହରାଇଛନ୍ତି।

୨୦୨୦ ତୁଳନାରେ ୨୦୨୧ରେ ତାମିଲନାଡୁରେ ସର୍ବାଧିକ ଟ୍ରାଫିକ ଜନିତ ଦୁର୍ଘଟଣା ଘଟିଛି। ୨୦୨୦ରେ ଏଠାରେ ୪୬,୪୪୩ଟି ଦୁର୍ଘଟଣା ଘଟିଥିବା ବେଳେ ୨୦୨୧ରେ ଏହା ୫୭,୦୯୦ ପହଞ୍ଚି। ଏହାପଛକୁ ମଧ୍ୟପ୍ରଦେଶ (୪୩,୩୬୦ରୁ ୪୯,୪୯୩), ଉତ୍ତର ପ୍ରଦେଶ (୩୦,୫୯୩ରୁ ୩୬,୫୦୯), ମହାରାଷ୍ଟ୍ର(୨୪,୯୦୮ରୁ ୩୦,୦୮୬) ଓ କେରଳ ରହିଛନ୍ତି। ୨୦୨୦ ତୁଳନାରେ ୨୦୨୧ରେ ଏଠାରେ ଦୁର୍ଘଟଣା ସଂଖ୍ୟା ବୃଦ୍ଧି ପାଇଛି। ରିପୋର୍ଟରେ କୁହାଯାଇଛି, ଏତେ ସଂଖ୍ୟକ ଦୁର୍ଘଟଣା ଯୋଗୁ ୩,୭୮,୮୮୪ ଜଣ ଆହତ ହୋଇଥିଲେ। ସେହିପରି ୧,୭୩,୮୬୦ ଜଣ ପ୍ରାଣ ହରାଇଛନ୍ତି। ଉତ୍ତର ପ୍ରଦେଶରେ ସର୍ବାଧିକ ୨୪,୭୧୧, ତାମିଲନାଡୁରେ ୧୬,୬୮୫ ଜଣ ଓ ମହାରାଷ୍ଟ୍ରରେ ୧୬,୪୪୬ ଜଣ ଟ୍ରାଫିକ ଜନିତ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି।

ମୋଟ ମୃତ୍ୟୁରୁ ୩୩.୩% ଘଟଣା ଏହି ୩ ରାଜ୍ୟରେ ଘଟିଛି। ୨୦୧୭ରୁ ୨୦୧୯ ଯାଏ ଦୁର୍ଘଟଣାରେ ପ୍ରାଣ ହରାଇବା ସଂଖ୍ୟା ବଢ଼ିଥିଲା। ହେଲେ ୨୦୨୦ରେ ଏହା ହଠାତ ହ୍ରାସ ପାଇଥିଲେ। କିନ୍ତୁ ୨୦୨୧ରେ ଏହା ପୁଣି ବଢ଼ିଛି। ତେବେ ୨୦୧୭,୨୦୧୮ ଓ ୨୦୧୯ ତୁଳନାରେ ୨୦୨୧ ଟ୍ରାଫିକ ଦୁର୍ଘଟଣା ସଂଖ୍ୟା ଯଥେଷ୍ଟ କମ।

ସାଧାରଣ ସଡ଼କ ଦୁର୍ଘଟଣାରେ ଅଧିକ ଲୋକ ଆହତ ହେଉଥିବା ବେଳେ ସେହି ଅନୁସାରେ କମ ଲୋକ ପ୍ରାଣ ହରାନ୍ତି। ହେଲେ ମିଜୋରାମ, ପଞ୍ଜାବ, ଝାରଖଣ୍ଡ ଓ ଉତ୍ତର ପ୍ରଦେଶର ଓଲଟା କଥା ଦେଖିବାକୁ ମିଳିଛି। ଏଠାରେ ଆହତଙ୍କ ଅପେକ୍ଷା ମୃତକଙ୍କ ସଂଖ୍ୟା ଅଧିକ ରହିଛି।

ମିଜୋରାମରେ ୬୪ଟି ସଡ଼କ ଦୁର୍ଘଟଣାରେ ୬୪ ଜଣ ପ୍ରାଣ ହରାଇଛି ଓ ୨୮ ଜଣ ଆହତ ହୋଇଛନ୍ତି। ପଞ୍ଜାବରେ ଏହି ସଂଖ୍ୟା ଯଥାକ୍ରମେ ୪୫୧୬ ଓ ୩୦୩୪, ଝାରଖଣ୍ଡରେ ୩୫୧୩ ଓ ୩୨୨୭ ଏବଂ ଉତ୍ତର ପ୍ରଦେଶରେ ୨୧,୭୯୨ ଜଣ ପ୍ରାଣ ହରାଇଛନ୍ତି ଓ ୧୯,୮୧୩ ଜଣ ଆହତ ହୋଇଛନ୍ତି।



● ଘରକରଣା





# ଫ୍ରିଜ୍‌ରେ କେଉଁ ପରିବା ରଖିବା ଭଲ

**ରୋଷେଇ ଘରେ ଫ୍ରିଜ ନଥିଲେ ଅଧୁରା ଲାଗେ। ରୋଷେଇ ଘରେ ଉପସ୍ଥିତ ଥିବା ଏକ ଗୁରୁତ୍ୱପୂର୍ଣ୍ଣ ଇଲେକ୍ଟ୍ରୋନିକ୍ ଉପକରଣଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ଫ୍ରିଜ୍। ଆଜିର ସମୟରେ ଫ୍ରିଜ୍ ବିନା କାମ ଚଳାଇବା ବେଶ୍ କଷ୍ଟକର। ବିଶେଷକରି ଖରା ଦିନେ ଖାଦ୍ୟ ସାମଗ୍ରୀ ତାଜା ରଖିବା ପାଇ ସମସ୍ତ ଫ୍ରିଜ ଖୋଜିଥାନ୍ତି। ଅନେକ ଫଳ, ପନିପରିବା କିମ୍ବା ଖାଦ୍ୟ ସାମଗ୍ରୀକୁ ରେଫ୍ରିଜରେଟରରେ ରଖିବା ଦ୍ୱାରା ତାହା ଅନେକ ଦିନ ପର୍ଯ୍ୟନ୍ତ ସତେଜ ରୁହେ। କିନ୍ତୁ ଏଭଳି କିଛି ଫଳ ପନି ପରିବା ରହିଛି ଯାହାକୁ ଫ୍ରିଜରେ ରଖିବା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଖରାପ ହୋଇପାରେ। ଆସନ୍ତୁ ଜାଣିବା କେଉଁ ଖାଦ୍ୟ ଫ୍ରିଜରେ ରଖିବା ଉଚିତ୍ ନୁହେଁ।**

ଟମାଟୋ- ସାଧାରଣତଃ ସମସ୍ତଙ୍କ ଘରେ ତରକାରୀ ହେଉ ଅବା କୌଣସି ସ୍ପେଶାଲ ଡିସ୍, ଏଥିରେ ଟମାଟୋକୁ ନିଶ୍ଚିତ ରୂପେ ବ୍ୟବହାର କରାଯାଏ। ଏଥିଲାଗି ଲୋକେ ଏକାଥରକେ ଅନେକଗୁଡିଏ ଟମାଟୋ କିଣି ଫ୍ରିଜ୍‌ରେ ଷ୍ଟୋର କରି ରଖନ୍ତି। କିନ୍ତୁ ଏଭଳି କରିବା ଭୟାନକ ହୋଇପାରେ। ଟମାଟୋକୁ ଫ୍ରିଜ୍‌ରେ ରଖି ଆଦୌ ଉଚିତ ନୁହେଁ। ଫ୍ରିଜରୁ ବାହାରୁଥିବା ଥଣ୍ଡା ପବନ ଯୋଗୁଁ ଟମାଟୋ ଭିତରୁ ସଢ଼ିବାକୁ ଲାଗେ। ଏଭଳି ପରିସ୍ଥିତିରେ କେଉଁଟି ସତେଜ ଅଛି ତାହା ଜଣାପଡେ ନାହିଁ। ଅଜାଣତାରେ ଖରାପ ଟମାଟୋକୁ ମଧ୍ୟ ଲୋକେ ଖାଇ ନିଅନ୍ତି, ଯାହା ସ୍ୱାସ୍ଥ୍ୟ ପାଇଁ ହାନୀକାରକ ହୋଇପାରେ।

କଦଳୀ- କଦଳୀକୁ ଫ୍ରିଜରେ ରଖିବା ଉଚିତ୍ ନୁହେଁ । କଦଳୀକୁ ଫ୍ରିଜରେ ରଖିବା ଦ୍ୱାରା ଏହା ଶୀଘ୍ର ପଚି ଯାଏ ଏବଂ କଳା ପଡିଯାଏ । କେବଳ ସେତିକି ନୁହେଁ ଫ୍ରିଜରେ ରଖାଯାଇଥିବା କଦଳୀ ଖାଇବା ଦ୍ୱାରା ଆପଣଙ୍କ ସ୍ୱାସ୍ଥ୍ୟ ବିଗିଡି ପାରେ। କଦଳୀ ସହ ମିଶାଇ ରଖାଯାଇଥିବା ଅନ୍ୟ ଫଳ ଏବଂ ପନିପରିବା ମଧ୍ୟ ନଷ୍ଟ ହୋଇ ଯାଇପାରେ।

ମହୁ- ଔଷଧୀୟ ଗୁଣରେ ଭରପୂର ମହୁକୁ ଅନେକ ଖାଦ୍ୟରେ ବ୍ୟବହାର କରାଯାଏ। ତଥାପି, ବହୁତ କମ୍ ଲୋକ ପ୍ରତିଦିନ ମହୁ ବ୍ୟବହାର କରନ୍ତି। କିଛି ଲୋକ ନଷ୍ଟ ହେବା ଭୟରେ ଫ୍ରିଜରେ ମହୁକୁ ରଖିବା ଠିକ୍ ବୋଲି ଭାବନ୍ତି। କିନ୍ତୁ ଏହା କରିବା ଉଚିତ ନୁହେଁ, କାରଣ ଫ୍ରିଜରେ ରଖିବା ଦ୍ୱାରା ମହୁରେ ସ୍ଫଟିକ ସୃଷ୍ଟି ହେବା ଆରମ୍ଭ କରେ। ଫଳରେ ଏହାର ସ୍ୱାଦ ଖରାପ ହୋଇଯାଏ। ଏଭଳି ମହୁ ଖାଇବା ଦ୍ୱାରା ଆପଣ ଅସୁସ୍ଥ ମଧ୍ୟ ହୋଇପାରନ୍ତି।

ଆଳୁ ଏବଂ ପିଆଜ- କିଛି ଲୋକ ତ ଅନ୍ୟ ପନିପରିବା ସହିତ ଫ୍ରିଜରେ ଆଳୁ ମଧ୍ୟ ରଖନ୍ତି। ଫ୍ରିଜରେ ରଖାଯାଇଥିବା ଆଳୁ ଖାଇବା ମଧୁମେହ ରୋଗୀଙ୍କ ପାଇଁ ସାଂଘାତିକ ହୋଇପାରେ। ଅତ୍ୟଧିକ ଥଣ୍ଡାରେ ରହିବା ଦ୍ୱାରା ଆଳୁରେ ଥିବା ଷ୍ଟାର୍ଚ ଚିନିରେ ପରିଣତ ହୁଏ। ଆଳୁକୁ ଫ୍ରିଜରେ ରଖିବା ପରିବର୍ତ୍ତେ ଏକ କାଗଜରେ ଗୁଡାଇ ଖୋଲା ସ୍ଥାନରେ ରଖନ୍ତୁ। ଏହା ବ୍ୟତୀତ ପିଆଜକୁ କେବେବି ଫ୍ରିଜରେ ରଖିବା ଉଚିତ୍ ନୁହେଁ।

# ବର୍ଷା ଦିନେ କେଉଁ ପରିବା ଖାଇବେ

ସାଧାରଣତଃ ଅଧିକାଂଶଙ୍କୁ ବର୍ଷା ଦିନ ବେଶ୍ ପସନ୍ଦ। ଏହି ଋତୁରେ ଅନେକ ଲୋକ ଚଟ୍‌ପଟା ଖାଦ୍ୟ ଖାଇବାକୁ ଭଲ ପାଆନ୍ତି। ହେଲେ ଆପଣ ଜାଣନ୍ତି କି ବର୍ଷା ଦିନେ ଖାଦ୍ୟପେୟରେ ସାମାନ୍ୟ ଅସାବଧାନତା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ବିପଦଜନକ ହୋଇପାରେ। ବର୍ଷା ଦିନେ ବଜାରରେ ଭଳିକି ଭଳି ପନିପରିବା ବିକ୍ରି ହୁଏ। ହେଲେ ଆମକୁ ଭାବି ବିଚାରି ସେହି ସବୁ ପରିବା ଖାଇବା ଆବଶ୍ୟକ। ନଚେତ୍ ଏହି ପନିପରିବା ଖାଇବା ଅସୁସ୍ଥତାର କାରଣ ହୋଇପାରେ। ତେବେ ଆସନ୍ତୁ ଜାଣିବା ବର୍ଷା ଋତୁରେ କେଉଁ ପରିବା ଖାଇବା ଉଚିତ୍।

**କାକୁଡ଼ି :** କାକୁଡ଼ି ଏପରି ଏକ ପରିବା ଯାହାକୁ ବର୍ଷା ଦିନେ ମଧ୍ୟ ଖାଇ ହେବ। ଏହାକୁ ସାଲାଡ୍ କିମ୍ବା ସାଣ୍ଡୱିଚ୍ ମାଧ୍ୟମରେ ଖାଇପାରିବେ। ଏହା ଖାଇବା ଦ୍ୱାରା ଶରୀରରେ ଜଳୀୟ ଅଂଶର ଅଭାବ ଦେଖାଯାଇନଥାଏ।

**ଭେଣ୍ଡି:** ବର୍ଷା ଦିନେ ଭେଣ୍ଡି ଖାଇବା ଅତ୍ୟନ୍ତ ଲାଭଦାୟକ। ଏହା ଖାଇବା ଦ୍ୱାରା ଶରୀରରେ କଲେଷ୍ଟ୍ରୋଲ୍ ନିୟନ୍ତ୍ରଣରେ ରହିଥାଏ। ଏହା ବ୍ୟତୀତ ଭେଣ୍ଡି ଖାଇବା ଦ୍ୱାରା ଆଖି ଜନିତ ସମସ୍ୟାରୁ ମଧ୍ୟ ମୁକ୍ତି ମିଳିଥାଏ। କେବଳ ଏତିକି ନୁହେଁ ଏହାକୁ ଖାଇବା ଦ୍ୱାରା ହାଡ଼ ମଧ୍ୟ ମଜବୁତ୍ ରୁହେ।

**ଲାଉ:** ଲାଉ ଖାଇବା ସ୍ୱାସ୍ଥ୍ୟ ପ୍ରତି ବେଶ୍ ଲାଭଦାୟକ। ଏହା ଦ୍ୱାରା ଆମ ହଜମ ପକ୍ରିୟା ଭଲ ହୋଇଥାଏ। ଲାଉରେ ପ୍ରଚୁର ମାତ୍ରାରେ ଆଇରନ୍, ଭିଟାମିନ୍-ବି ଓ ଭିଟାମିନ୍-ସି ରହିଥାଏ ଯାହା ବର୍ଷା ଦିନେ ଶରୀରକୁ ଇନ୍‌ଫେକ୍ସନ୍‌ରୁ ରକ୍ଷା ଦିଏ।

**କଲରା:** ବର୍ଷା ଦିନେ କଲରା ଖାଇବା ସବୁଠୁ ଅଧିକ ଲାଭଦାୟକ ହୋଇଥାଏ। ଏହା ଦ୍ୱାରା ଶରୀରକୁ ଅସଂଖ୍ୟ ତଥା ଅଗଣିତ ଲାଭ ମିଳେ । କଲରାରେ ପ୍ରଚୁର ପରିମାଣରେ ଭିଟାମିନ୍-ସି ରହିଛି। ବିଶେଷ କରି ଏହାକୁ ଖାଇବା ଦ୍ୱାରା ମା'ମାନଙ୍କ ଶରୀର ଫିଟ୍ ରହିଥାଏ। ଏହାସହ ଏଥିରେ ଥିବା ଆଣ୍ଟିଭାଇରାଲ୍ ଗୁଣ, ବର୍ଷା କାରଣରୁ ବ୍ୟାପୁଥିବା ଇନ୍‌ଫେକ୍ସନରୁ ଆମ ଶରୀରକୁ ରକ୍ଷା କରେ।





# ଅଧିକ 'ପାରାସିଟାମଲ୍' ଖାଉଛନ୍ତି କି ? ହୋଇପାରେ ହୃଦ୍‌ଘାତ



କରୋନା କାଳରେ 'ପାରାସିଟାମଲ'ର ଚାହିଦା ଢ଼େର ବଢ଼ି ଯାଇଛି। ସବୁ ଥଣ୍ଡା ଜ୍ୱର ରୋଗୀ ଏବେ ପାରାସିଟାମଲ୍ ମେଡିସିନ୍‌କୁ ହିଁ ଖୋଜୁଛନ୍ତି। ଗୋଡ଼ ହାତ ବିନ୍ଧା ହୋଇ ଜ୍ୱର ହେଲେ ସାଧାରଣତଃ ପାରାସିଟାମଲ ଔଷଧ ଖିଆଯାଏ। ଶରୀର ତାପମାତ୍ରା କମ୍ କରିବା ପାଇଁ ଏହା ବେଶ୍ ଉପଯୋଗୀ। ତେବେ 'ପାରାସିଟାମଲ' ଔଷଧର ଲଗାତର ସେବନ ହୋଇପାରେ ଘାତକ। ପ୍ରତିଦିନ ଏହାକୁ ଖାଇବା ଦ୍ୱାରା ରକ୍ତଚାପ ବଢ଼ିବା ସହ ହୃଦ୍‌ଘାତ୍ ଆଶଙ୍କା ବଢ଼ିପାରେ।

'ଦ ଟେଲିଗ୍ରାଫ' ୟୁକେର ରିପୋର୍ଟ ଅନୁଯାୟୀ, ଏଡିନବର୍ଗ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ନିକଟରେ ୧୧୦ ଜଣ ରୋଗୀଙ୍କ ଉପରେ ଅଧ୍ୟୟନ କରିଥିଲେ। ଏମାନଙ୍କୁ ଏକ ସପ୍ତାହ ଯାଏଁ ଦିନରେ ଏକ ଗ୍ରାମ ହିସାବରେ ୪ ଥର ପାରାସିଟାମଲ ଔଷଧ ଖାଇବାକୁ ଦିଆଯାଇଥିଲା। ତେବେ ୪ ଦିନ ମଧ୍ୟରେ ପରାସିଟାମଲ ଦିଆଯାଉଥିବା ରୋଗୀଙ୍କ ମଧ୍ୟରୁ ୨୦ ପ୍ରତିଶତଙ୍କ ମଧ୍ୟରେ ରକ୍ତଚାପ ବଢ଼ିଯାଇଥିବା ଦେଖିବାକୁ ମିଳିଥିଲା। ହୃଦଘାତ କିମ୍ବା ଷ୍ଟ୍ରୋକ୍ ହେବା ସମ୍ଭାବନା ମଧ୍ୟ ୨୦ପ୍ରତିଶତ ବଢ଼ିଯାଇଥିଲା।

ଏଡିନବର୍ଗ ବିଶ୍ୱବିଦ୍ୟାଳର ପ୍ରଫେସର ଡେଭିଡ ୱେବ କହିବା ମୁତାବକ, 'ଆମେ ସର୍ବଦା ଭାବୁ ଯେ ରକ୍ତଚାପ କମାଇବା ପାଇଁ ଜଣାଶୁଣା ଆଇବୁପ୍ରୋଫେନ୍ ଭଳି ଔଷଧ ବ୍ୟବହାର ବନ୍ଦ କରିବାକୁ ଯଦି ଆମେ ରୋଗୀଙ୍କୁ ପରାମର୍ଶ ଦେବାକୁ ଚେଷ୍ଟା କରୁ, ତେବେ




ପାରାସିଟାମଲ ଏକ ନିରାପଦ ବିକଳ୍ପ ହେବ। କିନ୍ତୁ ହୃଦଘାତ କିମ୍ବା ଷ୍ଟ୍ରୋକ ହେବାର ଆଶଙ୍କା ଥିବା ରୋଗୀମାନେ ପାରାସିଟାମଲ ବ୍ୟବହାର ବନ୍ଦ କରିବା ଉପରେ ଧ୍ୟାନ ଦେବା ଉଚିତ୍।'

ସେ ଆହୁରି କହିଛନ୍ତି, 'ଆମେ ସୁପାରିଶ କରିବୁ ଯେ କ୍ଲିନିକାଲ ବିଶେଷଜ୍ଞମାନେ ପ୍ରଥମେ ରୋଗୀଙ୍କୁ ପାରାସିଟାମୋଲର କମ୍ ଡୋଜରୁ ଆରମ୍ଭ କରନ୍ତୁ ଏବଂ ଯନ୍ତ୍ରଣାକୁ ନିୟନ୍ତ୍ରଣ କରିବା ପାଇଁ ଆବଶ୍ୟକତା ଠାରୁ ଅଧିକ ନ ଯାଇ ପର୍ଯ୍ୟାୟକ୍ରମେ ଏହାର ମାତ୍ରା ବୃଦ୍ଧି କରନ୍ତୁ। ଯେଉଁମାନଙ୍କର ଉଚ୍ଚ ରକ୍ତଚାପ ଥିବ, ସେମାନଙ୍କ କ୍ଷେତ୍ରରେ ଡାକ୍ତରମାନେ ଅଧିକ ଦାୟିତ୍ୱବାନ ହୋଇ ପ୍ରଥମେ କମ୍ ଡୋଜ୍‌ର ପାରାସିଟାମଲ୍ ଦେବା ଉଚିତ୍।'

ସେହିପରି ବିଶେଷଜ୍ଞଙ୍କ କହିବା ମୁତାବକ, ଯନ୍ତ୍ରଣା ଦୂର କରିବା ପାଇଁ ଯେଉଁମାନଙ୍କର ପାରାସିଟାମଲ ଖାଇବା ନିହାତି ଜରୁରୀ, ସେମାନେ ତା' ପୂର୍ବରୁ ନିଜ ରକ୍ତଚାପକୁ ନିୟନ୍ତ୍ରଣରେ ରଖିବା ଉଚିତ। ନଚେତ୍ ଏହା ହୃଦ୍‌ଘାତର କାରଣ ହୋଇପାରେ।

## ପଢା ଘରେ ହଳଦିଆ ରଙ୍ଗର
# ଗଣେଶଙ୍କ ମୂର୍ତ୍ତି ରଖନ୍ତୁ

ଭଗବାନ ଗଣେଶଙ୍କୁ ବିଘ୍ନବିନାଶକ କୁହାଯାଇଥାଏ। ଘରର ମୁଖ୍ୟ ଦ୍ୱାର, ପୂଜା ସ୍ଥାନ, ରୋଷେଇ ଘର ଓ କାର୍ଯ୍ୟାଳୟରେ ଥିବା ବାସ୍ତୁଦୋଷ ଗଣେଶ ମୂର୍ତ୍ତି ରଖିଲେ ନଷ୍ଟ ହୋଇଥାଏ।

**ଗଣେଶ ମୂର୍ତ୍ତି ସ୍ଥାପନ କରିବାର ନିୟମ**

- ପୂଜା ଘରେ ଗଣେଶଙ୍କର ତିନୋଟି ମୂର୍ତ୍ତି ଏକାସହ ରଖନ୍ତୁ ନାହିଁ।
- ଗଣେଶଙ୍କର ଏପରି ମୂର୍ତ୍ତି ଘରେ ରଖନ୍ତୁ ଯାହା ଦ୍ୱାରା ଘରର ସୁଖ ବଜାୟ ରହିବ।
- ମୂର୍ତ୍ତିର ଉଚ୍ଚତା ୧୨ ଇଞ୍ଚରୁ ଅଧିକ ହୋଇ ନ ଥିବା ଦରକାର।
- ପିତଳ ରଙ୍ଗର ଗଣେଶ ମୂର୍ତ୍ତି ଅତ୍ୟନ୍ତ ଭଲ ଅଟେ।
- ଗଣେଶଙ୍କୁ କେବେ ବି ତୁଳସୀ ଅର୍ପଣ କରନ୍ତୁ ନାହିଁ।

**ବାସ୍ତୁ ଦୋଷ କିପରି ଦୂର ହୋଇଥାଏ ? ?**

- ଛୁଆଙ୍କ ପଢ଼ିବା ଘରେ ହଳଦିଆ ରଙ୍ଗର ଗଣେଶଙ୍କ ମୂର୍ତ୍ତି ରଖନ୍ତୁ।
- ଗୋଟିଏ ଘରେ କେବଳ ଗୋଟିଏ ମାତ୍ର ଗଣେଶଙ୍କ ମୂର୍ତ୍ତି ରଖନ୍ତୁ।
- ଶୋଇବା ଘରେ କେବେ ବି ଗଣେଶଙ୍କ ମୂର୍ତ୍ତି ରଖନ୍ତୁ ନାହିଁ।
- ଘରର ମୁଖ୍ୟ ଦ୍ୱାରରେ ଭିତରକୁ ମୁହଁ କରିଥିବା ଗଣେଶଙ୍କ ମୂର୍ତ୍ତି ରଖନ୍ତୁ।
- ପୂଜା ଘରେ ହଳଦିଆ ରଙ୍ଗର ଗଣେଶ ମୂର୍ତ୍ତି ରଖନ୍ତୁ।
- ଘରେ ଗଣେଶଙ୍କ ଅନେକ ମୂର୍ତ୍ତି ରଖିବା ପରିବର୍ତ୍ତେ ଗୋଟିଏ ସ୍ଥାନରେ ଓଁ ଲେଖି ଦିଅନ୍ତୁ।
- ଭଗବାନ ଗଣେଶଙ୍କର ସବୁଜ ରଙ୍ଗର ମୂର୍ତ୍ତିକୁ ଉତ୍ତର ଦିଗରେ ସ୍ଥାପନା କରନ୍ତୁ।
- ନିୟମିତ ୧୧ ଟି ସବୁଜ ଦୁବ ଗଣେଶଙ୍କୁ ଅର୍ପଣ କରନ୍ତୁ।
- ଏହା ପରେ 'ଓଁ ନମୋ ଭଗବତେ ଗଜାନନାୟ' ଏହି ମନ୍ତ୍ରର ୧୦୮ ଥର ଜପ କରନ୍ତୁ।
- ପ୍ରତିଦିନ ସକାଳ ଓ ସନ୍ଧ୍ୟା ସମୟରେ ପ୍ରଭୁଙ୍କୁ ହଳଦିଆ ରଙ୍ଗର ମୋଦକ ଅର୍ପଣ କରନ୍ତୁ। ଏହା ପରେ ଏହି ଭୋଗକୁ ପିଲାମାନଙ୍କୁ ବାଣ୍ଟି ଦିଅନ୍ତୁ।
- ଏହି ଉପାୟ ନିୟମିତ ୧୧ ଦିନ କରନ୍ତୁ।

**ଅଯଥା ଧନ ଖର୍ଚ୍ଚ ହେଉଥିଲେ କରନ୍ତୁ ଏହି ଉପାୟ –**

- ଗଣେଶଙ୍କ ହଳଦିଆ ରଙ୍ଗର ମୂର୍ତ୍ତିକୁ ପୂର୍ବ ଦିଗରେ ସ୍ଥାପନ କରନ୍ତୁ।
- ସବୁଜ ଦୁବ ଅର୍ପଣ ସହ ଧୂପଦୀପ ଅର୍ପଣ କରନ୍ତୁ।
- ନିୟମିତ ହଳଦିଆ ରଙ୍ଗର ମୋଦକ ଅର୍ପଣ କରନ୍ତୁ।
- ଗଣେଶଙ୍କ ମନ୍ତ୍ର ୧୦୮ ଥର ଜପ କରନ୍ତୁ।
- ଏହି ଉପାୟ ନିୟମିତ ୨୭ ଦିନ ପର୍ଯ୍ୟନ୍ତ କରନ୍ତୁ।

# ୫୦-୬୦ ବର୍ଷ ବ୍ୟକ୍ତି ଖାଆନ୍ତୁ ଏହି ଖାଦ୍ୟ

ବୟସ ଅନୁଯାୟୀ ସଭିଏଁ ନିଜ ଖାଦ୍ୟ ପ୍ରତି ସଚେତନ ହେବା ସହ କେତେ ପରିମାଣରେ ଓ କେଉଁ କେଉଁ ଖାଦ୍ୟ ଖାଇବା ଆବଶ୍ୟକ, ତାହା ମଧ୍ୟ ଜାଣିବା ଉଚିତ। ବୟସ ବଢିବା ସହ ଧିରେ ଧିରେ ଶରୀର ଦୁର୍ବଳ ହେବା ସହ କିଛି ରୋଗ ହେବାର



ମଧ୍ୟ ସମ୍ଭାବନା ଥାଏ। ଏଭଳି କ୍ଷେତ୍ରରେ ପୁଷ୍ଟିଯୁକ୍ତ ଖାଦ୍ୟ ସେବନ କରିବା ଉଚିତ। ଜାଣନ୍ତୁ ୫୦-୬୦ ବର୍ଷ ମଧ୍ୟରେ ବ୍ୟକ୍ତି କେଉଁ କେଉଁ ଖାଦ୍ୟ ଖାଇବା ଆବଶ୍ୟକ। ଏହି ବୟସର ବ୍ୟକ୍ତି କିଛି ସ୍ୱତନ୍ତ୍ର ଖାଦ୍ୟ ଖାଇବା ଆବଶ୍ୟକ।

ବାଦାମରେ ଅନେକ ପୋଷକ ତତ୍ତ୍ୱ ରହିଛି। ବାଦାମ ସେବନ କରିବା ଦ୍ୱାରା ମଧୁମେହ, ହୃଦୟଜନିତ ସମସ୍ୟା ଦୂର ସହ ଶରୀର ପାଇଁ ଲାଭଦାୟକ ହୋଇଥାଏ।

ଏହାସହ ଗହମରେ ପ୍ରସ୍ତୁତ ଜିନିଷ, ବାଜରା, ଦଲିଆ, ମାଟିଆ ଚାଉଳରେ ଅଧିକ ମାତ୍ରାରେ ଫାଇବର ରହିଛି। ଏହା ସେବନ କରିବା ଦ୍ୱାରା ଭୋକ ନିୟନ୍ତ୍ରଣ ହେବା ସହ ଶରୀରରୁ ରୋଗ ଦୂରେଇ ରହିଥାଏ।

ବୟସ ବଢିବା ସହ ହାଡ ଦୁର୍ବଳ ହେବାକୁ ଲାଗିଥାଏ। ତେଣୁ ଦହି ଖାଇବା ଉଚିତ। ଦହି ଖାଇବା ଦ୍ୱାରା ହାଡ ପାଇଁ ଲାଭଦାୟକ ହୋଇଥାଏ। ଏହାସହ ପାଚନ ତନ୍ତ୍ର ସୁସ୍ଥ ରହିଥାଏ।

ଅଣ୍ଡାରେ ଥିବା ଭିଟାମିନ୍ ଓ ମିନେରାଲ୍ସ ମାଂସପେଶୀକୁ ମଜଭୂତ କରିଥାଏ। ନିୟମିତ ଅଣ୍ଡା ଖାଇବା ଦ୍ୱାରା ସ୍ମରଣଶକ୍ତି ବୃଦ୍ଧି ହୋଇଥାଏ।

୫୦ରୁ ଅଧିକ ବୟସର ବ୍ୟକ୍ତି ସବୁଜ ପନିପରିବା ଓ ଶାଗ ଜାତୀୟ ଜିନିଷ ଖାଇବା ଉଚିତ। ଏହା ସେବନ ଦ୍ୱାରା ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ ହୋଇ ରହିଥାଏ ଓ ଦୃଷ୍ଟିଶକ୍ତି ବୃଦ୍ଧି କରିଥାଏ।

# ଘର ଓ ଦୋକାନରେ କାହିଁକି ଲଗାଯାଏ ଲେମ୍ବୁ-ଲଙ୍କା

ଆପଣ ଅନେକ ଘର ହେଉ ଅବା ଦୋକାନ ବାହାରେ ଲେମ୍ବୁ ଏବଂ କଞ୍ଚାଲଙ୍କା ଓହଳିଥିବା ନିଶ୍ଚିତ ଦେଖିଥିବେ। ଅନେକ ଲୋକ ନିଜ ଗାଡିରେ ମଧ୍ୟ ଲେମ୍ବୁ ଓ ଲଙ୍କା ଲଗାଇଥିବା ମଧ୍ୟ ଦେଖିଥିବେ। କିଛି ଲୋକ ଏହାକୁ ଅନ୍ଧବିଶ୍ୱାସ ମାନୁଥିବା ବେଳେ କିଛି ଲୋକ ଝୁଲାଇବାରେ ଆସ୍ଥା ରଖିଥାନ୍ତି। ଲେମ୍ବୁ ଓ ଲଙ୍କା ଝୁଲାଇବା ଦ୍ୱାରା ଘର କିମ୍ବା ଦୋକାନକୁ ଆସୁଥିବା ନକାରାତ୍ମକ ଶକ୍ତି ଦୂରେଇ ଯାଏ ବୋଲି ଲୋକଙ୍କର ବିଶ୍ୱାସ ରହିଛି। କୁପ୍ରଭାବରୁ ରକ୍ଷା ପାଇଁ ଲୋକ ଏହାକୁ ଲଗାନ୍ତି।

ତେବେ ଏହାକୁ ଲଗାଇବା ନେଇ ବୈଜ୍ଞାନିକ କାରଣ ରହିଛି। ଲେମ୍ବୁ ଏବଂ ଲଙ୍କା ଭଳି ଜିନିଷ ଆଖି ସାମ୍ନାରେ ଦେଖିବା ମାତ୍ରେ ଏହାର ସ୍ୱାଦ ଅନୁଭବ ଆମେ କରିଥାଉ। ତେଣୁ ଅଧିକ ସମୟ ପର୍ଯ୍ୟନ୍ତ ଆମେ ଏହାକୁ ଦେଖିପାରୁନାହିଁ। ନିଜର ଧ୍ୟାନ ହଟାଇ ଦେଉଥାଉ।

ଏହାସହିତ ବୈଜ୍ଞାନିକ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ, ଲେମ୍ବୁ ଅତ୍ୟଧିକ ଖଟା ଏବଂ ଲଙ୍କା ଅତ୍ୟଧିକ ରାଗ ହୋଇଥାଏ। ଏହାକୁ ଆମେ ଘରର ମୁଖ୍ୟଦ୍ୱାରରେ ଲଗାଇଥାଉ। ତେଣୁ ଦୁର୍ଗନ୍ଧ ହେଉ ଅବା ମାଛି କିମ୍ବା କୀଟପତଙ୍ଗ ଘର ଭିତରକୁ ଆସିପାରନ୍ତି ନାହିଁ। ଆଖପାଖର ବାତାବରଣ ଶୁଦ୍ଧ ରହିଥାଏ। ଘରେ ସମସ୍ତଙ୍କ ସ୍ୱାସ୍ଥ୍ୟ ଭଲ ରହିଥାଏ।

ବାସ୍ତୁ ମୁତାବକ, ଘର ହେଉ ଅବା ଦୋକାନ ଲେମ୍ବୁ ଓ ଲଙ୍କା ଝୁଲିବା ଦ୍ୱାରା କୁଦୃଷ୍ଟିରୁ ରକ୍ଷା ମିଳେ। ଲେମ୍ବୁର ଖଟାପଣ ଏବଂ ଲଙ୍କା ରାଗ ଖରାପ ପ୍ରଭାବକୁ କମ୍ କରିଥାଏ। ଏହାକୁ ଓହଳାଇବା ଦ୍ୱାରା ସମସ୍ତ ନକାରାତ୍ମକ ଶକ୍ତି ଆପଣଙ୍କ ସମ୍ପତ୍ତିରୁ ଦୂରେଇ ରହିଥାଏ। ଯଦି ଆପଣ ଦୋକାନରେ ଏହାକୁ ଲଗାନ୍ତୁ, ତେବେ ବିଜନେସରେ ଉନ୍ନତି ହୋଇଥାଏ।

ତେବେ କେବେ ବି ବଜାରରେ ମିଳୁଥିବା ପ୍ଲାଷ୍ଟିକ ଲେମ୍ବୁ ଲଙ୍କା କେବେ ବି ଲଗାନ୍ତୁ ନାହିଁ। ଏହାକୁ ଲଗାଇଲେ କୌଣସି ଫାଇଦା ମିଳେ ନାହିଁ। ତେଣୁ ଘରେ ହେଉ ଅବା ଦୋକାନରେ ସବୁବେଳେ ତାଜା ଲେମ୍ବୁ ଏବଂ ଲଙ୍କା ଲଗାନ୍ତୁ ଏବଂ ପ୍ରତିଦିନ ଏହାକୁ ବଦଳାନ୍ତୁ।

# କମ୍ପ୍ୟୁଟର ସାମ୍ନାରେ କାମ କରୁଥିଲେ ସତର୍କ ରୁହନ୍ତୁ

ଆଧୁନିକ ଜୀବନଶୈଳୀ ମଧ୍ୟରେ କମ୍ପ୍ୟୁଟର ସାମ୍‌ନାରେ ଅଧିକ ସମୟ ବସି କାମ କରିବା, ଗାଡି ଚଳାଇବା ଆଦି ଆଖି ଉପରେ ଚାପ ସୃଷ୍ଟି କରେ।

ଆଖି କ୍ଲାନ୍ତ ହେଉଥିବା ନେଇ କେତେକ ଲକ୍ଷଣରୁ ମଧ୍ୟ ଜାଣିପାରିବେ – ମୁଣ୍ଡବ୍ୟଥା, ବେକ ଦରଜ ହେବା, ପିଠି ଯନ୍ତ୍ରଣା, ଆଖି କୁଣ୍ଡାଇହେବା, ବେଳେବେଳେ ଆଖି ଜକାଇବା ନଚେତ ପୂରା ଶୁଖିଲା ଲାଗିବା, ଆଖି ଖୋଲିବାରେ ସମସ୍ୟା, କାନ୍ଧରେ ଯନ୍ତ୍ରଣା ଇତ୍ୟାଦି।

ଆଖି କ୍ଲାନ୍ତ ହେବାର କେତେକ ବିଶେଷ କାରଣ ରହିଥିବା ବେଳେ କ୍ଲାନ୍ତି ଲାଗିବା ଏଥିରୁ ପ୍ରମୁଖ। କମ୍ ଆଲୋକରେ ନିରେଖି ଦେଖିବା, ଦୀର୍ଘଯାତ୍ରାରେ ଗାଡି ଚଳାଇ ଯିବା, ଆଖିକୁ ବିଶ୍ରାମ ନମିଳିବା, ଅଧିକ ସମୟ ପଢିବା, ଆଖିରେ କୌଣସି ପ୍ରକାର ସମସ୍ୟା, ଭୁଲ୍ ମୁଦ୍ରାରେ ବସି ରହିବା, ଖାଲି ଆଖିରେ କିମ୍ବା କଣ୍ଟାକ୍ଟ ଲେନ୍ସ ବ୍ୟବହାର କରି କମ୍ପ୍ୟୁଟର ନଚେତ ଫୋନ୍‌କୁ ବହୁସମୟ ଦେଖିବା ତଥା ହିଟର, ଏସି, ଫ୍ୟାନ୍ ଆଦି ସଂସ୍ପର୍ଶରେ ବେଶୀ ସମୟ ଆସିଲେ ଆଖି କ୍ଲାନ୍ତ ହୋଇଯାଏ।

ଏପରି ସମସ୍ୟା ନିରାକରଣର ପ୍ରମୁଖ ଉପାୟ ହେଉଛି ପଢିବା କିମ୍ବା କାମ କରିବା ସମୟରେ କମ୍ପ୍ୟୁଟର ସାମ୍‌ନାରେ କ୍ରମାଗତ



ବସିରହିବା ଅଭ୍ୟାସ ଛାଡନ୍ତୁ। ମଝିରେ ମଝିରେ ବିରତି ନେଲେ ମାଂସପେଶୀର ଉତ୍ତେଜନା କମ୍ ହୋଇ ଆଖି ଆରାମ ପାଇବ। କିଛି ସମୟ ବ୍ୟବଧାନରେ ଆଖିରେ ପାଣି ଛାଟି ଧୁଅନ୍ତୁ। ଏହା ଆଖିକୁ ଆର୍ଦ୍ର ରଖିବା ସହ ଆରାମ ଦେବ। ଟିଭି କିମ୍ବା ଲ୍ୟାପଟପ ଚଳାଉଥିଲେ ଆଖପାଖରେ ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା ରଖନ୍ତୁ। କମ୍ ଆଲୋକରେ ବୈଦ୍ୟୁତିକ ଉପକରଣର ବ୍ୟବହାର ଆଖି ପାଇଁ କ୍ଷତିକାରକ ହୋଇଥାଏ। ଆଖିରେ ଅଧିକ ଯନ୍ତ୍ରଣା ହେଉଥିଲେ ତୁରନ୍ତ ଚକ୍ଷୁ ବିଶେଷଜ୍ଞଙ୍କ ସହ ଯୋଗାଯୋଗ କରନ୍ତୁ।

## କୁଆଡ଼େ ଗଲା ସିଏଏ ?

# ନିରାଶ ହୋଇ ଫେରିଲେ ୧୫ଶହ ଶରଣାର୍ଥୀ

ନୂଆଦିଲ୍ଲୀ: କେନ୍ଦ୍ରର କ୍ଷମତାସୀନ ବିଜେପି ସରକାର ମୁସଲିମଙ୍କୁ ଛାଡ଼ି ଭାରତରେ ଶରଣାର୍ଥୀ ଜୀବନ କାଟୁଥିବା ସବୁ ଧର୍ମର ଲୋକଙ୍କୁ ନାଗରିକତା ପ୍ରଦାନ କରିବାକୁ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ଆଣିଥିଲେ। ବିଶେଷ କରି ବାହାର ରାଷ୍ଟ୍ରରେ ଧାର୍ମିକ ଆକ୍ରୋଶର ଶିକାର ହେଉଥିବା ହିନ୍ଦୁମାନଙ୍କୁ ଭାରତର ନାଗରିକତା ଦେବା ପାଇଁ ସିଏଏ ଲାଗୁ କରାଯାଇଥିଲା। ୨୦୨୦ରୁ ସିଏଏ ଆଇନରେ ପରିଣତ ହୋଇଥିଲେ ମଧ୍ୟ ଏହାର ନିୟମ ଏଯାଏ ପ୍ରଣୟନ ହୋଇ ପାରୁନି। ଫଳରେ ଭାରତୀୟ ନାଗରିକତା ପାଇଁ ଆଶା ରଖିଥିବା ବାହାର ଦେଶର ହିନ୍ଦୁ ସଂପ୍ରଦାୟର ଲୋକମାନେ ନିରାଶ ହେବାରେ ଲାଗିଛନ୍ତି। ସ୍ଥିତି ଏପରି ହୋଇଛି ଯେ ସରକାରଙ୍କ ଉପରୁ ଭରସା ତୁଟାଇ ଗତ ୧୮ ମାସରେ ୧୫ଶହ ହିନ୍ଦୁ ଶରଣାର୍ଥୀ ପୁଣିଥରେ ପାକିସ୍ତାନକୁ ଫେରିଗଲେଣି।

ଶରଣାର୍ଥୀଙ୍କୁ ନାଗରିକତା ପ୍ରଦାନ ପାଇଁ ସରକାର ଲାଗୁ କରୁଥିବା କଠୋର ଆଇନ ଯୋଗୁ ସେମାନେ ପାକିସ୍ତାନ ଫେରିଛନ୍ତି। ପାକିସ୍ତାନରେ ଧାର୍ମିକ ନିର୍ଯାତନା ସହି ନ ପାରି ଏହି ହିନ୍ଦୁ ସଂପ୍ରଦାୟର ଲୋକମାନେ ଭାରତ ଆସିଥିଲେ। ସେମାନଙ୍କର ଆଶା ଥିଲା ଯେ ସରକାର ସେମାନଙ୍କୁ ବେଶ ସହଜରେ ନାଗରିକତା ପ୍ରଦାନ କରିବେ। ହେଲେ ଦୀର୍ଘ ବର୍ଷର ଅପେକ୍ଷା ସତ୍ତ୍ୱେ ସେମାନେ କୌଣସି ଲାଭ ନ ପାଇ ଏବେ ନିଜ ଭାଗ୍ୟକୁ ଓ ଭବିଷ୍ୟତକୁ ନେଇ ପୁଣି ପାକିସ୍ତାନ ଫେରିଛନ୍ତି। ସରକାରୀ ତଥ୍ୟ ଅନୁସାରେ, ୨୦୨୨ ଜାନୁଆରୀରୁ ଜୁଲାଇ ମଧ୍ୟରେ ୩୩୪ ପାକିସ୍ତାନୀ ହିନ୍ଦୁ ଶରଣାର୍ଥୀ ନିରାଶ ହୋଇ ପୁଣି ପାକିସ୍ତାନକୁ ଚାଲି ଯାଇଛନ୍ତି।

ସିମନ୍ତ ଲୋକ ସଂଗଠନ ସଭାପତି ହିନ୍ଦୁ ସିଂହ ସୋଧା କହିଛନ୍ତି, ୨୦୨୧ରୁ ଇତି ମଧ୍ୟରେ ପ୍ରାୟ ୧୫ଶହ ପାକିସ୍ତାନୀ ହିନ୍ଦୁ ପୁଣି ପାକିସ୍ତାନକୁ ଫେରି ଯାଇଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାରର ଅବହେଳା ଯୋଗୁ ପାକିସ୍ତାନରୁ ଆସି ଏଠାରେ ଶରଣାର୍ଥୀ ଜୀବନ କାଟୁଥିବା ହିନ୍ଦୁମାନେ ହଇରାଣ ହେଉଛନ୍ତି। ସେମାନେ ସରକାରଙ୍କ ଠାରୁ ଅନେକ କିଛି ଆଶା କରିଥିଲେ ମଧ୍ୟ



କୌଣସି ଲାଭ ପାଇ ନାହାନ୍ତି।

ଭାରତୀୟ ନାଗରିକତା ପ୍ରାପ୍ତ କରିବା ପାଇଁ ଅନେକ ପ୍ରକାରର କାଗଜପତ୍ର କାମ କରିବାକୁ ପଡୁଛି। ଏହି ସବୁ କାମ ପାଇଁ ଅଧିକାଂଶ ହିନ୍ଦୁ ଶରଣାର୍ଥୀଙ୍କ ପାଖରେ ଆର୍ଥିକ ସମ୍ବଳ ନାହିଁ। ତେଣୁ ସେମାନେ ବାଧ୍ୟ ହୋଇ ପୁଣି ପାକିସ୍ତାନକୁ ଚାଲି ଯାଇଛନ୍ତି। ସେହିପରି ବିପୁଳ ଟଙ୍କା ଖର୍ଚ୍ଚ କରି ମଧ୍ୟ ସେମାନେ ନାଗରିକତା ପାଇବେ କି ନାହିଁ, ତା'କୁ ନେଇ ମଧ୍ୟ ଦ୍ୱନ୍ଦ୍ୱରେ ରହୁଛନ୍ତି। ପ୍ରାୟ ୨୫ ହଜାର ପାକିସ୍ତାନୀ ହିନ୍ଦୁ ଭାରତର ନାଗରିକତା ପାଇବାକୁ ଲକ୍ଷ୍ୟ ରଖିଥିଲେ। ଏଥିପାଇଁ ସେମାନେ ୧୦ରୁ ୧୫ ବର୍ଷ ହେଲା ଶରଣାର୍ଥୀ ଜୀବନ ମଧ୍ୟ କାଟୁଛନ୍ତି। ୨୦୦୪ ଓ ୨୦୦୫ରେ ପାକିସ୍ତାନରୁ ଆସିଥିବା ହିନ୍ଦୁମାନଙ୍କୁ ନାଗରିକତା ପ୍ରଦାନ କରିବାକୁ ସ୍ୱତନ୍ତ୍ର କ୍ୟାମ୍ପର ଆୟୋଜନ କରାଯାଇଥିଲା। ଏହି ସମୟରେ ପ୍ରାୟ ୧୩ ହଜାର ହିନ୍ଦୁ ଭାରତର ନାଗରିକତା ପାଇଥିଲେ। କିନ୍ତୁ ଗଲା ୫ ବର୍ଷ ମଧ୍ୟରେ କେବଳ ୨ ହଜାର ପାକିସ୍ତାନୀ ହିନ୍ଦୁଙ୍କୁ ଭାରତର ନାଗରିକତା ପ୍ରଦାନ କରାଯାଇ ପାରିଛି।

ଏଥିରୁ କେନ୍ଦ୍ର ସରକାରଙ୍କ ଆଚରଣ ଓ ଉଚ୍ଚାରଣକୁ ନେଇ ଲୋକମାନେ ପ୍ରଶ୍ନ ଉଠାଇବା ଆରମ୍ଭ କରିଛନ୍ତି। ନିର୍ଯାତିତ ପାକିସ୍ତାନୀ ହିନ୍ଦୁମାନଙ୍କୁ ଭାରତର ନାଗରିକତା ପାଇଁ ମୋଟା ଅଙ୍କର ଟଙ୍କା ଦେବାକୁ ପଡୁଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନିୟମ ଅନୁଯାୟୀ, ଭାରତର ନାଗରିକତା ଆବେଦନ କରିବା ପାଇଁ ପ୍ରଥମେ ପାକିସ୍ତାନୀମାନଙ୍କୁ ସେମାନଙ୍କ ପାସପୋର୍ଟ ପୁନଃନବୀକରଣ କରିବାକୁ ହେବ।

ସେହିପରି ସେମାନେ ପାକିସ୍ତାନ ଦୂତାବାସରେ ନିଜର ପାସପୋର୍ଟ ଦାଖଲ କରିଥିବା ଗୋଟିଏ ସତ୍ୟପାଠ ମଧ୍ୟ ଆଣିବେ। ଏହାକୁ ନାଗରିକତା ପାଇଁ ଆବେଦନ କରିବା ସମୟରେ ଦାଖଲ କରିବାର ପ୍ରାବଧାନ ରହିଛି।

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଏପରି ନିୟମକୁ ଦୃଷ୍ଟିରେ ରଖି ପାକିସ୍ତାନ ଦୂତାବାସ ମଧ୍ୟ ନିଜର ଫି'କୁ ବୃଦ୍ଧି କରିଛି। ଶରଣାର୍ଥୀମାନଙ୍କୁ ପାସପୋର୍ଟ ନବୀକରଣ ପାଇଁ ୮ରୁ ୧୦ ହଜାର ଟଙ୍କାର ଫି' ଆକାରରେ ଦେବାକୁ ପଡ଼ିବ ବୋଲି ପାକିସ୍ତାନ ଦୂତାବାସ କହିଛି। ଏହାବାଦ ଅନେକ କଷ୍ଟସାଧ୍ୟ ନିୟମ ମଧ୍ୟ ରହିଛି। ଆର୍ଥିକ ଚାପ ଓ କଠୋର ନିୟମ ଯୋଗୁ ପାକିସ୍ତାନୀ ହିନ୍ଦୁମାନେ ନାଗରିକତା ପାଇ ପାରୁ ନାହାନ୍ତି।

ସେମାନେ ବାଧ୍ୟ ହୋଇ ପାକିସ୍ତାନ ଫେରୁଛନ୍ତି। ତେଣୁ ଭାରତର ନାଗରିକତା ପାଇଁ ପାକିସ୍ତାନ ପାସପୋର୍ଟ ଫେରାଇବା ନିୟମକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପ୍ରତ୍ୟାହାର କରିବା ଦରକାର ବୋଲି ସୋଧା ଦାବି କରିଛନ୍ତି।

## ୧୦ ଛୁଆ ଜନ୍ମ କଲେ ମିଳିବ ୧୦ ଲକ୍ଷ

ମସ୍କୋ: ୧୦ରୁ ଅଧିକ ଛୁଆ ଜନ୍ମ କଲେ ମିଳିବ ଅର୍ଥ ପୁରସ୍କାର। ଅଳ୍ପସ୍ୱଳ୍ପ ନୁହଁ ମୋଟା ଅଙ୍କର ମିଳିବ ଅର୍ଥ। ରୁଷର ମହିଳାମାନଙ୍କୁ ଏମିତି କିଛି ଲୋଭନୀୟ ଅଫର ଦେଇଛନ୍ତି ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍। ରୁଷରେ ଜନସଂଖ୍ୟା ବୃଦ୍ଧି ପାଇଁ ଆର୍ଥିକ ପ୍ରୋତ୍ସାହନ ଘୋଷଣା କରିଛନ୍ତି ରାଷ୍ଟ୍ରପତି ପୁଟିନ। ଜଣେ ମହିଳା ୧୦ରୁ ଅଧିକ ଛୁଆ ଜନ୍ମ କଲେ ରୁଷ ମୁଦ୍ରାରେ ୧୩,୫୦୦ ମିଳିବ। ଯାହା ଭାରତୀୟ ମୁଦ୍ରାରେ ୧୨,୯୪,୫୮୪,୨୬ ଟଙ୍କା ଅର୍ଥାତ ୧ ମିଲିଅନ ୨୯୪ ଟଙ୍କା। କୋଭିଡ୍ ମହାମାରୀ ଓ ରୁଷ ୟୁକ୍ରେନ୍ ଯୁଦ୍ଧରେ ଲକ୍ଷାଧିକ ଲୋକ ପ୍ରାଣ ହାରାଇବା ପରେ ରୁଷରେ ଉଦବେଗଜନକ ଭାବେ ଜନସଂଖ୍ୟା ହ୍ରାସ ପାଇଛି। ଦେଶରେ ଜନସଂଖ୍ୟା ହ୍ରାସ ପାଉଥିବାରୁ ସରକାରଙ୍କ ଚିନ୍ତାର କାରଣ ପାଲଟିଛି।

ତେଣୁ ଦେଶରେ ଜନସଂଖ୍ୟା ଠିକ୍ କରିବାକୁ ଉପରୋକ୍ତ ଯୋଜନାକୁ ଆପଣେଇବାକୁ ପଡ଼ିଛି। ଏ ସମ୍ପର୍କରେ ରୁଷ ରାଜନୀତି ଏବଂ ସୁରକ୍ଷା ବିଶେଷଜ୍ଞ ଡ.ଜେନ୍ନି ମର୍ମେର୍ଥସ ସୂଚନା ଦେଇଛନ୍ତି। ନୂଆ ସ୍କିମରେ ମାମାନଙ୍କୁ 'ମଦେର ହିରୋଇନ' ସମ୍ବୋଧିତ କରାଯିବ । ଚଳିତ ବର୍ଷ ମାର୍ଚ୍ଚ ମାସରେ କୋଭିଡ୍ କାରଣରୁ ରୁଷରେ ଅଧିକ ଲୋକେ ପ୍ରାଣ ହରାଇଥିଲେ। ସେହିପରି ୟୁକ୍ରେନ୍ ଯୁଦ୍ଧରେ ପ୍ରାୟ ୫୦,୦୦୦ ସୈନ୍ୟ ପ୍ରାଣ ହାରାଇଛନ୍ତି। ତେଣୁ ଏହି କ୍ଷତିର ଭରଣା ପାଇଁ ରୁଷ ସରକାର ଅଭିନବ ଯୋଜନା ପ୍ରଣୟନ କରିଛନ୍ତି । ସେହିପରି ରୁଷରେ ପରିବାର ବଡ଼ ସେମାନେ ଅଧିକ ଦେଶପ୍ରେମୀ ବୋଲି ପୁଟିନ କହିଛନ୍ତି। ସୋଭିଏତ ଏରାକୁ ଫେରାଇ ଆଣିବାକୁ ପୁଟିନ ସରକାରଙ୍କ ଲକ୍ଷ। ଯେଉଁ ମହିଳାମାନେ ୧୦ରୁ ଅଧିକ ଛୁଆ ଜନ୍ମ କରିବେ ସେମାନଙ୍କୁ ମଦେର ହିରୋଇନ୍ ଆଖ୍ୟା ଦିଆଯିବ ବୋଲି ସେ କହିଛନ୍ତି। ଜେନ୍ନି ମର୍ମେର୍ଥସ ଆହୁରି କହିଛନ୍ତି ଯେ, ୧୯୯୦ ପରଠାରୁ ରୁଷ ଜନସଂଖ୍ୟା ସଙ୍କଟ ଦେଇ ଗତି କରୁଛି। ଏହା ପରେ ୨୦୧୯ରେ ଆସିଥିବା କୋଭିଡ୍ ମହାମାରୀ ଦେଶ ପାଇଁ ବଡ଼ ବିପଦ ସାଜିଥିଲା। ମହାମାରୀରେ ଲକ୍ଷାଧିକ ଲୋକ ପ୍ରାଣ ହରାଥିବା ବେଳେ ୟୁକ୍ରେନ ଯୁଦ୍ଧ ସଙ୍କଟ ଏହି ସମସ୍ୟାକୁ ଅଧିକ ତୀବ୍ର କରିଥିଲା।

## ଦୋକାନ ଫେରିପାଇଲେ ଗ୍ରାଜୁଏଟ ଚାଏବାଲି

ପାଟନା: ପାଟନାର ଚର୍ଚ୍ଚିତ ଗ୍ରାଜୁଏଟ ଚାଏୱାଲି ପ୍ରିୟଙ୍କା ଗୁପ୍ତା ତାଙ୍କ ଚାହା ଷ୍ଟଲ ଫେରିପାଇଛନ୍ତି। ବିହାର ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ ଏବଂ ଆରଜେଡି ମୁଖ୍ୟ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବଙ୍କୁ ପ୍ରିୟଙ୍କା ଭେଟିବା ପରେ ତାଙ୍କ ସମସ୍ୟାର ସମାଧାନ ହୋଇଛି। ବେଆଇନ୍ ଉଚ୍ଛେଦ ଅଭିଯାନରେ ପ୍ରିୟଙ୍କାଙ୍କ ଚାହା ଷ୍ଟଲ ସିଜ୍ ହେବା ପରେ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ପ୍ରିୟଙ୍କା ଗୁପ୍ତାଙ୍କୁ ସମର୍ଥନ କରି ତାଙ୍କୁ ସହାୟତା କରିବାକୁ ବିଭିନ୍ନ ମହଲରୁ ସ୍ୱର ଉଠିଥିଲା। ପାଟନାର ସିଭିକ୍ ବଡି ପ୍ରିୟଙ୍କା ସମର୍ଥନରେ ବାହାରି ସରକାରଙ୍କୁ ଅପିଲ କରିଥିଲା। ଏହା ପରେ ପ୍ରିୟଙ୍କା ବିହାର ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବଙ୍କୁ ଭେଟିଥିଲେ। ପ୍ରିୟଙ୍କା ତାଙ୍କୁ ଏକ ଚିଠି ଲେଖି ସମସ୍ୟା ସମ୍ପର୍କରେ ଅବଗତ କରିବାକୁ ତେଜସ୍ୱୀ କହିଥିଲେ। ଏଥିରେ ଡେପୁଟି କମିଶନରଙ୍କୁ ଆଡ୍ରେସ କରିବାକୁ ତେଜସ୍ୱୀ କହିଥିଲେ। ପ୍ରିୟଙ୍କା ଏକ ଚିଠି ଲେଖି ତାଙ୍କ ଚାହା ଦୋକାନକୁ ପୁନଃ ଅବସ୍ଥାନ ପାଇଁ ନିବେଦନ କରିଥିଲେ। ଏହା ପରେ ମ୍ୟୁନିସିପାଲ କର୍ପୋରେଶନ ପକ୍ଷରୁ ତାଙ୍କୁ ଦାବି ପୂରଣ ନେଇ ପ୍ରତିଶ୍ରୁତି ମିଳିଥିଲା। ସେହିପରି ସେ ଚାହା ଷ୍ଟଲ ପାଇଁ ଏକ ଲାଇସେନ୍ସ ନେଇଥିବା କହିଥିଲେ। ପ୍ରିୟଙ୍କା ଅର୍ଥନୀତିରେ ସ୍ନାତକ ଡିଗ୍ରି ହାସଲ କରିଛନ୍ତି। ହେଲେ ଚାକରି ନମିଳିବାରୁ ସେ ଚା' ବିକ୍ରି କରିବା ଆରମ୍ଭ କରିଥିଲେ। ସ୍ନାତକ ଡିଗ୍ରି ହାସଲ କରିବା ପରେ ଦୁଇବର୍ଷ ପାଇଁ ଚାକିରି ଖୋଜିଥିଲେ। ସରକାରୀ ଚାକିରି, ବିଶେଷକରି ବ୍ୟାଙ୍କରେ ଚାକିରି



କରିବା ତାଙ୍କର ସ୍ୱପ୍ନ ଥିଲା। କିନ୍ତୁ ଦୁଇବର୍ଷର କଠିନ ପରିଶ୍ରମ ପରେ ସେ ସେଥିରେ ସଫଳ ହୋଇ ନଥିଲେ। ଏହା ପରେ ଏହି ପେସାକୁ ଆଦରି ନେଇଛନ୍ତି। ଏହାର ନାମ 'ଚାଇୱାଲୀ' ରଖିଛନ୍ତି।

ଗ୍ରାହକଙ୍କୁ ଆକର୍ଷିତ କରିବା ପାଇଁ ସେ ତାଙ୍କ ଦୋକାନର ବ୍ୟାନରରେ 'ପିଇବାକୁ ହିଁ ପଡ଼ିବ' ବୋଲି ଲେଖିଛନ୍ତି। ମସଲା ଚା', ଚକୋଲେଟ ଚା' ଭଳି ବିଭନ୍ନ ସ୍ୱାଦର ଚା' ସେ କପ୍ ପିଛା ୧୫ରୁ ୨୦ ଟଙ୍କା ଦାମ୍‌ରେ ବିକ୍ରି କରି ନିଜର ଆର୍ଥିକ ଗୁଜରାଣ ମେଣ୍ଟାଉ ଥିଲେ। ରାଜ ଭଗତ ନାମକ ଜଣେ ସାଙ୍ଗଠାରୁ ୩୦ ହଜାର ଟଙ୍କା ଆଣି ସେ ଟି ଷ୍ଟଲ ଆରମ୍ଭ କରିଥିଲେ। ୨୪ ବର୍ଷୀୟା ପ୍ରିୟଙ୍କାଙ୍କ ଘର ବିହାରର ପୂର୍ଣ୍ଣିଆ ଜିଲ୍ଲାରେ। କିନ୍ତୁ ପରବର୍ତ୍ତୀ ସମୟରେ ଜବରଦଲରେ ଥିବା ଦର୍ଶାଇ ପାଟନା ମ୍ୟୁନିସିପାଲ କର୍ପୋରେଶନ ତାଙ୍କ ଦୋକାନକୁ ସିଜ୍ କରିଥିଲା।

## ଅକ୍ଟୋବର ୧୭ରେ କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନ

ନୂଆଦିଲ୍ଲୀ: କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନ ଆସନ୍ତା ଅକ୍ଟୋବର ୧୭ରେ ହେବ। ଭୋଟ ଗଣନା ଅକ୍ଟୋବର ୧୯ରେ ହେବ। କଂଗ୍ରେସ କାର୍ଯ୍ୟକାଳରୀ କମିଟି(ସିଡବ୍ଲ୍ୟୁସି) ପକ୍ଷରୁ ଏହି ନିଷ୍ପତ୍ତି ହୋଇଛି। ଦଳର ଶୀର୍ଷସ୍ତର ନିଷ୍ପତ୍ତି ନେବାର କ୍ଷମତା ଥିବା ଏହି କମିଟିପକ୍ଷରୁ ନିର୍ବାଚନ ନେଇ ବିଧିବଦ୍ଧ ତାରିଖ ଘୋଘଣା କରାଯାଇଛି। ତେବେ ଏ ସମ୍ପର୍କରେ ସବିଶେଷ ବିଜ୍ଞପ୍ତି ସେପ୍ଟେମ୍ବର ୨ରେ ପ୍ରକାଶ ପାଇବ। ନିର୍ବାଚନ ପାଇଁ ସେପ୍ଟେମ୍ବର ୨୪ରୁ ସେପ୍ଟେମ୍ବର ୩୦ ମଧ୍ୟରେ ନୋମିନେଶନ ଫାଇଲ କରାଯିବ। ଅକ୍ଟୋବର ୧ରେ ଯାଞ୍ଚ କରାଯିବ। ଅକ୍ଟୋବର ୮ରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ରହିଛି। ଅକ୍ଟୋବର ୧୭ରେ ନିର୍ବାଚନ ହେବ ଏବଂ ଅକ୍ଟୋବର ୧୯ରେ ଗଣନା କରାଯାଇ ଫଳ ଘୋଷଣା କରାଯିବ। ଏହାପୂର୍ବରୁ ନିର୍ବାଚନ ପାଇଁ ଅଗଷ୍ଟ ୨୧ ତାରିଖରୁ ପ୍ରକ୍ରିୟା ଆରମ୍ଭ ହୋଇଯାଇଥିଲା।

ସେପ୍ଟେମ୍ବର ୨୦ ପରେ ଦଳର ନୂଆ ଅଧ୍ୟକ୍ଷ ନିର୍ବାଚିତ ହୋଇଥାନ୍ତେ। ହେଲେ ଏହି ପକ୍ରିୟା ବିଳମ୍ବ ହୋଇଥିଲା। ତେବେ କଂଗ୍ରେସ କାର୍ଯ୍ୟକାରିଣୀ ବୈଠକରେ ସୋନିଆ ଗାନ୍ଧି ଦଳର ଅଧ୍ୟକ୍ଷତା କରିଥିଲେ। ତାଙ୍କ ସହ ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧି ଓ ପ୍ରିୟଙ୍କା ଗାନ୍ଧି ଭଦ୍ରା ବୈଠକରେ ଯୋଗ ଦେଇଥିଲେ।

୨୦୧୯ ନିର୍ବାଚନ କଂଗ୍ରେସ ଦ୍ୱିତୀୟ ଥର ପାଇଁ ହାରିବା ପରେ ପରାଜୟରେ ନିଜକୁ ଦାୟୀ କରି ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଥିଲେ ରାହୁଲ। ଏହାପରେ ସୋନିଆ ଦାୟିତ୍ୱ ନେଇଥିଲେ। କିନ୍ତୁ ଦଳରେ ଜି-୨୩ ନେତାଙ୍କର ବିଦ୍ରୋହ ପରେ ସେ ମଧ୍ୟ ଅଗଷ୍ଟ ୨୦ ତାରଖରେ ଇସ୍ତଫା ପତ୍ର ଦେବାକୁ ରାଜି ହୋଇଯାଇଥିଲେ। ତେବେ ସିଡବ୍ଲୁସି ତାଙ୍କୁ ପଦରେ ରହିବାକୁ ଅନୁରୋଧ କରିଥିଲା।

## ଦୋଷ ନକରି ଦୋଷୀ

# ଦୁଷ୍କର୍ମ ଓ ହତ୍ୟା ମାମଲାରେ ୧୦ ବର୍ଷ ପରେ ମୁକ୍ତ

ଇଣ୍ଡୋର: ପ୍ରମାଣ ଅଭାବରୁ ଜଣେ ଦୁଷ୍କର୍ମ ଏବଂ ହତ୍ୟା ଦୋଷୀଙ୍କୁ ନିର୍ଦ୍ଦୋଶରେ ଖଲାସ କରିଛନ୍ତି ମଧ୍ୟପ୍ରଦେଶ ହାଇକୋର୍ଟ। ଅଭିଯୁକ୍ତ ଜଣକ ଦୋଷୀ ସାବ୍ୟସ୍ତ ହୋଇ ଜେଲରେ ରହିବାର ୧୦ ବର୍ଷ ପରେ ମୁକ୍ତ କରିଛନ୍ତି ହାଇକୋର୍ଟ। ତଳକୋର୍ଟ ସମ୍ପୃକ୍ତ ବ୍ୟକ୍ତି ଜଣଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ତେବେ ହାଇକୋର୍ଟ ଏହି ମାମଲା ତଦନ୍ତରେ ଅବହେଳା ଥିବା ଜାଣିବାକୁ ପାଇଥିଲେ। ସମ୍ପୃକ୍ତ ବ୍ୟକ୍ତିଙ୍କୁ ନିର୍ଦ୍ଦୋଶରେ ଖଲାସ କରି ତଦନ୍ତକାରୀ ଅଧିକାରୀ ଫୋରେନସିକ୍ ରିପୋର୍ଟକୁ ଅଣଦେଖା କରାଯାଇଥିବା କହିଛନ୍ତି। ସମ୍ପୃକ୍ତ ବ୍ୟକ୍ତି ଜଣକ ହେଉଛନ୍ତି ଧର ଜିଲ୍ଲାର ସତ୍ୟେନ୍ଦ୍ର କୁମାର ସିଂ। ୨୦୧୨ରେ ଫାଷ୍ଟ ଟ୍ରାକ କୋର୍ଟରେ ସେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ତାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଥିଲା। ଏହା ପରେ ସତ୍ୟେନ୍ଦ୍ର ମଧ୍ୟପ୍ରଦେଶ ହାଇକୋର୍ଟ ଇଣ୍ଡୋର ବେଞ୍ଚରେ ଆବେଦନ କରିଥିଲେ।



କୋର୍ଟ ସତ୍ୟେନ୍ଦ୍ର ସପକ୍ଷରେ ରାୟ ଦେଇଥିଲେ। ହତ୍ୟାରେ ଶିକାର ହୋଇଥିବା ମହିଳା ଜଣକ ହାତରେ ସତ୍ୟେନ୍ଦ୍ରଙ୍କ ଚୁଟି ଜବତ କରିଥିବା କହି ପୁଲିସ ଚାର୍ଜସିଟ ଫାଇଲ କରିଥିଲା। କିନ୍ତୁ ସେହି ଚୁଟି ସତ୍ୟେନ୍ଦ୍ରଙ୍କର କି ନୁହେଁ ତାହା ଡିଏନଏ ପରୀକ୍ଷା ପାଇଁ ପ୍ରସ୍ତାବ ଦେଇଥିଲା ଫୋରେନସିକ୍ ଟିମ୍। ହେଲେ ପୁଲିସ ତାହା ପାଳନ କରିନାହିଁ ବୋଲି କୋର୍ଟ କହିଛନ୍ତି। ଯାହା ନିହାତି ଆବଶ୍ୟକ। ଏହା କେବଳ ଆବେଦନକାରୀ ନୁହେଁ ବରଂ ମୃତ ବ୍ୟକ୍ତିଙ୍କ ପାଇଁ ଅନ୍ୟାୟ ହୋଇଛି। କାରଣ ପ୍ରକୃତ ଦୋଷୀ ଏଯାଏଁ ନିର୍ଭୟରେ ବୁଲୁଛି। ସେହିପରି ସତ୍ୟେନ୍ଦ୍ରଙ୍କ ବିରୋଧରେ ପୁଲିସ ଆବଶ୍ୟକ ପ୍ରମାଣପତ୍ର ଯୋଗାଡ଼ କରିପାରି ନାହିଁ ବୋଲି କୋର୍ଟ କହିଛନ୍ତି। ୨୦୧୧ରେ ସତ୍ୟେନ୍ଦ୍ରଙ୍କ ବିରୋଧରେ ଦୁଷ୍କର୍ମ ଓ ହତ୍ୟା ମାମଲା ରୁଜୁ କରିଥିଲା ପୁଲିସ। ସେତେବେଳେ ସତ୍ୟେନ୍ଦ୍ରଙ୍କୁ ମିଥ୍ୟା ମାମଲାରେ ଗିରଫ କରାଯାଇଥିବା ତାଙ୍କ ଓକିଲ ହାଇକୋର୍ଟ ବେଞ୍ଚରେ ଯୁକ୍ତି ରଖିଥିଲେ।

## ନ୍ୟୁୟର୍କରେ ଗାନ୍ଧିଙ୍କ ପ୍ରତିମୂର୍ତ୍ତି ଭାଙ୍ଗିଲେ ଦୁର୍ବୃତ୍ତ

ନ୍ୟୁୟର୍କ: ପୁଣିଥରେ ଆମେରିକାର ନ୍ୟୁୟର୍କରେ ମହାତ୍ମା ଗାନ୍ଧିଙ୍କ ପ୍ରତିମୂର୍ତ୍ତିକୁ ଦୁର୍ବୃତ୍ତମାନେ ଭାଙ୍ଗି ଦେଇଛନ୍ତି। ଦୁଇ ସପ୍ତାହ ମଧ୍ୟରେ ଏହା ଦ୍ୱିତୀୟ ଘଟଣା। ଦୁର୍ବୃତ୍ତମାନେ ପ୍ରତିମୂର୍ତ୍ତିଟିକୁ ପାଦ ପାଖରୁ ସଂପୂର୍ଣ୍ଣ ଭାଙ୍ଗି ଦେବା ସହ ଏହାକୁ ତଳେ ଫୋପାଡ଼ି ଦେଇଛନ୍ତି। ନ୍ୟୁୟର୍କରେ ଥିବା ଗୋଟିଏ ମନ୍ଦିରର ସାମ୍ନାରେ ଗାନ୍ଧିଙ୍କ ଏହି ପ୍ରତିମୂର୍ତ୍ତିଟି ରହିଥିଲା। ମିଡିଆ ରିପୋର୍ଟ ଅନୁସାରେ, ଅଗଷ୍ଟ ୧୬ରେ ଏହି ଘଟଣା ଘଟିଥିଲା। ଶ୍ରୀ ତୁଳସୀ ମନ୍ଦିର ସାମ୍ନାରେ ଥିବା ଗାନ୍ଧିଙ୍କ ପ୍ରତିମୂର୍ତ୍ତିଟିକୁ ଭଙ୍ଗାରୁଜା କରାଯାଇଛି। ତେବେ ୬ ଜଣ ଦୁର୍ବୃତ୍ତ ପ୍ରତିମୂର୍ତ୍ତିକୁ ସଂପୂର୍ଣ୍ଣ ଭାଙ୍ଗି ଦେବା ସହ ଅତ୍ୟନ୍ତ ଅଭଦ୍ର ଓ ବିଦ୍ୱେଷ ସୃଷ୍ଟି କରିବା ଭଳି କଥା ଭାଙ୍ଗିଥିବା ମୂର୍ତ୍ତି ଉପରେ ଲେଖିଛନ୍ତି।

ପ୍ରତିମୂର୍ତ୍ତି ଭାଙ୍ଗିଥିବା ଯୁବକଙ୍କ ବୟସ ୨୫ରୁ ୩୦ ବର୍ଷ ହେବ ବୋଲି କୁହାଯାଉଛି। ପୁଲିସ୍ ଘଟଣାସ୍ଥଳର ଭିଡିଓ ଜାରି କରିଥିଲେ ମଧ୍ୟ ଦୁର୍ବୃତ୍ତମାନଙ୍କ ମୁହଁ ଠିକ ଭାବେ ଦେଖାଯାଉ ନାହିଁ। ପ୍ରତିମୂର୍ତ୍ତି ଭାଙ୍ଗିବା ପରେ ସେମାନେ ଗୋଟିଏ ଧଳା ରଙ୍ଗର ମର୍ସିଡିଜ ବେଞ୍ଜ ଓ ଆଉ ଗୋଟିଏ କଳା ରଙ୍ଗର ଟୋୟାଟା କାମରୀ କାରରେ ଫେରାର ହୋଇ ଯାଇଥିବା ପୁଲିସ କହିଛି। ନ୍ୟୁୟର୍କରେ ଥିବା ଭାରତର କନସ୍ୟୁଲେଟ ଜେନେରାଲ ଘଟଣାର



ନିନ୍ଦା କରିଛନ୍ତି। ସେ ଘଟଣା ସମ୍ପର୍କରେ ଆମେରିକା ଅଧିକାରୀମାନଙ୍କ ସହ କଥା ହୋଇଛନ୍ତି। ଏଥିସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଛନ୍ତି। ଏହାପୂର୍ବରୁ ଅଗଷ୍ଟ ୩ରେ ମଧ୍ୟ ନ୍ୟୁୟର୍କରେ ଥିବା ଆଉ ଗୋଟିଏ ଗାନ୍ଧି ମୂର୍ତ୍ତିକୁ ମଧ୍ୟ ଦୁର୍ବୃତ୍ତମାନେ ଭାଙ୍ଗି ଦେଇଥିଲେ।

## ଦୁର୍ଗାପୂଜା ନେଇ ଦିଦିଙ୍କ ବଡ଼ ଘୋଷଣା

# ପୂଜା କମିଟି ପାଇଁ ୬୦ ହଜାର ଟଙ୍କା ବୃଦ୍ଧି

କୋଲକାତା: ଦୁର୍ଗାପୂଜା ନେଇ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ବଡ଼ ଘୋଷଣା। ଚଳିତ ବର୍ଷ ରାଜ୍ୟରେ ପୂଜା କମିଟିକୁ ଆର୍ଥିକ ସହାୟତା ବୃଦ୍ଧିକୁ ଅନୁମୋଦନ କରିଛନ୍ତି ସରକାର। ଏ ବର୍ଷ ରାଜ୍ୟ ସରକାର ୫୦,୦୦ରୁ ୬୦,୦୦୦ ଟଙ୍କା ବୃଦ୍ଧି କରିଛନ୍ତି। ପୂର୍ବ ବର୍ଷ ପୂଜା କମିଟିକୁ ୫୦,୦୦୦ ଟଙ୍କା ଲେଖାଁଏ ଆର୍ଥିକ ସହାୟତା ଦେଇଥିଲେ ସରକାର। ଚଳିତ ବର୍ଷ ପୂଜା କମିଟିକୁ ୬୦,୦୦୦ ଟଙ୍କା ମିଳିବା ନେଇ ମମତା ଘୋଷଣା କରିଛନ୍ତି। ଦୁର୍ଗାପୂଜା ସାଙ୍ଗଠନିକ କମିଟି ସଦସ୍ୟଙ୍କ



ବୈଠକରେ ମମତା ଯୋଗ ଦେଇଥିଲେ। ଏହି ବୈଠକ ନେତାଜୀ ଇଣ୍ଡୋର ଷ୍ଟାଡିୟମରେ ହୋଇଥିଲା। ଏହି ବୈଠରେ ମମତା ଦୁର୍ଗାପୂଜା କମିଟି ସଦସ୍ୟଙ୍କ ପାୱାର ଟାରିଫ ୬୦ ପ୍ରତିଶତ ଡିସକାଉଣ୍ଟ ଘୋଷଣା କରିଥିଲେ। ସେହିପରି ଦୁର୍ଗାପୂଜା ପାଇଁ ମମତା ବାନାର୍ଜୀ ସେପ୍ଟେମ୍ବର ୩୦ରୁ ଅକ୍ଟୋବର ୧୦ ପର୍ଯ୍ୟନ୍ତ ସରକାରୀ ଛୁଟି ଘୋଷଣା କରିଛନ୍ତି। ଅକ୍ଟୋବର ୮ରେ କୋଲକାତାର କାର୍ଣ୍ଣିଭାଲରେ ସକରାର ଦୁର୍ଗା ପୂଜା ପାଳନ କରିବା ନେଇ ଘୋଷଣା କରିଥିଲେ। ଚଳିତ ବର୍ଷ ଅକ୍ଟୋବର ୧ରୁ ୫ ପର୍ଯ୍ୟନ୍ତ ଦୁର୍ଗା ପୂଜା ପାଳନ ହେବ। ପଶ୍ଚିମବଙ୍ଗରେ ବେଶ ଧୂମଧାମରେ ପାଳନ ହୁଏ ଦୁର୍ଗାପୂଜା ପର୍ବ।

ମମତା ସରକାର ଏହି ନିଷ୍ପତ୍ତି ଜରିଆରେ ବଡସ୍ତରରେ ଧାର୍ମିକ ଭାବନା ସହ ଜଡିତ ଜନସାଧାରଣଙ୍କୁ ଆକୃଷ୍ଟ କରିବାକୁ ପ୍ରୟାସ କରିଛନ୍ତି। ଏହାପୂର୍ବରୁ ଗତବର୍ଷ ମମତା ବାନାର୍ଜୀଙ୍କ ସରକାର ଦୁର୍ଗପୂଜା କମିଟିକୁ ନେଇ ବଡ ଘୋଷଣା କରିଥିଲେ । ସେହିପରି ୨୦୨୦ରେ ମମତା ବାନାର୍ଜୀ ଦୁର୍ଗାପୂଜା କମିଟିକୁ ୫୦ ହଜାର କୋଟି ଟଙ୍କା ଅନୁଦାନ ଦେଇଥିଲେ ।

# 'ସ୍ୱପ୍ନର ଘର'କୁ ୫୦୦ ଫୁଟ ପଛକୁ ଘୁଞ୍ଚାଉଛନ୍ତି ଚାଷୀ

ସଙ୍ଗରୁର: ଦୀର୍ଘ ବର୍ଷର କଠିନ ପରିଶ୍ରମ ଓ ଟଙ୍କା ସଞ୍ଚୟ କରି ନିଜ ଜମିରେ ସ୍ୱପ୍ନର ଘର କରିଥିଲେ ଜଣେ ଚାଷୀ। ଏଥିପାଇଁ ଖର୍ଚ୍ଚ ହୋଇଥିଲା ଦେଢ଼ କୋଟି ଟଙ୍କା। ଏବେ କିନ୍ତୁ ତାଙ୍କ ଜମିରେ ସରକାର ଲୋକଙ୍କ ସୁବିଧା ପାଇଁ ଏକ୍ସପ୍ରେସୱେ ତିଆରି କରିବାକୁ ଚାହୁଁଛନ୍ତି। ଏଥିପାଇଁ ଚାଷୀଙ୍କୁ ନିଜ ସ୍ୱପ୍ନର ଘର ଭାଙ୍ଗିବାକୁ ସରକାର କହିଥିଲେ। ଏଥିସହ କ୍ଷତିପୂରଣ ଦେବାକୁ ମଧ୍ୟ ରାଜି ହୋଇଥିଲେ। ହେଲେ ଚାଷୀ ଜଣଙ୍କ ନିଜ ପରିଶ୍ରମ ବଳରେ ତିଆରି କରିଥିବା ଘରକୁ ଭାଙ୍ଗିବାକୁ ରାଜି ନାହାନ୍ତି। ସେ ଘରକୁ ଭାଙ୍ଗିବା ବଦଳରେ ଏହାକୁ ଅକ୍ଷତ ଅବସ୍ଥାରେ ନିର୍ମାଣ ସ୍ଥଳରୁ ୫୦୦ ଫୁଟ ପଛକୁ ନେବାକୁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ବର୍ତ୍ତମାନ ତାଙ୍କ ସ୍ୱପ୍ନର ଘର ଅକ୍ଷତ ଅବସ୍ଥାରେ ପଛକୁ ଘୁଞ୍ଚିବା ମଧ୍ୟ ଆରମ୍ଭ ହୋଇଛି। ପଞ୍ଜାବର ସଙ୍ଗରୁର ଠାରେ ସୁଖବିନ୍ଦର ସିଂହ ସୁଖୀ ନାମକ ଜଣେ ଚାଷୀ



ରୋଶନୱାଲା ଗାଁରେ ଥିବା ନିଜ ଜମିରେ ଦୁଇ ମହଲାର ଗୋଟିଏ କୋଠା ଘର ତିଆରି କରିଛନ୍ତି। ଏହା ତାଙ୍କ ସ୍ୱପ୍ନର ଘର। ଏଥିପାଇଁ ସେ ଦୀର୍ଘ ବର୍ଷ ହେଲା ପରିଶ୍ରମ କରି ଅର୍ଥ ସଞ୍ଚୟ କରିଥିଲେ। ଶେଷରେ ୧.୫ କୋଟି ଟଙ୍କା ଦେଇ ଘର ମଧ୍ୟ ନିର୍ମାଣ କରିଥିଲେ।

ହେଲେ ସରକାର ନିର୍ମାଣ କରୁଥିବା ଦିଲ୍ଲୀ-ଅମୃତସର-କତ୍ରା ଏକ୍ସପ୍ରେସୱେ ତାଙ୍କ ଘର ପ୍ରତି ବିପଦ ସୃଷ୍ଟି କରିଛି। ତାଙ୍କ ଜମି ଦେଇ ଏକ୍ସପ୍ରେସ ୱେ ଯିବାର ଥିବାରୁ ସରକାର ସୁଖବିନ୍ଦରଙ୍କ ଘର ଭାଙ୍ଗିବାକୁ ଚାହୁଁଥିଲେ। ଏଥିପାଇଁ ପଞ୍ଜାବ ସରକାର ଉପଯୁକ୍ତ କ୍ଷତିପୂରଣ ଦେବେ ବୋଲି କହିଥିଲେ। ହେଲେ ସୁଖବିନ୍ଦର ସାମାନ୍ୟ କୁଣ୍ଠାବୋଧ ପ୍ରକାଶ କରିଥିଲେ।

ତାଙ୍କ ମନର ବ୍ୟଥାକୁ ପଞ୍ଜାବ ସରକାର ବୁଝିବା ସହ ଘରକୁ ନ ଭାଙ୍ଗି ପୂରା ଦୁଇ ମହଲାର ବିଲଡିଂକୁ ନୂଆ ଜ୍ଞାନକୌଶଳ ଜରିଆରେ ପଛକୁ ଘୁଞ୍ଚାଇବାକୁ ନିଷ୍ପତ୍ତି ନେଇଥିଲେ। ଲୋକଙ୍କ ଯାତାୟାତ ସୁବିଧା ପାଇଁ ରାସ୍ତା ତିଆରି ହେଉଥିବାରୁ ସୁଖବିନ୍ଦର ସିଂହ ମଧ୍ୟ ନିଜ ଜମିକୁ ଦେବାକୁ ମନା କରି ନାହାନ୍ତି। ବର୍ତ୍ତମାନ ଚାଷୀଙ୍କ ଘରକୁ ସ୍ୱତନ୍ତ୍ର ଇଞ୍ଜିନିୟର ଓ ଗାଁର ନିର୍ମାଣ ଶ୍ରମିକଙ୍କ ଦ୍ୱାରା ପଛକୁ ଘୁଞ୍ଚାଇବା ପ୍ରକ୍ରିୟା ଆମ୍ଭ କରାଯାଇଛି। ଏବେ ସୁଦ୍ଧା ଘରଟି ନିର୍ମାଣ ସ୍ଥାନରୁ ଅକ୍ଷତ ଭାବେ ୨୫୦ ଫୁଟ ପଛକୁ ଘୁଞ୍ଚି ସାରିଲାଣି। ଏବେ ବାକି ୨୫୦ ଫୁଟ ଦୂରତା ଲକ୍ଷ୍ୟ ପୂରଣ ପାଇଁ ଉଦ୍ୟମ ଜାରି ରହିଛି।

ସାମ୍ନାକୁ ଆସିଥିବା ଭିଡିଓରେ ଘରକୁ ପଛକୁ ନିଆ ଯାଉଥିବା ବେଳର ଦୃଶ୍ୟ ରହିଛି। ଘରକୁ ଘୁଞ୍ଚାଇବା ପାଇଁ କିଛି ସ୍ୱତନ୍ତ୍ର ଗିୟର୍ସର ବ୍ୟବହାର କରାଯାଉଛି। ଏହାଦ୍ୱାରା ହିଁ ଘରକୁ ବେଶ ସତର୍କତାର ସହ ସୁଖବିନ୍ଦର ସିଂହଙ୍କ ଜମିରୁ ପଛକୁ ନିଆ ଯାଉଛି।

ଚାଷୀ ସୁଖବିନ୍ଦର କହିଛନ୍ତି, ଏହି ଘର ତିଆରି ପାଇଁ ମୋତେ ୨ ବର୍ଷ ସମୟ ଲାଗିଛି। ଏଥିପାଇଁ ୧.୫ କୋଟି ଟଙ୍କା ଖର୍ଚ୍ଚ ମଧ୍ୟ ହୋଇଛି। ଏହା ମୋର ସ୍ୱପ୍ନର ଘର। ମୁଁ ଆଉ ଗୋଟିଏ ଘର ତିଆରି କରିବାକୁ ଚାହୁଁନି।

ଦିଲ୍ଲୀ-ଅମୃତସର-କତ୍ରା ଏକ୍ସପ୍ରେସ ୱେ ହରିଆଣା, ପଞ୍ଜାବ ଓ ଜମ୍ମୁ-କଶ୍ମୀର ଦେଇ ଯିବ। କେନ୍ଦ୍ର ସରକାରଙ୍କ ଭାରତମାଳା ପ୍ରକଳ୍ପ ଅଧୀନରେ ଏହି ରାସ୍ତା ତିଆରି କରାଯାଉଛି।

## ସଂ ପା ଦ କୀ ୟ

# ଦିଗହରା ବାଟୋଇ

ଜାତୀୟ ରାଜନୈତିକ ଦୃଷ୍ଟିପଟ୍ଟରେ ଅନେକ କଥା ଏବେ ସୃଷ୍ଟି ହେଉଛି ଯାହାକୁ ନେଇ ଅନେକ ବିତର୍କ ଚାଲୁଛି। ଗଣମାଧ୍ୟମକୁ ମାଧ୍ୟମ କରି ଯିଏ ଯେମିତି ପାରୁଛି ସାଧାରଣ ଜନତାଙ୍କୁ ବୋକା ବନାଇବାର ଦୃଢ଼ ପ୍ରୟାସ ଜାରି ରଖିଛନ୍ତି। ମୋର ସୀମିତ ଜ୍ଞାନ ଭିତରେ ଘଟଣା ବହୁଳ କାର୍ଯ୍ୟଧାରା ମଧ୍ୟରୁ ଗୋଟିଏ ବା ଦୁଇଟି କଥାକୁ ଆଲୋଚନା ଭିତରକୁ ନେବାର ପ୍ରୟାସ କରୁଛି।

ପ୍ରଥମ ଘଟଣା ଗୁଲାମନବି ଆଜାଦ ଯିଏକି ଏବେ ସଦ୍ୟ କଂଗ୍ରେସର ପ୍ରାଥମିକ ସଦସ୍ୟତାରୁ ଇସ୍ତଫା ଦେଇଛନ୍ତି ଏବଂ ଏହାର କାରଣ ସିଏ ଦର୍ଶାଇଛନ୍ତି। ସେ ଅତୀତରେ ଜାମ୍ମୁକାଶ୍ମୀରର ମୁଖ୍ୟମନ୍ତ୍ରୀ, କେନ୍ଦ୍ର ସରକାରରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଏବଂ ରାଜ୍ୟସଭାରେ ବିରୋଧୀ ଦଳର ନେତା ମଧ୍ୟ ଥିଲେ। ଏହି ସବୁ ପଦବୀ ସେ ନିଜର ବ୍ୟକ୍ତିଗତ ଦଳ କରି ନଥିଲେ ବରଂ କଂଗ୍ରେସ ଦଳରେ ଥିବାରୁ ଦଳ ତରଫରୁ ତାଙ୍କୁ ଏହି ସବୁ ପଦବୀ ପାଇଁ ବଛା ଯାଇଥିଲା। ହୋଇପାରେ ତାଙ୍କର ଦଳୀୟ ନେତୃତ୍ୱ ସହ ମତାନ୍ତର ବା ମନାନ୍ତର ହୋଇଥାଇପାରେ କିନ୍ତୁ ଦୀର୍ଘ ବର୍ଷ ଧରି ଯେଉଁ ଦଳ ବା ଘର ତମକୁ ପରିଚୟ ଦେଇଥିଲା, ପ୍ରତିଷ୍ଠା ଦେଇଥିଲା ଯେତେବେଳେ ଦଳକୁ ତମର ଆବଶ୍ୟକତା ଅଛି, ଯେତେବେଳେ ଦରଦାମ ଆକାଶ ଛୁଆଁ, ବେରୋଜଗାରୀରେ ଆମେ ବହୁତ ଆଗରେ ସେତେବେଳ ପୁଣି ଜୀବନର ପରିଣତ ବୟସ (୭୩)ରେ ସାଧାରଣ ଲୋକଙ୍କ କଥା ନଭାବି ନିଜର ସ୍ୱାର୍ଥପାଇଁ କାହିଁକି ଏଭଳି ନିଷ୍ପତ୍ତି ନେଲେ ?

ଭରତୀୟ ଜନତା ପାର୍ଟିରେ ଅନେକ ନେତାମାନଙ୍କ ମଧ୍ୟରୁ ଲାଲକ୍ରିଷ୍ଣ ଆଡଭାନୀଙ୍କ କଥା ବିଚାର କରାଯାଇପାରେ। ଯିଏକି ଅନେକ କଷ୍ଟ ସହି, ଅନେକ ଦ୍ୱନ୍ଦ ଭିତରେ ଦଳକୁ ମଜଭୁତ୍ କରି ଗଢ଼ିଥିଲେ। ସେ କୋଣଠେସା ହେଲେବି ବିଜେପିରେ ଏବେବି ଅଛନ୍ତି। ସେମିତି ନିତିନ୍ ଗଡ଼କରି ମଧ୍ୟ ଅନ୍ୟତମ। ସେମାନେ ଦଳରେ ରହି ଯାହା ସମ୍ଭବ ଜନାଭିମୂଖୀ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରି ରଖିଛନ୍ତି। ତେବେ ୭୩ ବର୍ଷ ବୟସରେ ଜନାବଙ୍କର ଏଭଳି କ'ଣ ଆବଶ୍ୟକତା ବାକି ରହିଗଲା ଯେ ନିଜେ ପୂର୍ବରୁ କହିଥିବା କଥାକୁ ପୁଣି ପରିବର୍ତ୍ତନ କରି ଦଳ ଛାଡ଼ିବାକୁ ପଡୁଛି।

**ଭୟ ନା ଲୋଭ-** କାହାର ବଶବର୍ତ୍ତୀ ହେବାକୁ ପଡୁଛି ତାଙ୍କୁ ତାହା ବିଚାର ଯୋଗ୍ୟ।

**ଦ୍ୱିତୀୟ ଘଟଣା-** ଦେଶରେ ଯେତେବେଳେ ଅନେକ ଉଦ୍ୟୋଗପତି ବ୍ୟବସାୟରେ ମାନ୍ଦା ଅବସ୍ଥା ଦେଇ ଗତି କରୁଛନ୍ତି, ସେ ମଧ୍ୟରେ କିଛି ହାତ ଗଣତି ଉଦ୍ୟୋଗପତିଙ୍କ ବ୍ୟବସାୟରେ ଆଶାତୀତ ଉତ୍ଥାନ ହୋଇ ବିଶ୍ୱ ଦରବାରରେ ପ୍ରଥମ ୧୦ ଜଣଙ୍କ ମଧ୍ୟରେ ସ୍ଥାନିତ ହୋଇଛନ୍ତି। ସେଇ ଚେଷ୍ଟାରତ ଉଦ୍ୟୋଗପତିଙ୍କ ପାଇଁ ଯେକୌଣସି ବ୍ୟବସାୟ କଷ୍ଟସାଧ୍ୟ ନୁହେଁ ବା ପୁଞ୍ଜି ଅଭାବ ମଧ୍ୟ ନାହିଁ। କିଛି ଦିନ ତଳେ ଏନ୍‌ଡି ଟିଭିର ଅଂଶଧନ ଗଳାବାଟ ବାଟି ଦେଇ କିଣିବାର ପ୍ରକ୍ରିୟା ସାଧାରଣ ଲୋକଙ୍କୁ କି ପ୍ରକାରର ବର୍ତ୍ତା ଦେଉଛି ?

ଶେଷରେ ଆମେ ସମସ୍ତ ବିଚାର କରିବା କଥା କୋଉଟା, କେଉଁଠି ବା କାହାପାଇଁ ଠିକ୍? ପିଲାଙ୍କୁ ଭରଣ ପୋଷଣ କରି ବଡ଼ ମଣିଷ କରିବା ଭୁଲ୍? ନା ସାଧାରଣ ଲୋକଙ୍କ ସମସ୍ୟାକୁ ଉତ୍‌ଥାପିତ କରିବା ଭୁଲ? ଏସବୁ ଗୋଲକ ଧନ୍ଦା ଭିତରେ ଛନ୍ଦି ହୋଇ ନିଜର ପେଟପାଟଣା ପାଇଁ ସଂଗ୍ରାମରତ ସାଧାରଣ ମଣିଷର ଗତି କୁଆଡେ ଯିବ ?

ସଂପାଦକୀୟ ପୃଷ୍ଠା ପାଇଁ ଲେଖା ଦେବାକୁ ଚାହୁଁଥିଲେ
ଆମ ଠିକଣାରେ
Sector-1/163 HIG Dupled, Niladri Vihar,
Po- Sailashree Vihar, Bhubaneswar - 751021
E-mail: odishasanket@gmail.com

# ସମୟ ସହ ପରିସ୍ଥିତି

**ମୋହନ ବିଶି**

"ହୃଦୟ ଯଦି ବ୍ୟକ୍ତ ହୁଏ। ତାହେଲେ କହେ ହେ ପ୍ରିୟ ପରମ; ମୋ ପାଖରେ କିଛି ନାହିଁ। ମୁଁ ପଙ୍ଗୁ, ଜଡ, ଶିଳା, ପଥର ମୋର ନିସ୍ତାର କାହିଁ। କାହିଁ ସେ ଫୁଲର ମହକ। ବାସନାର କୁହୁକ। ଅହଂର ତାଡନା। ବାସନାର ନିର୍ବିକାର। ମଣିଷତ୍ୱର ଅସଲି ପରିଚୟ। ଏହି ବାସୁଥିବା ଫୁଲର ମହକରୁ ପାଇବ କଣ ?? ଯିଏ ନିଜକୁ ଚିହ୍ନିନି, ନିଜେ ଆସିଛି ଜାଣିନି କର୍ତ୍ତବ୍ୟ କଣ? ଜାଣିନି ଭାବନାର ଭାବକୁ, ନାଚିଚାଲିଛି ସବୁ ଭୁଲି ପାଦରେ ପାଦ ଛନ୍ଦି। ଭୁଲିଯାଇଛି ସଂସାର ଭାବନା।ସେ ପେଟପାଟଣାର ଦାସାନୁଦାସ। ଆତ୍ମା ଶୀତଳେ ସର୍ବସିଦ୍ଧି। ଆତ୍ମା କାନ୍ଦିଲେ ନାନା ବିଧି। ସେହି ଆତ୍ମାର ଜୟଗାନ ହୁଏ।

ହୃଦୟ କେବେ ବ୍ୟକ୍ତ, କେବେ ଅବ୍ୟକ୍ତ। ହୃଦୟ ଯଦି ଅବ୍ୟକ୍ତ ହୁଏ। ସେ କାହାର ନୁହେଁ। ହୃଦୟ ନିର୍ବିକାର। ପାଇବାର ଆଶା କି ହରାଇବାର ଦୁଃଖ ତାର ନାହିଁ। ସମର୍ପଣ ଭାବ ହିଁ ତାର। ସଜଫୁଟା ଗୋଲାପର ମହକ ତାକୁ ଛୁଇଁ ପାରେନା। ମୋହରେ ସେ ବିମୁଖ। ଛନ୍ଦରେ ଭାବିତ। ଦ୍ୱିଧାରେ ତିରସ୍କାର। ସେ ଏକ, ଭିନ୍ନ, ଅଭିନ୍ନ। ସେ ଦୁର୍ବଳ ହେବାକୁ ଚାହେଁନା। କାହା ଆଗରେ ପ୍ରେମ ଭିକ୍ଷା କରେନାହିଁ। ନିଜ ଭୁଲକୁ ସ୍ୱୀକାର କରେ। ହଁ ସତ୍ୟ ଯଦି ଛୁଇଁ ଥାଏ ଅସତ୍ୟର ରେଖା ହୃଦୟ ସହିପାରେନା। ତାର ଭଲ ପାଇବା ଶିର୍ଷରେ ମହତ୍ୱର ପରାକାଷ୍ଠା ଝଲସି ଉଠେ।କିଏ ବୁଝିପାରେନା। କିଏ ଜାଣିପାରେନା। ଉଛୁଳି ଉଠେ। କୂଳ ଲଂଘେ। ତୀକ୍ଷଣ ମନ ଭେଦି ବାଣ ବିଗଳିତ କରିପାରେନା, ବିଚଳିତ କରିପାରେନା। ରକ୍ତ ମାସଂର ଶରୀର ଦୋହଲି ଉଠେ। କଳବିକଳ ହୁଏ। ଚହଲି ଯାଏ କଅଁଳ ମନ। ଶିହରି ଯାଏ ଖିଆଲି ମନ। ବାସ୍ତବବାଦୀ ମଣିଷର ମୋହରେ ଭାଂଗୀଯାଏ ସୁଷମା ସୌଧ। ଛିଣ୍ଡିଯାଏ ରେଶମି ରଜ୍ଜୁ। ତୁଟିଯାଏ ମୋହଗ୍ରସ୍ତ ମନର ଖିଆଲ। ପୁଣି ଚେଇଁ ଉଠିବାର ମୋହ, ତାଲୁ ତଳିପାର ଶିହରଣ ଓ ଜରାଗ୍ରସ୍ତ ଜୀବନର ବଂଚିବାର ସଂଗ୍ରାମ। ସ୍ନେହରେ ବଂଧା ମନ ପରିଶୋଧରେ ନିଆଁବାଣ। ପରିଶୋଧ କାର ନୁହେଁ ସେହି ସ୍ନେହ ପିପାସୁ ଚାହାଣୀର। ସେହି ମମତା ପିଆସି ହୃଦୟର। ହୃଦୟର ଡାକକୁ ସହିପାରେନା ମନ। ସେ ଭଂଗା ଦଦରା ନାଆରେ ପାରିହେବ ସିନା। ଅଥୟ ସେ। ଚିହ୍ନା ମୁହଁର ଡାକକୁ ସହିପାରେ ନାହିଁ। ଜମାରୁ ଭୁଲିପାରିନି। କୋହଭରା କରୁଣ୍ୟତାର ଆତ୍ମ ସମର୍ପଣ ବାରମ୍ବାର ଠକ୍ ଠକ୍ କରୁଥାଏ।

ହୃଦୟ ଯଦି ବ୍ୟକ୍ତ ହୁଏ। ତାହେଲେ କହେ ହେ ପ୍ରିୟ ପରମ; ମୋ ପାଖରେ କିଛି ନାହିଁ। ମୁଁ ପଙ୍ଗୁ, ଜଡ, ଶିଳା, ପଥର ମୋର ନିସ୍ତାର କାହିଁ। କାହିଁ ସେ ଫୁଲର ମହକ। ବାସନାର କୁହୁକ। ଅହଂର ତାଡନା। ବାସନାର ନିର୍ବିକାର। ମଣିଷତ୍ୱର ଅସଲି ପରିଚୟ। ଏହି ବାସୁଥିବା ଫୁଲର ମହକରୁ ପାଇବ କଣ ?? ଯିଏ ନିଜକୁ ଚିହ୍ନିନି, ନିଜେ ଆସିଛି ଜାଣିନି କର୍ତ୍ତବ୍ୟ କଣ? ଜାଣିନି ଭାବନାର ଭାବକୁ, ନାଚିଚାଲିଛି ସବୁ ଭୁଲି ପାଦରେ ପାଦ ଛନ୍ଦି। ଭୁଲିଯାଇଛି ସଂସାର ଭାବନା।ସେ ପେଟପାଟଣାର ଦାସାନୁଦାସ। ଆତ୍ମା ଶୀତଳେ ସର୍ବସିଦ୍ଧି। ଆତ୍ମା କାନ୍ଦିଲେ ନାନା ବିଧି। ସେହି ଆତ୍ମାର ଜୟଗାନ ହୁଏ। ଆତ୍ମାର ପୁଜାରୀ ସାଜେ। କ୍ରମେ ରକ୍ତ ମାସଂର ଶରୀର ଜରାଗ୍ରସ୍ତ ହୁଏ। ଖୋଜି ପାରେନା ପେଟ ପାଇଁ ଦାନା, ଦେହ ପାଇଁ କନା। ହୃଦୟ ଛଟପଟ ହୁଏ। ଆତ୍ମା ଯିବା ପାଇଁ ବାଟ ଖୋଜେ ବିବେକ ଓ ଅବିବେକ ସ୍ରୋତ ବାରିଧିରେ। ହୃଦୟ ସବୁ ବୁଝେ ବୁଝାଇ ପାରେନାହିଁ। ଯାହା ହୃଦୟଗଂମ ବା ଅନୁଭବ କରାଯାଏ। ଯାହା କାହାର ନିୟନ୍ତ୍ରଣରେ ନାହିଁ। ସେଇଟା ହିଁ ବିଶାଳ ହୃଦୟ। ସବୁ ପ୍ରକାର ଦ୍ୱନ୍ଦ ଓ ସଂଦେହର ଊର୍ଦ୍ଧରେ। ସବୁ ପ୍ରକାର ଚଳ ଅଚଳ ମଧ୍ୟରେ। ସବୁ ପ୍ରକାର ଆତ୍ମାରେ, ସର୍ବ ଶରୀରରେ ଏକ ନିଷ୍ଠୁରତା ଅବା ସ୍ନେହବୋଲା, ଅବିଶ୍ୱାସ ଅବା ସଂଦେହର, ଘାତକ ଅବା କାରୁଣ୍ୟତାର ହୃଦୟ ଟିଏ ଛପି ରହିଥାଏ। ଶୁଷ୍କଫଳ ପରି ଶୁଷ୍କ ଅବସ୍ଥାରେ ତୃଣଟିରେ ଛପିଥିଲା ପରି ଶରୀରର କୋଉ ନିଭୃତ କୋଣରେ ଲୁଚି ରହିଥାଏ ହୃଦୟ। ଠିକ୍ ଅନୁକୂଳ ଅବସ୍ଥାକୁ ଆସିଲେ ଅଙ୍କୁରାରୋପଣ ହୁଏ।

ଠିକ୍ ସେହିପରି ଶରୀରର ବୃଦ୍ଧି ସଂଗେ ସଂଗେ ହୃଦୟର ଭାବ ପ୍ଳାବିତ ହେଇ ଆସେ।ସତ୍ ଅବା ଅସତ୍ କର୍ମ ଅନୁସାରେ ତାର ଗତି। ତୁଳସୀ ଦୁଇ ପତ୍ରରୁ ବାସେ, ବିଛୁଆତି ଦୁଇ ପତ୍ରରୁ କୁଣ୍ଡାଏ।ଶିଶୁଟିଏ କେମିତି ମଣିଷ ହେବ ତା ହୃଦୟର ଭାବନା ଓ ଭାବକୁ ନେଇ ଭବିଷ୍ୟତ କହିହୁଏ। ଯିଏ ବୁଝିପାରେ ହୃଦୟର ଭାଷା। ସେ ମଣିଷର ସୁଖ ଓ ଦୁଃଖ କଥା ବୁଝିଥାଏ। ଯିଏ ପରର ଦୁଃଖ, ଦୈନ୍ୟତା ଦେଖି ଆଖି ବୁଜିଦିଏ। ଅନ୍ୟର ଭୋକ ଉପସାରେ ରହୁଥିଲେ ନିଜେ ମଉଜ କରେ।ତାକୁ ଆମେ ହୃଦୟହୀନ ବ୍ୟକ୍ତି କହିଥାଉ। ଆଉ ଯିଏ କଷ୍ଟ, ଯନ୍ତ୍ରଣା ସହି ସହି ମାଜି ହେଇଗଲାଣି ନିୟତି ଦୁଃଖ ଉପରେ ଦୁଃଖ ଦେଇ ଚାଲିଛନ୍ତି ସେ ତା ହୃଦୟକୁ ପଥର କରିଦେଇଛି। ହୃଦୟ ଫୁଲ ପରି କୋମଳ ତ ପଥର ପରି କଠିନ। ଯିଏ ତା ପାଇଁ ମହତ କାମ କରିଥାଏ ତା ପାଇଁ ଆଖିରୁ ଲୁହ ଝରାଏ। ବିଗଳିତ ହୁଏ। ଭାବୁକ ହୁଏ। ନିଜେ ଭାବି ଭାବି ନିଜର କ୍ଷତି କାରକ ହେଲେ ମଧ୍ୟ ଭାବେ। ଭାବନାର ସୌନ୍ଦର୍ଯ୍ୟକୁ ସାଉଟି ଆଣିବା ପାଇଁ ଚେଷ୍ଟା କରେ। ସତ୍ୟ ଉନ୍ମୋଚିତ ନ ହେବା ଯାଏ ଅସ୍ଥିର କରିଦିଏ। ଏହା କିନ୍ତୁ କ୍ଷଣ ସ୍ଥାୟୀ। ଆତ୍ମଜ୍ଞାନ ଉଦୟ ହେଲେ ସବୁକିଛି ସହଜ ହେଇଯାଏ। ଆତ୍ମ ବିଶ୍ୱାସ ଦୃଢ଼ କରିବାର ଅଛି। ଲକ୍ଷ୍ୟ ସ୍ଥିର ରଖିଲେ ଓ ଦୃଢତା ରଖି ଆଗେଇଲେ ଲକ୍ଷ୍ୟ ବେଶୀଦୁର ନାହିଁ। ଲକ୍ଷ୍ୟ ରେ ପହଞ୍ଚିଲେ ହୃଦୟ ଅପାର ଆନ୍ଦନ ପାଇଥାଏ। ହୃଦୟର ଆନନ୍ଦରୁ ଅସୀମ ଧର୍ଯ୍ୟ ଓ ଶାନ୍ତି ବିରାଜିତ ହୋଇଥାଏ। ମଣିଷ ଜୀବନରେ କଣ ଆବଶ୍ୟକ ଯେ ଶାନ୍ତି ହିଁ ତାର ସର୍ବଦା କାମ୍ୟ।

ଏହି ସଂସାର ମଧ୍ୟ ବ୍ୟକ୍ତ ଓ ଅବ୍ୟକ୍ତ। ବ୍ୟକ୍ତ ସଂସାର ଚଳମାନ। ଅବ୍ୟକ୍ତ ସଂସାର ସ୍ଥିରର ଭ୍ରମ ସୃଷ୍ଟି କରିଥାଏ। ପ୍ରକୃତରେ ପୃଥିବୀ ଯେ ସୂର୍ଯ୍ୟ ଚାରିପଟେ ଘୁରୁଛି। ଏହି କଥାକୁ ସହଜରେ କଣ ଆମେ ଗ୍ରହଣ କରିଛେ ? ସ୍ଥିର ହିଁ ଅବ୍ୟକ୍ତ କିନ୍ତୁ ସଂସାର ଅସ୍ଥିର ଓ ବ୍ୟକ୍ତ। ସେଥିପାଇଁ ସମସ୍ତ ସଂସାରୀମାନଙ୍କ ଜନ୍ମ, ମୃତ୍ୟୁ, ଜରା, ବ୍ୟାଧି ରହିଛି। ସମସ୍ତେ ଏକ ନିର୍ଦ୍ଦିଷ୍ଟ ସମୟ ଅନୁସାରେ ବଞ୍ଚିବା ଆରମ୍ଭ କରିଥାନ୍ତି। ଏପରିକି ସଂସାରର ବୃକ୍ଷ, ଲତା, ପାହାଡ, ପର୍ବତ, ନଈ, ଝରଣାର ମଧ୍ୟ ଏକ ଶୃଙ୍ଖଳା ରହିଛି। ବିଶୃଙ୍ଖଳା ହେଲେ ସଂସାରର ନିୟମ ବିଗିଡ଼ି ଯିବ। ସେତେବେଳେ ସଂସାର ବ୍ୟକ୍ତ ବୋଲି ଅନୁଭବ ଆସି ନଚେତ ଆମେ ଠିକଠାକ୍‌ରେ ଜୀବନକୁ ପ୍ରବାହିତ କରୁଥିଲେ ସେହି ଅନୁଭବ କଣ ଆସିବ ? ଯେଉଁ ଅନୁଭବ ଚେତେଇ ଦେବ ପଥର ମଧ୍ୟ ବ୍ୟକ୍ତ, ଯେତେବେଳେ ଶିଳ୍ପୀ ନିହାଣ ମୁନରେ ମୁର୍ତ୍ତି ତିଆରି କରିବ। ଶୁଖିଲା ଦାରୁ ମଧ୍ୟ ବ୍ୟକ୍ତ ଯେତେବେଳେ ଦାରୁରେ ଦେବତା ରୂପ ନିଅନ୍ତି। ନିରସ କାଠ ମଧ୍ୟ ଜୀବନ୍ତ ହୋଇଉଠେ କାଷ୍ଠଶିଳ୍ପୀ ଯେବେ ବିନ୍ଧାଣି ଧରେ ଓ ରଂଗ ତୁଳୀରେ କାଷ୍ଠକୁ କରେ ପ୍ରାଣବନ୍ତ। ଖାଲି କାନଭାସ ଦେହରେ ଯେତେବେଳେ ଛବିଟିଏ ଆଙ୍କେ ଚିତ୍ରକର ଜୀବନ୍ତ ହେଇ ଉଠେ ଛବି। ସତେ ଅବା ଏବେକେବେ କଥା କହିବ। ନିର୍ଜୀବକୁ ବ୍ୟକ୍ତକରେ କାରିଗର। କାଷ୍ଠ, ପଥର, ମାଟିର ପ୍ରତିମୂର୍ତ୍ତି ବି ପ୍ରାଣ ପାଏ।

ରେଡିଓ, ଟେଲିଭିଜନ ଅବ୍ୟକ୍ତ କିନ୍ତୁ କେତେକଥା ବ୍ୟକ୍ତହୁଏ ଏହା ମାଧ୍ୟମରେ ଯେତେବେଳେ ପ୍ରସାରିତ ହୁଏ ଚଳ, ଅଚଳ, ଦୃଶ୍ୟ ଶ୍ରାବ୍ୟ ସବୁ ଚିତ୍ର, କଥା ଓ କାହାଣୀ। ଅବ୍ୟକ୍ତ ମଧ୍ୟରେ ଅନେକ ଚେତନା, ତତ୍ତ୍ୱ, ରହସ୍ୟ ଲୁଚିରହିଥାଏ। ସେହିସବୁ ରହସ୍ୟ ଉନ୍ମୋଚନ ହେଲେ ବାହାରକୁ ଜଣାପଡେ। ପାହାଡ ନିଶ୍ଚଳ, ନିର୍ବୀକାର ଭାବେ ଦଣ୍ଡାୟମାନ ହୋଇଥାଏ କିନ୍ତୁ ବହୁଥିବା ଝରଣା ସେହି ପାହାଡ ଦେହରୁ ବାହାରିଥାଏ। କେତେ ଜନଜୀବନର ଜୀବନରେଖା ପାଲଟିଥାଏ ଝରଣା। ଜଣେ ମୁକ, ବଧିର ମଧ୍ୟ ଅନେକ ବ୍ୟକ୍ତକରି ପାରେ ତାର କାମନା, ବାସନା, ଭାବନା। ଆମେ ଭାବି ନେଉ ସେ ମୁକ ସେ ଅବ୍ୟକ୍ତ। ଏହି ଧାରଣା ସଂପୂର୍ଣ୍ଣ ଭାବରେ ଅମୂଳକ ମନେହୁଏ। ବାହାରେ କମ କଥା କହୁଥିବା ବ୍ୟକ୍ତି ନିଜ ଘର ଭିତରେ କଥା କହି ଅଶାନ୍ତିର କାରଣ ହେଇପାରେ। ବିଦ୍ୟାଳୟରେ ମାପିଚୁପି ଉତ୍ତର ଦେଉଥିବା ବିଦ୍ୟାର୍ଥୀ ପରୀକ୍ଷା ପରେ ଜଣାପଡେ ସେ ହିଁ ପ୍ରଥମ ହୋଇଛି। ଅନ୍ୟଭାଷା ଜଣାନଥିବା ବ୍ୟକ୍ତି ମଧ୍ୟ ଭାବରେ ଭାବରେ ବ୍ୟକ୍ତ କରି ଅନ୍ୟ ଭାଷାଭାଷି ଲୋକଙ୍କ ସହ କଥା ହେଇଥାଏ।

ସମୟ ଓ ପରିସ୍ଥିତି, ଅନୁକୂଳତା ଅନୁସାରେ ବ୍ୟକ୍ତ ଓ ଅବ୍ୟକ୍ତକୁ ମାପଦଣ୍ଡରେ ତଉଳି ହୋଇଥାଏ। କୌଣସି ନିଷ୍ପତି ଆପେକ୍ଷିକ ଅଟେ। ଅବ୍ୟକ୍ତ ମଧ୍ୟରେ ବ୍ୟକ୍ତର ଭାବନା ପ୍ରତିଫଳିତ ହୋଇଥାଏ କିମ୍ୱା ବ୍ୟକ୍ତ ମଧ୍ୟରେ ଅବ୍ୟକ୍ତ ଭାବନା ଉଦାର ହୋଇଥାଏ।

**ଗଡ଼ରାମାଲ, କୋକସରା, କଳାହାଣ୍ଡି**
**ମୋ-୯୭୭୭୪୬୮୮୪୧**







# ହେଲିକପ୍ଟର ପ୍ୟାରେଣ୍ଟିଂ

**ପ୍ରଣତି ପାତ୍ର**

"ଆଧୁନିକ ସମାଜରେ ଏହି ପଦ୍ଧତି ଅଧିକରୁ ଅଧିକ ଆଦୃତ ହେବାରେ ଲାଗିଛି। ପିଲାମାନଙ୍କ ନିଜ ଶକ୍ତି ଓ ସାମର୍ଥ୍ୟଠାରୁ ଅଧିକ ଉପଲବ୍ଧି କରିବା ପାଇଁ ପିତାମାତା ଏହି ଲାଳନପାଳନ ପଦ୍ଧତିକୁ ଆପଣେଇଥାନ୍ତି। ତେଣୁ ଏହି ପଦ୍ଧିତି ଅନୁପାଳନ କରୁଥିବା ପିତାମାତା ପିଲାର ସୁନ୍ଦର ଭବିଷ୍ୟତ ଦୃଷ୍ଟିରୁ ଏହା ଉପରେ ଅଧିକ ସଚେତନତା ଆବଶ୍ୟକ।

ଥରେ ମୁଁ ଜଣେ ସହକର୍ମୀ ସରିତାଙ୍କ ସହ ଦୁଇ ଦିନ ପାଇଁ ଜିଲ୍ଲାଗସ୍ତରେ ଯାଉଥିଲି। ଗାଡ଼ି ଭୁବନେଶ୍ୱର ଛାଡ଼ିବା ପରଠାରୁ ପ୍ରାୟ ଅଧଘଣ୍ଟାଏକୁ ଥରେ ସରିତା ନିଜ ପୁଅକୁ ଫୋନ୍‌କରି ବିଭିନ୍ନ କଥା ପଚାରୁଥାନ୍ତି। ଜଳଖିଆ ଖାଇଲା ନା ନାହିଁ, ଔଷଧ ଖାଇଲା ନା ନାହିଁ, କେତେବେଳେ ଗାଧୋଇବାକୁ ଯିବ, କ'ଣ ଡ୍ରେସ୍ ପିନ୍ଧିବ, କେଉଁ ସାଙ୍ଗ ସହିତ ବାହାରକୁ ଯିବ ଇତ୍ୟାଦି। ପ୍ରତିଥର ସରିତା ପୁଅକୁ ବୁଝେଇ ବୁଝେଇ କହୁଥାନ୍ତି- 'ବାବୁରେ, ବାହାରକୁ ଗଲେ ଅଜଣା ଯାଗାକୁ ଯିବୁ ନାହିଁ। ସାଙ୍ଗସାଥୀଙ୍କ ସହିତ କୁଆଡ଼େ ଗଲେ ମୋତେ ସେମାନଙ୍କ ଫଟୋ ପଠାଇବୁ ଆଉ ନିଜ 'ଲୋକେସନ୍ ଡିଟେଲସ୍' ହ୍ୱାଟ୍‌ସଆପ କରିବୁ। ବାହାରେ କିଛି ଖାଇବୁ ନାହିଁ...। ସରିତା ଏମିତି ଅନେକ କଥା ବତେଇ ଚାଲିଥାନ୍ତି।

ଏସବୁ କଥା ବାରମ୍ବାର କହିବାର ଦେଖି ମୁଁ ଉତ୍ସୁକତାର ସହ ସରିତାକୁ ପଚାରିଲି- 'ଆଚ୍ଛା, ଆପଣଙ୍କ ପୁଅ କେତେ ବଡ଼? ସରିତା କହିଲେ- ହଁ, ମୋ ପୁଅକୁ ଏବେ ୨୧ବର୍ଷ। ମୁଁ ପଚାରିଲି- ତା' ହେଲେ ଆପଣ ତାକୁ ଛୋଟ ଶିଶୁ ପରି କାହିଁକି ସବୁ କଥା ବୁଝାଉଛନ୍ତି ?

ସରିତା କହିଲେ- ହଁ, ଛୁଆଟି ସରଳ ପ୍ରକୃତିର। ପିଲାବେଳୁ ମୁଁ ତାକୁ ଏକୁଟିଆ ବଡ଼ କରିଛି। ଟିକେ ଅଧିକ ଗେଲବସରରେ ବଢ଼ାଇଛି। ମୋତେ ଛାଡ଼ି ସେ କିଛି କରିପାରେ ନାହିଁ। ଏବେ ପରୀକ୍ଷା ପରେ ତା'ର ଛୁଟି ଚାଲିଛି। ତେଣୁ ତାକୁ ଟିକିଏ ଅଧିକ ଗାଇଡ୍ କରିଦେଉଛି। ଏକମାତ୍ର ପୁଅ ହିଁ ତାଙ୍କ ଭବିଷ୍ୟତ ଭାବେ ଭାବିବା ହୁଏତ ସରିତାଙ୍କ ପାଇଁ ଏକ ବିବଶତା ହୋଇପାରେ କିନ୍ତୁ ପିଲାମାନଙ୍କୁ ୨୪ ଘଣ୍ଟା ନଜର ସାମନାରେ ରଖି ତଦାରଖ କରିବା ଆଧୁନିକ ସମାଜରେ ଲାଳନପାଳନର ଏକ ନୂଆ ଟ୍ରେଣ୍ଡରେ ପରିଣତ ହୋଇଗଲାଣି।

୧୯୬୯ ମସିହାରେ ଡଃ ହାଇମ୍ ଗିନଟଙ୍କ ତାଙ୍କ ପୁସ୍ତକ 'ବିଟ୍‌ୱିନ୍ ପେରେଣ୍ଟ ଏଣ୍ଡ ଟିନ୍‌ଏଜ୍‌ର'ରେ ପ୍ରଥମ ଥର ପାଇଁ 'ହେଲିକପ୍ଟର ପ୍ୟାରେଣ୍ଟିଂ' ଶବ୍ଦଟି ବ୍ୟବହାର କରିଥିଲେ। ଏହି ଲାଳନପାଳନ ପଦ୍ଧତିରେ ନିଜ ସନ୍ତାନର ଜୀବନକୁ ପିତାମାତା ଅତ୍ୟଧିକ ମାତ୍ରାରେ ନିୟନ୍ତ୍ରଣ ଓ ତଦାରଖ କରିଥାନ୍ତି। ହେଲିକପ୍ଟର ପରି ସବୁବେଳେ ପିଲାର ଚାରି ପାଖେ ଘୁରି ବୁଲିବା ଓ ପିଲାର ପ୍ରତ୍ୟେକ ଗତିବିଧିକୁ ନିରୀକ୍ଷଣ କରି ସେସବୁକୁ ନିୟନ୍ତ୍ରଣ କରିବା ପିତାମାତାଙ୍କ ମୁଖ୍ୟ କାମ ହୋଇଥାଏ।

ପିଲାମାନଙ୍କୁ ନିରନ୍ତର ତଦାରଖ କଲେ, ପରବର୍ତ୍ତୀ ସମୟରେ ସେମାନେ ଏକ ଆଜ୍ଞାଧୀନ, ଅନୁଶାସିତ ଓ ପ୍ରତିଭାବାନ ବ୍ୟକ୍ତିତ୍ୱରେ ପରିଣତ ହେବେ, ଏହି ଲକ୍ଷ୍ୟ ନେଇ ପିତାମାତା ନିଜ ଅଜାଣତରେ ସନ୍ତାନର ଅପୂରଣୀୟ କ୍ଷତି ଘଟାଇ ଚାଲିଥାନ୍ତି।

ସବୁବେଳେ ପତାମାତାଙ୍କ ନଜରରେ ରହିଲେ, ପିଲାଟି ନିଜର ସମସ୍ତ ଛୋଟ ଛୋଟ ନିଷ୍ପତ୍ତି ନିମନ୍ତେ ସେମାନଙ୍କ ଉପରେ ନିର୍ଭରଶୀଳ ହୋଇଯାଏ। ଅଧିକାଂଶ ସମୟରେ ପିଲାଙ୍କ ଗତିବିଧିକୁ ଲକ୍ଷ୍ୟ କରିବା ପାଇଁ ବିଜ୍ଞାନ ଓ ପ୍ରଯୁକ୍ତିର ମଧ୍ୟ ସାହାଯ୍ୟ ନେଇଥାନ୍ତି। ତେବେ ନିଖୁଣ ବ୍ୟକ୍ତିତ୍ୱରେ ଗଢ଼ି ତୋଳିବା ଅଭିଯାନରେ ପିତାମାତା ପିଲାଟିକୁ ଅଣନିଃଶ୍ୱାସୀ କରି ପକାଇଥାନ୍ତି। ନିରନ୍ତର ସହାୟତା ଯୋଗାଇବା ଆଳରେ ପିଲାଟିକୁ ନିଜ ନିଷ୍ପତ୍ତି ନେବା ଦିଗରେ ପ୍ରତିବନ୍ଧକ ସାଜିଥାନ୍ତି।

ଲତାଟିଏ ପରି ଯେପରି ତାଙ୍କ ଉପରେ ଆଉଜି ରହିଥିବ, ସେହି ପ୍ରକ୍ରିୟାରେ ନିଜ ପାରିପାର୍ଶ୍ୱିକ ପରିସ୍ଥିତିକୁ ସଜେଇଥାନ୍ତି। କାଳେ ତାଙ୍କ ସନ୍ତାନ ଅନ୍ୟମାନଙ୍କଠାରୁ ପଛରେ ରହିଯିବ, ସାହିପଡ଼ିଶା ଓ ସାଙ୍ଗସାଥୀର ପିଲମାନେ ଆଗକୁ ବଢ଼ିଯିବେ, ଏହି ଚିନ୍ତାରେ ଶିକ୍ଷାନୁଷ୍ଠାନରେ ତାଙ୍କ ପିଲାକୁ ସ୍ୱତନ୍ତ୍ର ଅଭିନିବେଶ ଦେବାକୁ ଦାବି କରିଥାନ୍ତି। ହେଲିକପ୍ଟର ପ୍ୟାରେଣ୍ଟିଂ କରୁଥିବା ପିତମାତାଙ୍କ ବଦ୍ଧ ଧାରଣା ଥାଏ ଯେ ତାଙ୍କ ପିଲା ଅନ୍ୟମାନଙ୍କଠାରୁ ଶ୍ରେଷ୍ଠ ଓ ସ୍ୱତନ୍ତ୍ର।

ସନ୍ତାନର ଜୀବନରେ ଘଟୁଥିବା ଛୋଟଛୋଟ ସମସ୍ୟାକୁ ପିତାମାତା ନିଜେ ସମାଧାନ କରିଦିଅନ୍ତି ଓ ପିଲାକୁ ସାମଗ୍ରିକ ଭାବେ କୌଣସି ଅସୁବିଧାର ସମ୍ମୁଖୀନ ନହେବା ହେବା ଦିଗରେ ଯତ୍ନବାନ



ହୁଅନ୍ତି। କିଶୋର ବୟସର ହୋଇଯାଇଥିଲେ ମଧ୍ୟ ହାତରେ ଖୁଆଇ ଦେବା, ଚୁଟି କୁଣ୍ଡେଇ ଦେବା, ପୋଷାକ ପିନ୍ଧିଇବାରେ ସାହାଯ୍ୟ କରିବା ଇତ୍ୟାଦି କରିଥାନ୍ତି। ପିଲାଟି ଯଦି ନିଜ ଜିନିଷପତ୍ରକୁ ଅବ୍ୟବସ୍ଥିତ କରିଦେଇଛି, ସେସବୁକୁ ସଜାଡ଼ି ରଖିଦିଅନ୍ତି। ଘର ଭିତରେ ଓ ବାହାରେ ପିଲାକୁ ଏକୁଟିଆ ଛାଡ଼ନ୍ତି ନାହିଁ କାଳେ କେହି ଭୁଲ କଥା ଶିଖେଇ ଦେବ କିମ୍ୱା ହରଣଚାଲ କରିନେବ।

ନିଜ ବୟସ ମୁତାବକ୍ କାମ ଯଦି ପିଲାଟି ନକରିଲା ତେବେ ତାର ଶାରୀରିକ ଓ ମାନସିକ ସ୍ତରରେ ଅପରିପକ୍ୱ ରହିଯିବ। ସବୁବେଳେ ପିଲାଟି ପିତାମାତା ଉପରେ ନିର୍ଭରଶୀଳ ହୋଇଯାଏ ଏବଂ ନିଜର ସ୍ୱତନ୍ତ୍ରତା ଜାହିର୍ କରିପାରେ ନାହିଁ। ଏ ପ୍ରକାର ଲାଳନପାଳନ ଦ୍ୱାରା ପିଲାର ଶିଖିବାର ପ୍ରକ୍ରିୟା ବାଧାପ୍ରାପ୍ତ ହୁଏ ଏବଂ ବେଳେବେଳେ ପିତାମାତାଙ୍କ ନଜରରୁ ଦୂରକୁ ଚାଲିଯିବାକୁ ଚାହେଁ।

ଏହି ଲାଳନପାଳନର ସବୁଠାରୁ ନକରାତ୍ମକ ଦିଗ ହେଲା, ଯେ ପିଲାଟି ଭିତରେ ଆତ୍ମ ବିଶ୍ୱାସ କମିଯାଏ, ବିଷାଦ ଓ ନିଃସଙ୍ଗତା ଦେଖାଦିଏ। ଜୀବନର ପରବର୍ତ୍ତୀ ସମୟରେ ଉଚ୍ଚଶିକ୍ଷା କିମ୍ୱା ଚାକିରୀ ନିମନ୍ତେ ଘରୁ ବାହାରରେ ରହିଲେ ତାକୁ ଏମିତି ଅଭିନିବେଶ ମିଳେ ନାହିଁ। ଏହାଦ୍ୱାରା ସେ ଅଧିକ ଉତ୍‌କଣ୍ଠିତ ଓ ଆକ୍ରମଣଶୀଳ ହୋଇଯାଏ। ପିଲାର ମନରେ ଧାରଣା ଜାତ ହୁଏ ଯେ, ତା'ର ସାମର୍ଥ୍ୟ ଉପରେ ପିତାମାତାଙ୍କ ବିଶ୍ୱାସ ନାହିଁ। ସେ ଚିନ୍ତା କରିବା ଓ କହିବା ପୂର୍ବରୁ ପିତାମାତା ନିଜେ ନିଷ୍ପତ୍ତି ନେଇଯାଆନ୍ତି। ତା'ର ଜୀବନର ସମସ୍ତ କାମରେ ପିତାମାତାଙ୍କ ଅତ୍ୟଧିକ ହସ୍ତକ୍ଷେପ ଯୋଗୁଁ ସେ ନିଜକୁ ହେଲେ ତ ତୁଚ୍ଛ ବୋଲି ଭାବେ ନହେଲେ ନିଜକୁ ଅନ୍ୟମାନଙ୍କଠାରୁ ଶ୍ରେଷ୍ଠ ବୋଲି ଭାବିଥାଏ। ହେଲିକପ୍ଟର ପ୍ୟାରେଣ୍ଟିଂ କରୁଥିବା ପିତାମାତାଙ୍କ ନିଜ ଜୀବନର ଅସଫଳତା, ଅସୁରକ୍ଷା ଓ ଅଭାବବୋଧ ପ୍ରତିଫଳିତ ହୋଇଥାଏ ଏହି ଲାଳନପାଳନ ପଦ୍ଧତିରେ। ଏହାଦ୍ୱାରା ପିଲାର ଜୀବନରେ ବ୍ୟାପକ କୁପ୍ରଭାବ ପଡ଼ିଥାଏ।

ଆଧୁନିକ ସମାଜରେ ଏହି ପଦ୍ଧତି ଅଧିକରୁ ଅଧିକ ଆଦୃତ ହେବାରେ ଲାଗିଛି। ପିଲାମାନଙ୍କ ନିଜ ଶକ୍ତି ଓ ସାମର୍ଥ୍ୟଠାରୁ ଅଧିକ ଉପଲବ୍ଧି କରିବା ପାଇଁ ପିତାମାତା ଏହି ଲାଳନପାଳନ ପଦ୍ଧତିକୁ ଆପଣେଇଥାନ୍ତି। ତେଣୁ ଏହି ପଦ୍ଧତି ଅନୁପାଳନ କରୁଥିବା ପିତାମାତା ପିଲାର ସୁନ୍ଦର ଭବିଷ୍ୟତ ଦୃଷ୍ଟିରୁ ଏହା ଉପରେ ଅଧିକ ସଚେତନତା ଆବଶ୍ୟକ।

**ଫୋନ୍:- ୯୪୩୭୧୩୪୮୮୮**

### ହାତ ଟେକିଦେଲେଣି ବିଏମ୍‌ସି କର୍ତ୍ତୃପକ୍ଷ

# ଅଳିଆ ଘେରରେ ରାଜଧାନୀ



ଭୁବନେଶ୍ୱର : ବହୁ ଦିନ ହେଲା ଦାରୁଠେଙ୍ଗ ଡମ୍ପିୟାର୍ଡକୁ ଅଳିଆ ଯାଇପାରୁନି। ଟିଟିଏସ୍ ଭର୍ତ୍ତି ହୋଇଗଲାଣି। ସପ୍ତାହେ ହେଲାଣି ନୂଆ ପରିମଳ ସଂସ୍ଥା ମନମାନି ଚଳାଇଛନ୍ତି। ଆବଶ୍ୟକ ସରଞ୍ଜାମ ଓ ମାନବ ସମ୍ବଳ ନ ଥିଲେ ବି ବିଏମ୍‌ସି ସେମାନଙ୍କୁ ସଫେଇ ଦାୟିତ୍ୱ ଟେକି ଦେଇଛି। ବିଏମ୍‌ସିର ଭୁଲ୍ ପାଇଁ ରାଜ୍ୟ ବାହାରର ପୁରୁଣା ସଫେଇ ସଂସ୍ଥା ସିଧାସଳଖ କର୍ତ୍ତୃପକ୍ଷଙ୍କୁ ନାଲି ଆଖି ଦେଖାଇବାକୁ ସାହସ କରୁଛନ୍ତି। ଏମିତି ଏକାଧିକ ସମସ୍ୟାରେ ଛନ୍ଦି ହୋଇ ସହରର ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିଗିଡ଼ିଯାଇଛି। ସହରର ବହୁ ସ୍ଥାନରୁ ଆବର୍ଜନା ଉଠୁନି। ଯେତିକି ଉଠୁଛି, ତାହାକୁ ପକେଇବାକୁ ବି ଜାଗା ନାହିଁ। ବିଏମ୍‌ସି କର୍ତ୍ତୃପକ୍ଷ ହାତ ଟେକି ଦେଇଛନ୍ତି। ସ୍ଥିତି ଏମିତି ହେଲାଣି ଯେ ସହରବାସୀଙ୍କୁ ମୌଳିକ ସେବା ଦେବାକୁ ବି ବିଏମ୍‌ସି ଅକ୍ଷମ ହୋଇପଡ଼ିଛି। ଏହାକୁ ନେଇ ରାଜଧାନୀରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି।

ବିଏମ୍‌ସି ମେୟର, କମିସନର ଏକପ୍ରକାର ଅସହାୟ ହୋଇପଡ଼ିଲେଣି। ସମସ୍ୟାର ସମାଧାନ ପାଇଁ ବୈଠକ କରୁଛନ୍ତି ସତ। କିନ୍ତୁ ସମାଧାନର ବାଟ ବାହାରି ପାରୁନାହିଁ। ଆବର୍ଜନା ପରିଚାଳନାକୁ ନେଇ ଠୋସ୍ ଯୋଜନାର ଅଭାବ ଯୋଗୁ ବିଏମ୍‌ସି ବାରମ୍ବାର ଆଣ୍ଠେଇ ପଡୁଛି। ଖୋଦ୍ ରାଜଧାନୀରେ ଗୁରୁତର ବିଭ୍ରାଟ ଦେଖାଦେଇଥିଲେ ବି ରାଜ୍ୟ ସରକାର ଚୁପ୍ ବସିଛନ୍ତି। ନଗର ଉନ୍ନୟନ ବିଭାଗର ଅଧିକାରୀମାନେ ଖାରବେଳ ଭବନରେ ବସି ନାଟକ ଦେଖୁଛନ୍ତି। ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଜି ମାଥିଭାଥାନନ୍ ନିଜେ ପୂର୍ବରୁ ବିଏମ୍‌ସିର ପ୍ରଶାସକ ଦାୟିତ୍ୱ ତୁଲାଇଥିଲେ। ତାଙ୍କରି ସମୟରେ ପରିମଳ ଟେଣ୍ଡର ଚୂଡ଼ାନ୍ତ ହୋଇଥିଲା। ପୁଣି ପୌର ପ୍ରଶାସନ ନିର୍ଦ୍ଦେଶକ ସଂଗ୍ରାମଜିତ ନାୟକ ମଧ୍ୟ ବିଏମ୍‌ସି ପ୍ରଶାସକ ଭାବେ ମଙ୍ଗ ଧରିଥିଲେ। କିନ୍ତୁ ସହରର ଏହି ସମସ୍ୟା ପ୍ରତି ଦୁଇ ଅଧିକାରୀ ଆଖି ବୁଜି ଦେଇଛନ୍ତି। ନଗର ଉନ୍ନୟନ ବିଭାଗ ନିଜ ଆଡୁ ସମସ୍ୟାର ସମାଧାନ ପାଇଁ ଆଦୌ ଆଗ୍ରହ ପ୍ରକାଶ କରୁନାହିଁ। ବିଏମ୍‌ସି ନିଜେ ସମସ୍ୟାର ସମାଧାନ କରିପାରୁ ନ ଥିଲେ ମଧ୍ୟ ସରକାରଙ୍କ ନିକଟକୁ ପ୍ରସଙ୍ଗଟି ନେଉ ନାହିଁ। ବିଏମ୍‌ସି ମେୟର ଓ କମିସନର ନିଜ ଅପାରଗତା ଧରାପଡ଼ିବା ଭୟରେ କଥା ଉପରକୁ ନେଉ ନାହାନ୍ତି ନା ନଗର ଉନ୍ନୟନ ବିଭାଗ ସହଯୋଗ କରୁନାହିଁ, ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।



ଆହୁରି ଚିନ୍ତାଜନକ ବିଷୟ ହେଲା ଯେ ବିଏମ୍‌ସି ଶାସନ ଡୋରି ଶାସକ ଦଳ ହାତରେ ଥିଲା ବେଳେ ଭୁବନେଶ୍ୱରର ତିନି ବିଧାୟକ ବି ସେହି ଦଳର। ଅନୁଭବ ଓ ଅଭିଜ୍ଞତାରେ ବିଧାୟକମାନେ କିଛି କମ୍ ନୁହନ୍ତି। ଏକାମ୍ର ବିଧାୟକ ଅଶୋକ ପଣ୍ଡା ତିନି ଥର ବିଧାୟକ ଓ ୮ ବର୍ଷ ମନ୍ତ୍ରୀ ହେଲେଣି। ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ପୂର୍ବରୁ ଦୁଇ ଥର ମେୟର ହୋଇଛନ୍ତି। ଉତ୍ତର ବିଧାୟକ ସୁଶାନ୍ତ ରାଉତଙ୍କ ନିର୍ବାଚନମଣ୍ଡଳୀକୁ ଲାଗି ଦାରୁଠେଙ୍ଗ ପଞ୍ଚାୟତ। ଲୋକସମ୍ପର୍କ ଦୃଷ୍ଟିରୁ ତିନି ବିଧାୟକ କେହି କାହାକୁ କମ୍ ନୁହନ୍ତି। ସାରା ସହର ଏବେ ଏକ ବଡ଼ ସମସ୍ୟାର ସାମ୍ନା କରୁଥିଲା ବେଳେ ଏହି ତିନି ବିଧାୟକଙ୍କର ଦେଖା ମିଳୁନି। ସମସ୍ୟାର ସମାଧାନ ପ୍ରକ୍ରିୟାରେ ବିଏମ୍‌ସି ମେୟର ଓ କମିସନର ସେମାନଙ୍କୁ ସାମିଲ କରିବାକୁ ବି ଆଗ୍ରହ ପ୍ରକାଶ କରୁନାହାନ୍ତି। ଜନପ୍ରତିନିଧିମାନେ ସମନ୍ୱୟ ରକ୍ଷା କରି ବିଚାରବିମର୍ଶ କଲେ ହୁଏତ ସମାଧାନର ବାଟ ବାହାରିପାରନ୍ତା। କିନ୍ତୁ ସେପରି କିଛି ଘଟୁ ନାହିଁ। ମେୟର ଓ ବିଧାୟକ ଗୋଟିଏ ଦଳରୁ ପ୍ରତିନିଧିତ୍ୱ କରୁଥିଲା ବେଳେ ସମସ୍ୟା ବିରୋଧରେ ଲଢ଼ିବାକୁ ଏକାଠି ହେବାରେ କ'ଣ ସମସ୍ୟା ରହୁଛି ବୋଲି ସଚେତନ ନାଗରିକମାନେ ପ୍ରଶ୍ନ କରିଛନ୍ତି।

ସହରର ଆବର୍ଜନା ସମସ୍ୟା ସଙ୍ଗୀନ ହୋଇଥିଲେ ବି ସ୍ଥାନୀୟ ସାଂସଦ ଅପରାଜିତା ଷଡ଼ଙ୍ଗୀ ମଧ୍ୟ ବେଶ୍ ରହସ୍ୟଜନକ ଭାବେ ନିରବ ରହିଛନ୍ତି। ଏହି ପ୍ରସଙ୍ଗରେ ସେ ଏ ଯାଏ ପାଟି ଫିଟାଇନାହାନ୍ତି। ସମସ୍ୟାର ସମାଧାନ ପାଇଁ ସେ କୌଣସି ପ୍ରସ୍ତାବ ବିଏମ୍‌ସିକୁ ଦେଉନାହାନ୍ତି।

ଦାରୁଠେଙ୍ଗକୁ ଆବର୍ଜନା ଯିବା ବନ୍ଦ ହୋଇଯାଇଥିବାରୁ ଟିଟିଏସ୍ ଭର୍ତ୍ତି ହୋଇଗଲାଣି। ଆବର୍ଜନା ଟ୍ରକ୍ ସୈନିକ ସ୍କୁଲ୍ ପାଖରେ ଠିଆ ହୋଇ ରହିଛନ୍ତି। ଠିକାସଂସ୍ଥାମାନେ କିଛି ନିର୍ଦ୍ଦିଷ୍ଟ ଜାଗାରେ ଆବର୍ଜନା ଗଦାଇବା ଆରମ୍ଭ କଲେଣି। ଜାଗା ନଥିବାରୁ କିଛି ଗୁରୁତ୍ୱପୂର୍ଣ୍ଣ ଜାଗାରୁ ଆବର୍ଜନା ଉଠାଯାଉଛି। କିନ୍ତୁ ଅନ୍ୟ ଜାଗାରେ ପାହାଡ଼ ଭଳି ଜମା ହେଲାଣି। ଗଳି, କଲୋନି, ବସ୍ତି ସବୁଠି ଗନ୍ଧ। ନୂଆ ଡମ୍ପିଂୟାର୍ଡ ପାଇଁ ଜାଗା ଖୋଜି ଖୋଜି ବିଏମ୍‌ସି ନୟାନ୍ତ ହେବା ପରେ ହାତ ଟେକି ଦେଇଛି। ଦାରୁଠେଙ୍ଗ ସମସ୍ୟା ମଧ୍ୟ ଏବର ନୁହେଁ, ୧୪ ବର୍ଷର। ପୂର୍ବରୁ ମଧ୍ୟ ରାସ୍ତାରୋକ, ଆବର୍ଜନା ବନ୍ଦ ହେବା ସହ କୋର୍ଟ କଚେରି ପର୍ଯ୍ୟନ୍ତ କଥା ଯାଇଛି। କିନ୍ତୁ ଏତେ ଲମ୍ବା ସମୟ ଧରି କେବେଳ ସମସ୍ୟା ରହି ନଥିଲା।

'ରାମ୍‌କି'ର ୮ଟି ୱାର୍ଡରୁ ସଫେଇ ବନ୍ଦ ହେବା ପରେ ଅଳିଆ ଉଠିବା ଆରମ୍ଭ ହୋଇଛି। ହେଲେ ଆବର୍ଜନା ଜମା କରିବାକୁ ଜାଗା ନଥିବାରୁ ବାଛି ବାଛି କିଛି ଜାଗାରୁ ଆବର୍ଜନା ଉଠାଯାଉଛି। ଏଣେ ନୂଆ ସଂସ୍ଥା ପ୍ରସ୍ତୁତ ନଥିବାରୁ ବିଏମ୍‌ସି ତାର ସହାୟତା ପୂର୍ବବତ୍ ଜାରି ରଖିଛି। ଟେଣ୍ଡର ପାଇଥିବା ସଂସ୍ଥା ଆଦୌ ପ୍ରସ୍ତୁତ ନଥିଲା ବେଳେ ବିଏମ୍‌ସି ସେମାନଙ୍କୁ କାହିଁକି ଅହେତୁକ ଅନୁକମ୍ପା ଦେଖାଉଛି, ତାହା ବୁଝାପଡୁ ନାହିଁ। ଆବର୍ଜନା ଉଠୁନଥିବାରୁ ପ୍ରବଳ ଅସନ୍ତୋଷ ପ୍ରକାଶ ପାଇଛି। ସାରା ସହରରେ ଆବର୍ଜନା ଗଦା ହୋଇଗଲାଣି।

ଏ ନେଇ ମେୟର ସୁଲୋଚନା ଦାସ ଏକ ବିବୃତ୍ତିରେ କହିଛନ୍ତି ଯେ ପରିମଳ ବ୍ୟବସ୍ଥାକୁ ନେଇ ବାରମ୍ବାର ଆଲୋଚନା ଜାରି ରହିଛି। ଧାରଣାରେ ବସିଥିବା ସଫେଇ କର୍ମଚାରୀଙ୍କ ସମସ୍ୟା ସମାଧାନ କରାଯାଇଛି। ଦାରୁଠେଙ୍ଗବାସୀଙ୍କ ସହ ଆଲୋଚନା ଜାରି ରହିଛି। ଏଣେ ୩୨ ଏମ୍‌ସିସି କାର୍ଯ୍ୟକ୍ଷମ ଥିଲା। ଆଉ ୬ଟି ତୁରନ୍ତ କରିବାକୁ ଆମେ ଉଦ୍ୟମ କରୁଛୁ। ଏସବୁ କାର୍ଯ୍ୟକ୍ଷମ ହୋଇଗଲେ ଆଉ ଆବର୍ଜନା ଦାରୁଠେଙ୍ଗ କିମ୍ବା ଟିଟିଏସ୍ ଯିବା ଆବଶ୍ୟକତା ପଡ଼ିବ ନାହିଁ। ଏଥିପାଇଁ ଆମେ ଜନସାଧାରଣଙ୍କ ସହଯୋଗ ଲୋଡୁଛୁ।

## ଭିଏସଏସ୍ ବୈଷୟିକ ବିଶ୍ୱବିଦ୍ୟାଳୟର ହେବ ନବକଳେବର

ଭୁବନେଶ୍ୱର: ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ବୀରସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ)ର ନବକଳେବର କରାଯିବ। ଏହି ବିଶ୍ୱବିଦ୍ୟାଳୟକୁ ଏକ ଉତ୍କର୍ଷ କେନ୍ଦ୍ର (ସେଣ୍ଟର ଅଫ ଏସେଲେନ୍ସି)ରେ ପରିଣତ କରିବା ପାଇଁ ରାଜ୍ୟ ସରକାର ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରିବେ ଓ ଏଥିପାଇଁ ପ୍ରାୟ ଏକ ହଜାର କୋଟି ଟଙ୍କା ବ୍ୟୟ ହେବ।

ରାଜ୍ୟ ମୁଖ୍ୟ ସଚିବ ସୁରେଶ ମହାପାତ୍ର ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ଭସୁଟକୁ ସଂପ୍ରସାରଣ ଓ ନବୀକରଣ କରିବା ନିମନ୍ତେ ଏକ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରିବା ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୁପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ବିଶ୍ୱବିଦ୍ୟାଳୟରେ ସିଟ୍ ସଂଖ୍ୟା ଦ୍ୱିଗୁଣ କରିବା ସହ ବିଶ୍ୱବିଦ୍ୟାଳୟକୁ ଏକ ଉକର୍ଷ କେନ୍ଦ୍ରରେ ପରିଣତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ଏହି ମାଷ୍ଟରପ୍ଲାନ୍ ସହ ପ୍ରକଳ୍ପ ପ୍ରସ୍ତାବ ତୁରନ୍ତ ପ୍ରସ୍ତୁତ କରି ବୈଷୟିକ ଶିକ୍ଷା ବିଭାଗ ମାଧ୍ୟମରେ ସରକାରଙ୍କୁ ପଠାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ଶ୍ରୀ ମହାପାତ୍ର ଏକ ଉଚ୍ଚସ୍ତରୀୟ ଟିମ୍ ସହ ସମ୍ବଲପୁର ଗସ୍ତରେ ଯାଇ ପୂର୍ବାହ୍ନରେ ଭିସୁଟ୍ ପରିଦର୍ଶନ କରିବା ସହ ବିଭିନ୍ନ ବିଭାଗ ଓ ହଷ୍ଟେଲ ବୁଲି ଦେଖିଥିଲେ। ଏହି ସମୟରେ ଛାତ୍ରଛାତ୍ରୀ, ପ୍ରାଧ୍ୟାପକ ଓ କର୍ତ୍ତୃପକ୍ଷଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ଟିମରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ସଚିବ ହେମନ୍ତ ଶର୍ମା ଓ ଫାଇଭ୍-ଟି ସଚିବ ଭିକେ ପାଣ୍ଡିଆନ ମଧ୍ୟ ସାମିଲ ଥିଲେ।

ଏହା ପରେ ଶ୍ରୀ ମହାପାତ୍ରଙ୍କ ନେତୃତ୍ୱରେ ଏହି ଟିମ୍ ସାମାଜିକ ସୁରକ୍ଷା ଏବଂ ଦିବ୍ୟାଙ୍ଗ ସଶକ୍ତିକରଣ ବିଭାଗ ଦ୍ୱାରା ବୈଜାମୁଣ୍ଡାଠାରେ ନିର୍ମାଣ ହୋଇଥିବା ଆଶ୍ରୟସ୍ଥଳୀ ଓ ସମନ୍ୱିତ ସହାୟତା ଓ ଥଇଥାନ କେନ୍ଦ୍ରର ଭିତ୍ତିଭୂମି ଓ ସୁବିଧା ଆଦିର ଅନୁଧ୍ୟାନ କରିଥିଲେ। ଆଂଶିକଭାବେ କାର୍ଯ୍ୟକାରୀ ହୋଇଥିବା ଏହି କେନ୍ଦ୍ରକୁ ଆସନ୍ତା ୧ ରୁ ୨ ମାସ ମଧ୍ୟରେ ପୂର୍ଣ୍ଣାଙ୍ଗ କର୍ମକ୍ଷମ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି କେନ୍ଦ୍ରର ମାଧ୍ୟମରେ ପ୍ରାୟ ୫୦୦ ରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗ, ଅସହାୟ ବୃଦ୍ଧ ଓ ଭିକାରୀମାନଙ୍କୁ ଥଇଥାନ କରାଯିବ। ପରେ ଏହି ଟିମ୍ ମା' ସମଲେଇ ମନ୍ଦିର ଚତୁପାର୍ଶ୍ୱ ବିକାଶ ଓ ସୌନ୍ଦର୍ଯ୍ୟକରଣ ନିମନ୍ତେ ଆରମ୍ଭ ହୋଇଥିବା କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ। ମନ୍ଦିର ପରିକ୍ରମା ପ୍ରକଳ୍ପ, ନଦୀ ସମ୍ମୁଖ ବିକାଶ, ମନ୍ଦିର ମଧ୍ୟରେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟକ୍ରମ ଆଦିର କ୍ଷେତ୍ରାନ୍ୱୟନକୁ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟ ସଚିବ ଶ୍ରୀ ମହାପାତ୍ର ଓଡ଼ିଶା ବ୍ରିଜ୍ ଓ କନ୍‌ଷ୍ଟ୍ରକ୍ସନ୍ ନିଗମ (ଓବିସିସି)କୁ ନିର୍ଦ୍ଦେଶ ଦେଇଥିଲେ।




ଏହି ଗସ୍ତ ସମୟରେ ଉତ୍ତରାଂଚଳ ଆରଡିସି ସୁରେନ୍ଦ୍ର ଦଳେଇ, ସମ୍ବଲପୁର ଜିଲ୍ଲାପାଳ ଅନନ୍ୟା ଦାସ, ଜିଲ୍ଲା ପୁଲିସ ଏସପି. ବି.ଗଙ୍ଗାଧରଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଆବଶ୍ୟକୀୟ ତଥ୍ୟ ଉପସ୍ଥାପନ କରିଥିଲେ।

## ରେଭେନ୍ସା ଇଂରାଜୀ ବିଭାଗକୁ ଶହେ ବର୍ଷ ପୂରିଲା, ଶତାବ୍ଦୀ ସମାରୋହ ସେପ୍ଟେମ୍ବର ୩ରେ

ଭୁବନେଶ୍ୱର : ଦେଶର ଐତିହ୍ୟ ସମ୍ପନ୍ନ ରେଭେନ୍ସା ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗ ଇତିମଧ୍ୟରେ ଶହେ ବର୍ଷ ପୂରଣ କରିଥିବାରୁ ଆସନ୍ତା ସେପ୍ଟେମ୍ବର ମାସ ୩ ତାରିଖରେ ଶତବାର୍ଷିକ ଉତ୍ସବ ପାଳନ କରିବାକୁ ଯାଉଛି ୧୯୧୬ ମସିହାରେ ଇଂରାଜୀ ବିଭାଗରେ ସ୍ନାତକ ଶିକ୍ଷାଦାନ ଆରମ୍ଭ ହୋଇଥିବା ବେଳେ ୧୯୨୨ ମସିହାରେ ସ୍ନାତକୋତ୍ତର ଶିକ୍ଷାଦାନ ସୋନପୁର ମହାରାଣୀଙ୍କ ଆର୍ଥିକ ଅନୁଦାନ ଦ୍ୱାରା ଆରମ୍ଭ ହୋଇଥିଲା। ରେଭେନ୍ସା ଇଂରାଜୀ ବିଭାଗର ଏହି ଶହେ ବର୍ଷର ଯାତ୍ରା ସଂଘର୍ଷମୟ ଓ ଘଟଣା ବହୁଳ ଅଟେ। ଏହି ବିଭାଗର ଅବଦାନ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଅତୁଳନୀୟ। ଶତବାର୍ଷିକ ଉତ୍ସବର ଆୟୋଜନ ଆଲୁମିନି ସମିତି ଓ ଇଂରାଜୀ ବିଭାଗର ମିଳିତ ସହଯୋଗରେ ଅନୁଷ୍ଠିତ ହେବ। ଉତ୍ସବ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଅବଗତ କରାଇବା ନିମିତ୍ତ ଏକ ସାମ୍ବାଦିକ ସମ୍ମିଳନୀ ରେଭେନ୍ସା ଇଂରାଜୀ ବିଭାଗ ସମ୍ମେଳନ କକ୍ଷରେ ହେବ ବୋଲି ଆୟୋଜନ ସମିତିର ଗଣମାଧ୍ୟମ ଆବାହକ ସୂଚନା ପ୍ରଦାନ କରିଛନ୍ତି।

### ରାଜ୍ୟରେ ଖାଲି ପଡ଼ିଛି ପ୍ରାୟ ୬୭ ହଜାରରୁ ଉର୍ଦ୍ଧ୍ୱ ପଦବୀ

## ଚାକିରୀ ଅପେକ୍ଷାରେ ୨୨.୫୭ ଲକ୍ଷ

ଭୁବନେଶ୍ୱର: ସରକାରୀ ନିଯୁକ୍ତି ରାସ୍ତାରେ ବାଟ ଓଗାଳୁଛନ୍ତି ସରକାରୀ ଅଧିକାରୀ। ଖୋଦ୍ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶନାମାରୁ ଆସିଛି ଏଭଳି ସତ। ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱ କେଉଁ ବିଭାଗରେ କେତେ ପଦବୀ ଖାଲି ରହିଛି ସେନେଇ ବିଭାଗଗୁଡ଼ିକ ତଥ୍ୟ ଦେଉନାହାନ୍ତି। ତେଣୁ ନୂଆ ନିଯୁକ୍ତି କ୍ଷେତ୍ରରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଏହାକୁ ଦେଖି ତଥ୍ୟ ଦେବାକୁ ସବୁ ବିଭାଗକୁ ଚିଠି ଲେଖି ସତର୍କ କରାଇଛନ୍ତି ମୁଖ୍ୟ ଶାସନ ସଚିବ। ଏପଟେ ରାଜ୍ୟର ପ୍ରାୟ ୬୭ ହଜାରରୁ ଉର୍ଦ୍ଧ୍ୱ ପଦବୀ ଖାଲି ପଡିଛି। ଗତ ୩ ବର୍ଷରେ ମାତ୍ର ୩୬ ହଜାର ୭୦୦ ପଦବୀ ପୂରଣ ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି ସରକାର। ଯାହାକୁ ନେଇ ସର୍ବସାଧାରଣରେ ସରକାର ସମାଲୋଚନାକୁ ଆସିଛି।

ସୂଚନା ମୁତାବକ, ୨୦୨୩ ଶେଷ ସୁଦ୍ଧା ରାଜ୍ୟରେ ଖାଲି ପଡିଥିବା ସବୁ ସରକାରୀ ପଦବୀ ପୂରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ରହିଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶନାମାରେ ୭ ଦିନ ମଧ୍ୟରେ ସବୁ ତଥ୍ୟ ଦେବାକୁ କୁହାଯାଇଛି। ଅନ୍ୟପଟେ ସାଧାରଣ ପ୍ରସାଶନ ପକ୍ଷରୁ ମଧ୍ୟ ଆଉ ଏକ ଚିଠିରେ ସବୁ ବିଭାଗକୁ ଏନେଇ ସତର୍କ କରାଯାଇଛି।

ଏଥିରେ କୁହାଯାଇଛି, ମାର୍ଚ୍ଚ ମାସରୁ ସାଧାରଣ ପ୍ରସାଶନ ପକ୍ଷରୁ ସବୁ ବିଭାଗକୁ ବାରମ୍ବାର ତଥ୍ୟ ମଗାଯାଇଥିଲେ ମଧ୍ୟ ଅନେକ ବିଭାଗ ତଥ୍ୟ ଦେଇନାହାନ୍ତି। ସାଧାରଣ ପ୍ରଶାସନ, ସ୍ୱତନ୍ତ୍ର ସଚିବ, କ୍ରୀଡା ଓ ଯୁବ ବ୍ୟାପାର ଭଳି ବିଭାଗ ଚୁପ୍ ରହିଛନ୍ତି। ତେଣୁ କିଛି ବିଭାଗ ଦେଇଥିବା ୬୭ ହଜାର ୮୭୪ ଖାଲି ପଦବୀ ମଧ୍ୟରୁ କେବଳ ୩୬ ହଜାର ୭୦୦ ପଦବି ପୂରଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି।

ତେଣୁ ଏଠି ପ୍ରଶ୍ନ ନିଯୁକ୍ତି ଭଳି ପ୍ରସଙ୍ଗରେ ବିଭାଗଗୁଡ଼ିକର ଏଭଳି ଖାମଖିଆଲି ନୀତି କାହିଁକି। ସରକାରୀ ନିର୍ଦ୍ଦେଶକୁ ସରକାରୀ ଅଧିକାରୀ ନମାନିବା ପଛର କାରଣ କଣ। ଯାହାକୁ ନେଇ ସରକାରଙ୍କ ବିରୋଧରେ ଅସନ୍ତୋଷ ଝାଡ଼ିଛନ୍ତି ଚାକିରୀ ଆଶାୟୀମାନେ। ୨୦୧୯ରେ ବିଜେଡି ସରକାରକୁ ଆସିବା ପରେ ୩ ବର୍ଷରେ ମାତ୍ର ୩୬ ହଜାର ପଦବୀ ପୂରଣ ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। କିନ୍ତୁ ରାଜ୍ୟରେ ଏବେ ବି ୭୩ ହଜାର ସରକାରୀ ପଦବୀ ଖାଲି ପଡିଥିବା କିଛିଦିନ ତଳେ ବିଧାନସଭାରେ ସୂଚନା ଦେଇଥିଲେ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ।

ଅନ୍ୟପଟେ ତଥ୍ୟ କହୁଛି ରାଜ୍ୟରେ ପ୍ରାୟ ୨୨ ଲକ୍ଷ ୫୭ ହଜାର ପିଲା ରେଜିଷ୍ଟ୍ରେସନ କରି ଚାକିରୀ ଅପେକ୍ଷାରେ ଅଛନ୍ତି। ତେଣୁ ଏମିତି ସ୍ଥିତିରେ ବିଭାଗ ଗୁଡିକର ଏଭଳି ସ୍ଥାଣୁ ମନୋଭାବକୁ ନେଇ ସରକାରଙ୍କୁ ସମାଲୋଚନା କରିଛନ୍ତି ଚାକିରି ଆଶାୟୀ। ଏଭଳି ସ୍ଥିତିରେ ୨୦୨୩ ସୁଦ୍ଧା ମୁଖ୍ୟମନ୍ତ୍ରୀଙ୍କ ଶତପ୍ରତିଶତ ଖାଲି ପଦବୀ ପୂରଣ ଲକ୍ଷ୍ୟ କିଭଳି ହାସଲ ହେଉଛି, ତାକୁ ଦେଖିବାର କଥା।

## ୧୦୮ ଆମ୍ବୁଲାନ୍ସକୁ ଜାତୀୟ ସ୍ୱୀକୃତି

ଭୁବନେଶ୍ୱର: ରାଜ୍ୟରେ ମାଗଣା ଆମ୍ବୁଲାନ୍ସ ସେବା ଯୋଗାଉଥିବା ୧୦୮ ଆମ୍ବୁଲାନ୍ସକୁ ଜାତୀୟ ସ୍ୱୀକୃତି ମିଳିଛି। ନୂଆଦିଲ୍ଲୀର ରୋଜିଏଟ୍ ହାଉସରେ ଆୟୋଜିତ ଏକ ପୁରସ୍କାର ବିତରଣ ଉତ୍ସବରେ ୧୦୮ ଆମ୍ବୁଲାନ୍ସକୁ ଇଟି ଲିଡରସିପ୍ ଏକ୍ସିଲେନ୍‌ସି ଆୱାର୍ଡସ୍ ୨୦୨୨ ପ୍ରଦାନ କରାଯାଇଛି। 'ପ୍ରି-ହସ୍ପିଟାଲ କେୟାର' ବର୍ଗରେ ଜରୁରୀକାଳୀନ ଚିକିତ୍ସା ସେବା ପାଇଁ ଏହି ପୁରସ୍କାର ଦିଆଯାଇଛି।

## ଯୁକ୍ତ ୨ରେ ଏଥର ମଧ୍ୟ ହେବ ତ୍ରୈମାସିକ ପରୀକ୍ଷା

ଭୁବନେଶ୍ୱର: ଯୁକ୍ତ ୨ରେ ଏଥର ମଧ୍ୟ ହେବ ତ୍ରୈମାସିକ ପରୀକ୍ଷା। ଏନେଇ ଗଣଶିକ୍ଷା ବିଭାଗ ପକ୍ଷରୁ ଅଧ୍ୟକ୍ଷଙ୍କୁ ଚିଠି ଦ୍ୱାରା ଅବଗତ କରିଛି ସ୍କୁଲ ଓ ଗଣଶିକ୍ଷା ବିଭାଗ। ୨୦୨୨-୨୩ ଶିକ୍ଷା ବର୍ଷରେ ତ୍ରୈମାସିକ ପରୀକ୍ଷା ପାଇଁ ଏଥିରେ ନିର୍ଦ୍ଦେଶ ଦିଆଯାଇଛି। ପରୀକ୍ଷା ନେଇ ଆବଶ୍ୟକୀୟ ପଦକ୍ଷେପ ପାଇଁ ଚିଠିରେ ଉଲ୍ଲେଖ କରାଯାଇଛି। ସେପ୍ଟେମ୍ବର ୨ୟ କିମ୍ବା ୩ୟ ସପ୍ତାହରେ ଦ୍ୱାଦଶ ଶ୍ରେଣୀ ପ୍ରଥମ ତ୍ରୈମାସିକ ପରୀକ୍ଷା ହେବ।



ନଭେମ୍ବରରେ ଦ୍ୱିତୀୟ ଓ ଜାନୁଆରୀରେ ତୃତୀୟ ତ୍ରୈମାସିକ ପରୀକ୍ଷା ହେବ। ଏକାଦଶ ଶ୍ରେଣୀର ତ୍ରୈମାସିକ ପରୀକ୍ଷାସୂଚୀ ପରେ ପ୍ରକାଶ ପାଇବ। ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏ ନେଇ ଚିଠି ପରେ ଛାତ୍ରଛାତ୍ରୀମାନେ ନିଜକୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଜୁନ ୧୮ରୁ କଲେଜ୍ ଖୋଲିଥିଲେ ସୁଦ୍ଧା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ତ୍ରୈମାସିକ ପରୀକ୍ଷା ହେବ ନା ନାହିଁ ସ୍ପଷ୍ଟ କରିନଥିଲା। ଫଳରେ ଛାତ୍ରଛାତ୍ରୀମାନେ ଚିନ୍ତାରେ ଥିଲେ। ଏନେଇ ଛାତ୍ରଛାତ୍ରୀମାନଙ୍କ ଅସନ୍ତୋଷ କ୍ରମେ ଗଣମାଧ୍ୟମରେ ଖବର ପ୍ରସାରଣ ହୋଇଥିଲା। ତେଣୁ ସ୍କୁଲ ଓ ଗଣଶିକ୍ଷା ବିଭାଗ ତ୍ରୈମାସିକ ପରୀକ୍ଷା କରାଯିବ ବୋଲି ସ୍ପଷ୍ଟ କରିଛି। ଏଥିରେ ଥିଓରୀ ପାଇଁ ୨୦ ଓ ପ୍ରାକ୍ଟିକାଲ ପାଇଁ ୧୦ ମାର୍କର ପରୀକ୍ଷା ହେବ। ଖୁବ୍ ଶୀଘ୍ର ଏକାଦଶ ଶ୍ରେଣୀର ତ୍ରୈମାସିକ ପରୀକ୍ଷାସୂଚୀ ଡେଟ ଘୋଷଣା କରାଯିବ ବୋଲି ସୂଚନା ମିଳିଛି।

### ବଜ୍ରାଘାତ ମୃତ୍ୟୁରେ ଓଡ଼ିଶା ଏକ ନମ୍ବର

# 'ଦାମିନୀ' ରୋକିବ ଜୀବନହାନୀ

ଭୁବନେଶ୍ୱର: ରାଜ୍ୟରେ ଘାତକ ହେଉଛି ବଜ୍ରାଘାତ। ସତେ ଯେମିତି ଆକାଶରୁ ଖସୁଛି ମୃତ୍ୟୁ। ନେଇ ଚାଲିଯାଉଛି ଜୀବନ। ମୟୂରଭଞ୍ଜ ଓ ଝାରସୁଗୁଡ଼ା ଜିଲ୍ଲାରେ ବଜ୍ରପାତ ୫ ଜଣଙ୍କ ଜୀବନ ନେଇଥିବା ବେଳେ ଉଦଳାରେ ୨ ଜଣଙ୍କର ମୃତ୍ୟୁ ହୋଇଥିଲା। ରାଜ୍ୟର ବିଭିନ୍ନ ଜିଲ୍ଲାରେ ବଜ୍ରପାତ ଜନିତ ମୃତ୍ୟୁ ସଂଖ୍ୟା ବଢିବାରେ ଲାଗିଛି। ପାଣିପାଗ ବିଭାଗର ତଥ୍ୟ ଅନୁସାରେ ବଜ୍ରାଘାତ ମୃତ୍ୟୁରେ ଓଡ଼ିଶା ଦେଶରେ ଏକ ନମ୍ବର।

୨୦୨୧ରେ ବଜ୍ରାଘାତରେ ଦେଶରେ ୭୮୭ ଜଣଙ୍କର ମୃତ୍ୟୁ ହୋଇଥିଲା। ସେଥିମଧ୍ୟରେ ୨୧୩ ଜଣ ଓଡ଼ିଶାର ଥିଲେ। ଯାହାକି ମୋଟ୍ ବଜ୍ରପାତ ମୃତ୍ୟୁର ୨୭ ପ୍ରତିଶତ। ରାଜ୍ୟ ସରକାରଙ୍କ ତଥ୍ୟ ଅନୁସାରେ ୨୦୧୧ରୁ ୨୦୨୦ ମସିହା ମଧ୍ୟରେ ଅର୍ଥାତ୍ ଗତ ୯ ବର୍ଷରେ ବଜ୍ରଘାତ ଯୋଗୁ ୩ ହଜାର ୨୧୮ ଜଣଙ୍କ ମୃତ୍ୟୁ ହୋଇଛି। ଏଠି ପ୍ରଶ୍ନ ଉଠିଛି ସରକାରଙ୍କ ବ୍ୟାପକ ସତର୍କ ସୂଚନା ସତ୍ତ୍ୱ କାହିଁକି ବଜ୍ରାଘାତ ନେଉଛି ଏତେ ଜୀବନ? କ'ଣ ଠିକ୍ ସମୟରେ ଲୋକଙ୍କ ପାଖରେ ପହଞ୍ଚି ପାରୁନି କି ଏହି ସୂଚନା। ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସଙ୍କ ମତରେ ପ୍ରାକ୍ ମୌସୁମୀ ଓ ମୌସୁମୀ ଦୁର୍ବଳ ହେବା ସମୟରେ ହିଁ ବଜ୍ରପାତର ଅଧିକ ଆଶଙ୍କା ଥାଏ। ଦିନ ୧୧ଟାରୁ ରାତି ୮ଟା ମଧ୍ୟରେ ସାଧାରଣତଃ ବଜ୍ରପାତ ହୁଏ। ମାର୍ଚ୍ଚରୁ ମେ ମାସରେ ବଜ୍ରପାତର ତୀବ୍ରତା ଓ ମାତ୍ରା ଅଧିକ ରହିଥାଏ। ତେବେ ଜୁନ୍ ଓ ସେପ୍ଟେମ୍ବର ମଧ୍ୟରେ ଚାଷୀ ଖୋଲା ବିଲରେ କାମ କରୁଥିବାରୁ ବଜ୍ରପାତର ଶିକାର ହୁଅନ୍ତି। ଭାରତୀୟ ପାଣିପାଗ ବିଭାଗ ୫ ଦିନ ଆଗରୁ ବଜ୍ରପାତ ନେଇ ସୂଚନା ଦେଉଛି। ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବଜ୍ରାଘାତ ନେଇ ପାଣିପାଗ ବିଭାଗ ୩ ଘଣ୍ଟା ପୂର୍ବରୁ ସୂଚନା ପ୍ରଦାନ କରିଥାଏ। ତେବେ ଏହା କେତେଶୀଘ୍ର ଲୋକଙ୍କ ପାଖରେ ପହଞ୍ଚିବ, ତାହା ହିଁ ସବୁଠୁ ବଡ଼ ଆହ୍ୱାନ।



ସେପଟେ ଉତ୍ତର ଓଡ଼ିଶା ତଥା ପାହାଡ଼ିଆ ଜିଲ୍ଲାଗୁଡିକରେ ବଜ୍ରଘାତଜନିତ ମୃତ୍ୟୁ ସଂଖ୍ୟା ଅଧିକ। ତେଣୁ ଲୋକଙ୍କୁ ମୋବାଇଲ ମେସେଜ ଜରିଆରେ ଆଗୁଆ ସୂଚନା ଦେଇ ସତର୍କ କରିବାକୁ ପ୍ରୟାସ ଆରମ୍ଭ କରିଛି ବାଲେଶ୍ୱରସ୍ଥିତ ଫକୀର ମୋହନ ବିଶ୍ୱବିଦ୍ୟାଳୟ। ଭାରତୀୟ ପାଣିପାଗ ବିଭାଗ, ଓସ୍‌ଡମା ଓ କର୍ପସ ନାମକ ସଂସ୍ଥା ସହାୟତାରେ ସ୍ୱତନ୍ତ୍ର ବଜ୍ରପାତ ଆପ୍ 'ଦାମିନୀ' ବିକାଶ କରାଯାଇଛି।

ଏନେଇ ଫକୀର ମୋହନ ବିଶ୍ୱବିଦ୍ୟାଳୟ କୁଳପତି ସନ୍ତୋଷ କୁମାର ତ୍ରିପାଠୀ ଓ ବୈଜ୍ଞାନିକ ସଞ୍ଜୟ ଶ୍ରୀବାସ୍ତବ କହିଛନ୍ତି, ଏହି ଆପ୍ ଦ୍ୱାରା ବଜ୍ରପାତର ୪୦ ମିନିଟ୍ ପୂର୍ବରୁ ନିର୍ଦ୍ଦିଷ୍ଟ ଅଞ୍ଚଳର ଲୋକଙ୍କୁ ମେସେଜ୍ ପଠାଇ ସତର୍କ କରାଇ ହେବ। ଫଳରେ ବଜ୍ରାଘାତଜନିତ ମୃତ୍ୟୁକୁ ରୋକାଯାଇପାରିବ ବୋଲି ଆଶା କରାଯାଉଛି। ତେବେ ବିଲକୁ କାମ କରିବାକୁ ଯାଉଥିବା କେତେ ସଂଖ୍ୟକ ଚାଷୀ ଓ ଶ୍ରମିକ ସାଙ୍ଗରେ ମୋବାଇଲ ନେଇ ଯାଉଛନ୍ତି, ଏଥିସହ ଏବାବଦରେ ସେଚେତନ, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବଜ୍ରପାତ ହେଉଥିଲେ ପାଣିରେ, ଗଛ ତଳେ, ଖୋଲା ଆକାଶ ତଳେ ନ ରହିବାକୁ କରାଯାଉଥିବା ସଚେତନତା ମଧ୍ୟ ଲୋକଙ୍କ ନିକଟରେ ପହଞ୍ଚି ପାରୁନି। ଯାହା ବଜ୍ରାଘାତ ଜନିତ ମୃତ୍ୟୁ ସଂଖ୍ୟା ବଢ଼ାଉଛି।



## ଉଚ୍ଚଶିକ୍ଷାରେ ଅର୍ଥ ବାଧକ
## ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ସୁଭଦ୍ରା

ପାଟଣା: ପାଳିତ ବାପାମାଙ୍କ ମୃତ୍ୟୁ ପରେ ମୂଲ ଲାଗି ପାଠପଢ଼ିବା ସହ ଦଶମ ଶ୍ରେଣୀ ପାସ୍ କଲେ। ଏବେ ଉଚ୍ଚଶିକ୍ଷା ପାଇଁ ପାଖରେ ସମ୍ବଳ ନାହିଁ। ପାଠପଢ଼ି ଭବିଷ୍ୟତ ଗଢ଼ିବାକୁ ଇଚ୍ଛା ଥିଲେ ମଧ୍ୟ ଅର୍ଥ ବାଧକ ସାଜିଥିବାରୁ ସହାୟତା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଚିଠି ଲେଖିଛନ୍ତି କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ମଲ୍ଲିପଶି ଗ୍ରାମର ଝିଅ ସୁଭଦ୍ରା ନାଏକ (୧୬)।

ସୁଭଦ୍ରା ମାତ୍ର ଅଢ଼େଇମାସର ହୋଇଥିବା ବେଳେ ମଲ୍ଲିପଶି ଗ୍ରାମର ନିଃସନ୍ତାନ ଦମ୍ପତି ସ୍ୱର୍ଗତ ବିଜୟ କୁମାର ନାଏକ ଓ ତାଙ୍କ ପତ୍ନୀ ରମି ନାଏକ ତାଙ୍କୁ ଘରକୁ ନେଇ ଆସିଥିଲେ। ସେହିଦିନ ଠାରୁ ସୁଭଦ୍ରା ପାଳିତ କନ୍ୟା ହୋଇ ସେମାନଙ୍କ ପାଖରେ ରହିଆସୁଥିଲେ। ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ସୁଭଦ୍ରା ଭଲରେ ପାଠପଢ଼ିଲେ। ଏହାପରେ ତାଙ୍କ ଜୀବନରେ ଦୁଃଖ ମାଡ଼ି ଆସିଲା। ପ୍ରଥମେ ବାପା ଓ ପରେ ମା ଆଗପଛ ହୋଇ ଆରପାରିକୁ ଚାଲିଗଲେ। ତଥାପି ସୁଭଦ୍ରା ଭାଙ୍ଗି ନ ପଡ଼ି ମୂଲ ଲାଗି ନିଜ ପେଟ ପୋଷିବା ସହ ପାଠପଢ଼ି ମାଟ୍ରିକ୍ ପାସ୍ କଲେ। ଏବେ ଉଚ୍ଚଶିକ୍ଷା ପାଇଁ ଇଚ୍ଛା ଥିଲେ ମଧ୍ୟ କଲେଜରେ ନାମଲେଖାଇବା ପାଇଁ ପାଖରେ ସମ୍ବଳ ନାହିଁ। ସହାୟତା ପାଇଁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଚିଠି ଲେଖିଛନ୍ତି। ଗତ ଅଗଷ୍ଟ ୨୪ ତାରିଖରେ ସେ ରେଜିଷ୍ଟ୍ରି ପୋଷ୍ଟ ଯୋଗେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଚିଠି ପଠାଇଥିବା ସୁଭଦ୍ରା କହିଛନ୍ତି।

## ଅସୁରକ୍ଷିତ ଗଜରାଜ, ୫ ବର୍ଷରେ ମଲେଣି ୨୯

କେନ୍ଦୁଝର : କେନ୍ଦୁଝର ଜିଲ୍ଲାରେ ଜଙ୍ଗଲ ସମ୍ପଦର ଦ୍ରୁତ ଅବକ୍ଷୟ ଗଜରାଜଙ୍କ ପାଇଁ ବିପଦ ହୋଇଛି। ଖାଦ୍ୟ ଅନ୍ୱେଷଣରେ ଜନବସତି ମୁହାଁ ହେଉଥିବା ବେଳେ ଅନେକ ସମୟରେ ହାତୀ-ମଣିଷ ଲଢ଼େଇ ହେଉଛି। ଅନ୍ୟପଟେ କେତେବେଳ ଟ୍ରେନ୍ ଧକ୍କାରେ ତ କେତେବେଳେ ବିଦ୍ୟୁତ୍ ଆଘାତରେ ହାତୀଙ୍କର ମୃତ୍ୟୁ ଘଟୁଛି। ଗତ ୫ ବର୍ଷରେ ୨୯ଟି ହାତୀଙ୍କର ମୃତ୍ୟୁ ଘଟିଛି। ରିପୋର୍ଟରୁ ଜଣାପଡିଛି, ଜିଲ୍ଲାରେ ୨୦୧୮-୧୯ ମସିହାରେ ୩ଟି ହାତୀ ମରିଥିବା ବେଳେ ୨୦୧୯-୨୦ ମସିହାରେ ୬ଟି ହାତୀ ଏବଂ ଓ ୨୦୨୦-୨୧ ମସିହାରେ ୭ଟି ହାତୀ ମରିଥିଲେ। ୨୦୨୧-୨୨ ମସିହାରେ ୭ ହାତୀ ଓ ଚଳିତ ବର୍ଷରେ ଆଜି ପର୍ଯ୍ୟନ୍ତ ୬ଟି ହାତୀଙ୍କ ମୃତ୍ୟୁ ହୋଇଛି। ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ୪୦ ବର୍ଷ ପୂର୍ବେ କେନ୍ଦୁଝର ବନ୍ୟପ୍ରାଣୀ ଡିଭିଜନ ଗଠିତ ହୋଇଥିବା ବେଳେ ୨୦୦୩ ଅକ୍ଟୋବର ୧ ତାରିଖରେ କେନ୍ଦୁଝର ବନଖଣ୍ଡ ଡିଭିଜନକୁ ଦୁଇଭାଗ କରି ନୂତନ ଆନନ୍ଦପୁର ବନ୍ୟପ୍ରାଣୀ ଡିଭିଜନ ଗଠିତ ହୋଇଥିଲା। ଏହି ନୂତନ ଡିଭିଜନ ଅଧୀନରେ ଦୈତାରୀ, ଦେଓଗାଁ, ହଦଗଡ଼ ହସ୍ତୀ ଅଭୟାରଣ୍ୟ ଏବଂ ଆନନ୍ଦପୁର ରେଞ୍ଜ ରହିଛି। ସମୁଦାୟ ୯୬୮୨୪.୦୫୫୨ ହେକ୍ଟର ଜଙ୍ଗଲ ଅଞ୍ଚଳ ମଧ୍ୟରୁ ପ୍ରାୟ ୭୦୭୭୩ ହେକ୍ଟର ରିଜର୍ଭ ଜଙ୍ଗଲ ଓ ୨୧୪.୦୭ ହେକ୍ଟର ସୁରକ୍ଷିତ ରିଜର୍ଭ ଜଙ୍ଗଲ ରହିଛି। ଅବଶିଷ୍ଟ ରାଜସ୍ୱ ଗ୍ରାମ୍ୟ ଓ ଅନ୍ୟାନ୍ୟ ଶ୍ରେଣୀଭୁକ୍ତ ଜଙ୍ଗଲ ରହିଛି । ପ୍ରାୟ ୧୧,୦୦୦ ହେକ୍ଟର ପରିମିତ ହଦଗଡ଼ ଅଭୟାରଣ୍ୟ ପଡ଼ୋଶୀ ମୟୂରଭଞ୍ଜ ଓ ଭଦ୍ରକ ଜିଲ୍ଲାର ସୀମାକୁ ଲାଗି ରହିଛି । ଏହା ବ୍ୟତୀତ ହଦଗଡ଼ ଡ୍ୟାମ୍ ଏହି ଅଞ୍ଚଳରେ ରହିଛି । ଆନନ୍ଦପୁର ରେଞ୍ଜ୍ ଅଧୀନରେ ଥିବା ୧୩,୦୦୦ ହେକ୍ଟର ପରିମିତ ବରାଙ୍ଗ ଜଙ୍ଗଲ ହରିଣଙ୍କ ଆଶ୍ରୟସ୍ଥଳୀ ହୋଇଛି। କେନ୍ଦୁଝର ବନ୍ୟପ୍ରାଣୀ ଡିଭିଜନ ପରିସରରେ ହାତୀମାନେ ଜଙ୍ଗଲରୁ ବାହାରି ଜନବସତି ଆଡ଼କୁ ଆସି ଧାନ ଫସଲ ଖାଇବା ସହ ନଷ୍ଟ କରିବା ଘଟଣା ପ୍ରତ୍ୟେକ ଦିନର ଖବର ହୋଇଛି । ଏନେଇ ଆରସିସିଏଫ୍ ଉଦବେଗ ପ୍ରକାଶ କରିଛନ୍ତି। ଆର୍ସିସିଏଫ୍ ଅରୁଣ କୁମାର ମିଶ୍ର କହିଛନ୍ତି, ଜନବସତିରେ ଯେତେ ଅସୁବିଧା ହେଲେ ମଧ୍ୟ ହାତୀଙ୍କ ଅଭ୍ୟାସ ବଦଳିବାରେ ଲାଗିଛି। କେନ୍ଦୁଝରରେ ଅନିୟନ୍ତ୍ରିତ ଖଣି ଖନନ ଯୋଗୁଁ ବ୍ୟାପକ ଜଙ୍ଗଲ ନଷ୍ଟ ହେଉଛି। ଏହି କାରଣରୁ ହାତୀ ଜନବସତି ମୁହାଁ ହେଉଥିବା ସେ କହିଛନ୍ତି।

# ଚୂନଭାଟି ଡମ୍ପିଂୟାର୍ଡ ପାଇଁ ଦହଗଞ୍ଜ ୭୦ ପରିବାର

ବାଲେଶ୍ୱର: କନ୍ଦାଉଛି ବାଲେଶ୍ୱର ମୁନିସିପାଲିଟି ଅଧୀନ ୨୭ ନମ୍ବର ୱାର୍ଡର ଚୂନଭାଟି ଡମ୍ପିଂୟାର୍ଡ। ଖରା ହେଉ କି ବର୍ଷା; ଡମ୍ପିଂୟାର୍ଡର ଦୁର୍ଗନ୍ଧମୟ ପରିବେଶରେ ଦିନ କାଟୁଛନ୍ତି। ବର୍ଷା ଦିନରେ ତ ଏଠାରେ ପରିସ୍ଥିତି ସାଂଘାତିକ ହୋଇପଡ଼େ। ଘରେ ରହିବା ମୁସ୍କିଲ୍ ହୋଇଯାଏ। ସବୁ ଅଳିଆ ଆବର୍ଜନା ଆସି ଘର ଭିତରେ ପଶେ। ଡମ୍ପିଂୟାର୍ଡର ଅପରିଷ୍କାର ପାଣି ସବୁ ଘରେ ଜମିରହେ। ସେମିତି ଖରାଦିନରେ ଯଦିଓ ଅପରିଷ୍କାର ପାଣିରୁ ମୁକ୍ତି ମିଳୁଛି, ହେଲେ ପବନ ବି ଆମକୁ ଛାଡୁନାହିଁ। ସବୁ ଅଳିଆ ଆବର୍ଜନା ଉଡ଼ି ଆସି ଘର ଓ ଘର ବାହାରେ ପଡୁଛି। ବାରମ୍ବାର ମୁନ୍ସିପାଲିଟିକୁ କହିବା ପରେ କିଛି ଆବର୍ଜନା ଉଠାଯାଇ ଉପରକୁ ଫିଙ୍ଗାଯାଏ। ପୁଣି କିଛିଦିନ ଗଲା ପରେ ସମାନ ଅବସ୍ଥା ଭୋଗିବାକୁ ପଡ଼େ। ଏଥର ବନ୍ୟାରେ ଗୋଟିଏ ପଟେ ପାଣି ଘେରରେ ରହିଥିବା ବେଳେ ଅନ୍ୟପଟେ ଡମ୍ପିଂୟାର୍ଡର ଆବର୍ଜନା ପାଣି ଘର ଭିତରେ ପଶିଛି। ଏବେ ଦୁଃଖ ଦ୍ୱିଗୁଣିତ ହୋଇଯାଇଛି। ଏବେ ବନ୍ୟାପାଣି ଛାଡ଼ିଛି ସତ, ହେଲେ ଆବର୍ଜନା



ପାଣି ଶୁଖୁନାହିଁ। ଦିନରାତି ଏହି ପାଣି ମାଡ଼ି ଯାତାୟାତ କରୁଛନ୍ତି। ପରିସ୍ଥିତିକୁ ଦେଖି ବର୍ଷ ବର୍ଷ ଧରି ସମସ୍ୟା ସହ ଯୁଝି ହେଉଛୁ। ଦୁଃଖ ଏତିକି ଆଜି ପର୍ଯ୍ୟନ୍ତ ସମସ୍ୟାର ସମାଧାନ ଦିଗରେ କେହି ଗୁରୁତ୍ୱ ଦେଇ ନାହାନ୍ତି। ଏମିତି କହିଛନ୍ତି ୨୭ ନମ୍ବର ୱାର୍ଡର ତଳସାହିସ୍ଥିତ ଶ୍ରୀଲଙ୍କା ସାହିର ବାସିନ୍ଦା।

ତଳସାହିର ପାଖାପାଖି ୭୦ ପରିବାର ଡମ୍ପିଂୟାର୍ଡ ପାଇଁ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ପ୍ରତିଦିନ ଏହି ଡମ୍ପିଂୟାର୍ଡରେ ସହରର ସବୁ ଅଳିଆ ଆବର୍ଜନା ଫିଙ୍ଗାଯାଉଛି। ଅହରହ ଡମ୍ପର ଗାଡ଼ି ଜରିଆରେ ସଫେଇ କର୍ମଚାରୀ ଏଠାରେ ଆଣି ଅଳିଆ ପକେଇ ଦେଇ ଯାଉଛନ୍ତି। ପରିସ୍ଥିତି ଏମିତି ହେଲାଣି ଏହି ଅଳିଆ ଏବେ ଆବର୍ଜନା ପାହାଡ଼ ସଦୃଶ ହୋଇଛି। ବର୍ଷା ଓ ପବନରେ ଏହା ଧସି ଆସି ବହୁ ସମୟରେ ରାସ୍ତା ଉପରେ ଜମା ହେଉଛି। ଡମ୍ପିଂୟାର୍ଡକୁ ଲାଗିରହିଥିବା ତଳସାହିର ବହୁ ପରିବାର ପ୍ରଭାବିତ ହେଉଛନ୍ତି। ବର୍ଷା ଦିନରେ ଏଠାକୁ ଜରୁରୀକାଳୀନ ଗାଡ଼ି ବି ପଶି ପାରେ ନାହିଁ। ଡମ୍ପିଂୟାର୍ଡର ଅପରିଷ୍କାର ପାଣି ଝରି ଝରି ରାସ୍ତା ଓ ଘର ଭିତରେ ଅଧିକାଂଶ ସମୟରେ ଜମି ରହୁଛି। ଏମିତିକି ଘରେ ରହିବା ବି ସମ୍ଭବପର ହେଉନାହିଁ। ଘର ଭିତରେ ବସି ଖାଇବା କି ଶୋଇବା ପାଇଁ ଟିକେ ଜାଗା ନାହିଁ। ଚାରିଆଡ଼େ କାଦୁଅ ପଚପଚ। କିଛି ବିକଳ୍ପ ବ୍ୟବସ୍ଥା ନଥିବାରୁ ଏହି ଅସ୍ୱାସ୍ଥ୍ୟକର ପରିବେଶରେ ରହିଆସୁଛନ୍ତି ଅଞ୍ଚଳବାସୀ। ଏହି ଆବର୍ଜନାରେ ରହି ରହି ବିଭିନ୍ନ ରୋଗରେ ଶିକାର ହେଉଛନ୍ତି। ଡମ୍ପିଂୟାର୍ଡର ସ୍ଥିତି ଏମିତି ହେଲାଣି ଦିନକୁ ଦିନ ଏହା ଧସି ଧସି ବସ୍ତିମୁହାଁ ହେଲାଣି। କେତେବେଳେ କ'ଣ ହେବ; କହିହେବ ନାହିଁ। ହେଲେ ପୌର କି ଜିଲ୍ଲା ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପନ ନେବା ନେଇ ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରିଛନ୍ତି।

### ବିପଦସଂକୁଳ ଅଙ୍ଗନବାଡ଼ି କେନ୍ଦ୍ର
## ୫ବର୍ଷ ଧରି ଗଛମୂଳେ ପିଲାଙ୍କ ଭବିଷ୍ୟତ

ଖ୍ଡିଂ: ବର୍ଷେ କି ଦୁଇବର୍ଷ ନୁହେଁ ୫ବର୍ଷରୁ ଊର୍ଦ୍ଧ୍ୱ ହେଲାଣି ଗଛମୂଳେ ଚାଲିଛି ପୋଖରିଆ ଅଙ୍ଗନବାଡି କେନ୍ଦ୍ର। ଏପରି ଘଟଣା ଦେଖିବାକୁ ମିଳିଛି ଶୁକୃଳି ଅନ୍ତର୍ଗତ ବାରିଆ ପଞ୍ଚାୟତ ପୋଖରିଆ ଗ୍ରାମରେ। ବର୍ଷାଦିନ ଅଙ୍ଗନବାଡି କେନ୍ଦ୍ର ଛାତରୁ ପାଣିଗଳି ଭିତରେ ପାଣି ଜମୁଛି। ଛାତ ଦୁର୍ବଳ ହୋଇ କଂକ୍ରିଟ ଖସୁଛି। ଛାତ ତଳେ ବସୁଥିବା କୋମଳମତି ଶିଶୁଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ନେଇ ଗ୍ରାମବାସୀ ଶିଶୁମାନଙ୍କୁ କେନ୍ଦ୍ରକୁ ଯିବାକୁ ବାରଣ କରିଛନ୍ତି। ପ୍ରଶାସନକୁ ମଧ୍ୟ ଅବଗତ କରାଯାଇଛି। ହେଲେ ଏ ଯାଏ ପ୍ରଶାସନ କିମ୍ବା ରାଜନେତା କାହାରି ଆନ୍ତରିକତା ନଥିବା ପରି ମନେହୁଏ। ତେଣୁ ବାଧହୋଇ ୫ବର୍ଷରୁ ଊର୍ଦ୍ଧ୍ୱ ହେବ ଗଛମୂଳେ ଚାଲିଛି ଅଙ୍ଗନବାଡି କେନ୍ଦ୍ର।

ଏହି ଅଙ୍ଗନବାଡ଼ି କେନ୍ଦ୍ରରେ ୮୬ଜଣ ଶିଶୁ ପଢୁଥିବାବେଳେ ଗଛମୂଳେ ପାଠପଢା ହେଉଥିବାରୁ ଖୁବ କମ ସଂଖ୍ୟାରେ ଶିଶୁଙ୍କ ଉପସ୍ଥାପନ ଦେଖିବାକୁ ମିଳୁଛି। ବାଉଁଶ ଉପରେ ଆଜବେଷ୍ଟସ ପକାଯାଇ ଖୋଲାରେ



ଶିଶୁମାନଙ୍କ ପାଇଁ ରନ୍ଧାଖାଦ୍ୟ ପ୍ରସ୍ତୁତ ହେଉଛି। ଏ ସମ୍ବନ୍ଧରେ ଅଙ୍ଗନବାଡି କର୍ମୀ ସୋମବାରୀ ହେମ୍ବ୍ରମ ପ୍ରଶାସନକୁ ବହୁବାର ଅବଗତ କରାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳି ନଥିବା କହିଛନ୍ତି। ଏନେଇ ଜିଲ୍ଲାପାଳ ଦୃଷ୍ଟି ଦେବା ନେଇ ଗ୍ରାମବାସୀ ଦାବି କରିଛନ୍ତି। ଏ ସଂପର୍କରେ ଶୁକୃଳି ସିଡିପିଓ ନୂତନଭାବେ ଦାୟିତ୍ୱ ଗ୍ରହଣ କରିଥିବାରୁ ଏ ବିଷୟରେ ଜାଣି ନଥିବା କହିଥିଲେ। ଖୁବଶୀଘ୍ର ତଦନ୍ତ କରାଯାଇ ସମସ୍ୟା ସମାଧାନ କରାଯିବ ବୋଲି କହିଥିଲେ।

### ଛୁଆଅଛୁଆଁ ଭେଦଭାବ; ମରିଗଲା ମଣିଷପଣିଆ
## ବିନା କୋକଇରେ ଶ୍ମଶାନ ନେଲେ ପୁଅ-ବୋହୂ

ଜୟପୁର: ପୁଅ କର୍ମର ଫଳ ଭୋଗିଲା ମା'ର ମୃତଦେହ। ପୁଅ ୬ ମାସ ତଳେ କରି ଦେଇଥିବା କାମ ପାଇଁ ମା'ର ଶବକୁ ଛୁଇଁଲେନି ଗ୍ରାମବାସୀ। ଭୁଲିଗଲେ ମାନବିକତା। ୬ ମାସ ତଳେ ପୁଅ ଅନ୍ୟ ଜାତି ଘରେ ଖାଇଦେଇଥିବାରୁ ମା' ମୃତଦେହକୁ ମିଳିଲାନି ୪ କାନ୍ଧ। ଫଳରେ ରାସ୍ତାରେ ଘୋଷାରି ଘୋଷାରି ମା' ମୃତଦେହକୁ ଶ୍ମଶାନକୁ ନେଇ ସତ୍କାର କରିଛନ୍ତି ପୁଅବୋହୂ ।

ଏପରି ହୃଦୟ ବିଦାରକ ଓ ଅମାନବୀୟ ଘଟଣା ଦେଖିବାକୁ ମିଳିଛି କୋରାପୁଟ ଜିଲ୍ଲା ଜୟପୁର ବ୍ଲକ ଅନ୍ତର୍ଗତ ବୈରାଗିମଠ ଗ୍ରାମରେ। ମୃତା ମହିଳା ହେଲେ ମୁକ୍ତା ପରଜା । ଶେଷରେ ଛୁଆଁ ଅଛୁଆଁ ଭେଦଭାବ ଆଗରେ ଫିକା ପଡ଼ିଗଲା ମଣିଷପଣିଆ। ପ୍ରାୟ ୬ମାସ ପୂର୍ବେ ମୁକ୍ତାଙ୍କ ପୁଅ ମଙ୍ଗଳା ପରଜା ଅନ୍ୟ ଜାତି ଘରେ ଖାଇଥିଲେ। ସେବେଠୁ ଗ୍ରାମବାସୀ ମଙ୍ଗଳାଙ୍କ ପରିବାରକୁ ଏକ ଘରକିଆ କରି ଦେଇଥିଲେ। ମୁକ୍ତାଙ୍କ ପରିବାର ସହ କେହି ମିଶୁ ନଥିବା ବେଳେ ଭୋଜି ଭାତରେ ବି ସାମିଲ କରୁ ନଥିଲେ ।

ଇତି ମଧ୍ୟରେ ବାର୍ଦ୍ଧକ୍ୟଜନିତ କାରଣରୁ ଆଖି ବୁଜିଲେ ମୁକ୍ତା। ବୃଦ୍ଧାଜଣକ ମୃତ ପରେ ବି ଗାଁ ଲୋକଙ୍କ ରାଗ ଶାନ୍ତ ହୋଇ ନଥିଲା। ମଙ୍ଗଳା ବହୁ କାକୁତିମିନତି ହେବା ସତ୍ତ୍ୱ ତାଙ୍କ ମା'ଙ୍କ ଶବକୁ ୪ କାନ୍ଧ ଦେବାକୁ କେହି ଆଗେଇ ଆସିଲେନି।

ଶେଷରେ ବାଧ ହୋଇ କୋକେଇରେ ମା' ମୃତଦେହକୁ ବାନ୍ଧି ତାକୁ ରାସ୍ତାରେ ଟାଣି ଟାଣି ନେଲେ ମଙ୍ଗଳା। ସମସ୍ତେ ଦେଖଣାହାରୀ ସାଜିଥିଲେ ବି କେହି ଆହା ପଦେ କହିବାକୁ ଆଗେଇ ଆସିଲେନି। ସ୍ୱାମୀଙ୍କର ଏପରି ଅସହାୟତାକୁ ବରଦାସ୍ତ କରି ନ ପାରି ବୋହୂ କୁନି ତାଙ୍କ ସହ ମିଶି କୋକେଇ ଧରିଥିଲେ। ମାତ୍ର ସେ କୋକେଇ ଭାର ସମ୍ଭାଳି ପାରିଲେନି। ରାସ୍ତାରେ ବରମ୍ବାର କୋକେଇ ପଡ଼ି ଯାଉଥିବା ବେଳେ ଶେଷରେ ତାହାକୁ ଘୋଷାରି ଘୋଷାରି ଶଶ୍ମାନକୁ ନେଇଥିଲେ ମଙ୍ଗଳା। ଆଉ ସେଠାରେ ଶେଷକୃତ୍ୟ ସମ୍ପନ୍ନ କରିଥିଲେ । ଆଜି ବି ସମାଜରେ ଛୁଆଁଅଛୁଆଁ ଭେଦଭାବ ତିଷ୍ଠି ରହିଥିବା ବେଳେ ତାହାର କରୁଣ ପରିଣତିକୁ ସହଜେ ଗ୍ରହଣ କରିପାରି ନାହାନ୍ତି ବୁଦ୍ଧିଜୀବୀ।

# ପ୍ରଶାସନ ଶୁଣିଲାନି; ଲୋକେ ମରାମତି କଲେ ରାସ୍ତା

କୋଇଡ଼ା: ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ସଦର ମହକୁମାରୁ ୧୨ କିଲୋମିଟର ଦୂର ପାହାଡ଼ ପାଦ ଦେଶରେ କେନ୍ଦୁଝର ଜିଲ୍ଲାକୁ ଲାଗି ପାଟମୁଣ୍ଡା ପଞ୍ଚାୟତର ରାଜସ୍ୱ ଗ୍ରାମ 'କଦମଡିହି'। ସ୍ୱାଧୀନତାର ୭୬ ବର୍ଷ ପରେ ବି ଏ ଗ୍ରାମକୁ ବିଜୁଳି ପହଞ୍ଚିନି। କେବଳ ବିଜୁଳି ନୁହେଁ ଏ ଗ୍ରାମକୁ ରାସ୍ତା ଖଣ୍ଡେ ନାହିଁ। ରାସ୍ତା ନାହିଁ ମାନେ ଆମ୍ବୁଲାନ୍ସ ଯିବା ମଧ୍ୟ ଅସମ୍ଭବ। ଝରଣା ଓ ନଦୀ ପାଣି ହିଁ ଏ ଗ୍ରାମ ପାଇଁ ଜୀବନରେଖା। ଝାଟି ମାଟି ଘରେ ରହୁଛନ୍ତି ଶତାଧିକ ପରିବାର। ବିଜୁଳି ଓ ରାସ୍ତା ସମେତ ଅନ୍ୟାନ୍ୟ ମୌଳିକ ସୁବିଧା ପାଇଁ ଏ ଗ୍ରାମବାସୀ ଦୀର୍ଘ ୫ ଦଶନ୍ଧି ଧରି କେତେ ଯେ ମନ୍ତ୍ରୀ, ରାଜନେତା, ଜିଲ୍ଲାପାଳ, ବିଡିଓ ପ୍ରମୁଖଙ୍କୁ ଦାବି ଉପସ୍ଥାପନ କରି ଆସୁଛନ୍ତି ହେଲେ ଆଜିବି ଏ ଗ୍ରାମ ସାବତ ଶିଶୁ ଭଳି ଅନ୍ଧକାରର ଅନ୍ଧାର ଗଳିରେ ଛନ୍ଦି ହୋଇ ରହିଯାଇଛି।



ପଞ୍ଚାୟତ ଓ ବ୍ଲକ୍ ସଦରମହକୁମାକୁ ସଂଯୋଗ କରୁଥିବା ପାହାଡ଼ିଆ ପଥୁରିଆ ରାସ୍ତା ନିର୍ମାଣ ନ ହେବା ଫଳରେ ଜୀବନ ବଞ୍ଚାଇବା ପାଇଁ ନିଜେ ବହୁ ଥର ରାସ୍ତା ମରାମତି କରି ଆସୁଥିଲେ। ବିଜୁଳି ନ ଥିବା ହେତୁ ଗ୍ରାମକୁ ପାନୀୟଜଳ ପାଇଁ ଗୋଟିଏ ଟ୍ୟାଙ୍କର ଗ୍ରାମକୁ କିଛି ଦିନ ହେଲା ଯାଉଥିଲା କିନ୍ତୁ ଲଗାଣ ବର୍ଷାରେ ସେଇ ପଥୁରିଆ ପାହାଡ଼ ରାସ୍ତା ସମ୍ପୂର୍ଣ୍ଣ ଧୋଇ ହୋଇ ବଡ ବଡ ପଥର ବାହାରିପଡ଼ିଲା। ଫଳସ୍ୱରୂପ ଲୋକେ ସାଇକଲରେ ଦୂର କଥା ପାଦରେ ଚାଲି ବି ଯିବା ଆସିବା କରି ପାରିଲେ ନାହିଁ। ବାଇକ୍ ଆରୋହୀ ବାରମ୍ବାର ଦୁର୍ଘଟଣାର ଶିକାର ହେଲେ ଏବଂ ପାଣି ଟ୍ୟାଙ୍କର ମଧ୍ୟ ଯାଇପାରିଲା ନାହିଁ। ଏ ନେଇ ସ୍ଥାନୀୟ ପ୍ରଶାସନଙ୍କୁ ୱାର୍ଡ ସଭ୍ୟ ସହ ଗ୍ରାମବାସୀ ରାସ୍ତା ଦୁରବସ୍ଥା ବିଷୟରେ ଅବଗତ କରାଇଥିଲେ ହେଁ ପ୍ରଶାସନ ଆଦୌ କର୍ଣ୍ଣପାତ କରି ନଥିଲା। ଅନ୍ୟପଟେ ପାଣି ପାଇଁ ଡହଳ ବିକଳ ହେବା ପରେ ଗ୍ରାମର ସମସ୍ତ ଯୁବକ ଯୁବତୀ, ବୃଦ୍ଧ ବୃଦ୍ଧା ହାତରେ କୋଦାଳ, ସାବଳ, ଗଇଁତା, ଗାମଲା ଧରି ମାଟି ହାଣି ମିଳିମିଶି ତିନି କିଲୋମିଟର ରାସ୍ତା ମରାମତି କରିଥିଲେ।

ଗ୍ରାମର ଅପରପାର୍ଶ୍ୱ କେନ୍ଦୁଝରରେ ଚକାଚକ ରାସ୍ତା, ଘରେ ଘରେ ବିଜୁଳି ପାଣି ସୁବିଧା ଥିବାବେଳେ ସୁନ୍ଦରଗଡ ଜିଲ୍ଲା କଦମଡିହି ଗ୍ରାମ ସମସ୍ତ ସୁବିଧାରୁ ବଞ୍ଚିତ। ଏମିତିରେ ଗ୍ରାମବାସୀ ଆମକୁ କେନ୍ଦୁଝର ଜିଲ୍ଲାରେ ସାମିଲ୍ କରିଦିଅନ୍ତୁ ବୋଲି ଦାବି କରିଥିଲେ। ସୁନ୍ଦରଗଡ ଜିଲ୍ଲା ପ୍ରଶାସନ କେବଳ ମିଛ ପ୍ରତିଶ୍ରୁତି ଦେଉଛନ୍ତି ବୋଲି ଶତାଧିକ ପୁରୁଷ ଓ ମହିଳାମାନେ ପ୍ରକାଶ କରିଥିଲେ।

# କୋଟିଆ ସମେତ ୧୦ ସ୍ଥାନରେ ହେବ ଇକୋ-ରିଟ୍ରିଟ୍

ଭୁବନେଶ୍ୱର: ଓଡ଼ିଶା ସୀମାରେ ଥିବା କୋରାପୁଟ ଜିଲ୍ଲାର କୋଟିଆ ଗ୍ରାମପୁଞ୍ଜି ଉପରେ ଆନ୍ଧ୍ରପ୍ରଦେଶ ସରକାର ନିଜର ମାଲିକାନା ଜାହିର କରି ବିଭିନ୍ନ ଗତିବିଧି ଜାରି ରଖିଥିବାବେଳେ ଓଡ଼ିଶା ସରକାର 'କୋଟିଆ ଗ୍ରାମପୁଞ୍ଜି'କୁ ପର୍ଯ୍ୟଟନସ୍ଥଳୀ ଭାବେ ବିକଶିତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟର ଆଉ ୧୦ଟି ନୂଆ ଇକୋ ରିଟ୍ରିଟ୍ ସ୍ଥଳୀରେ କୋଟିଆକୁ ସାମିଲ କରାଯାଇଛି। ଏହାସହିତ ଅନ୍ୟ ୩ଟି ସ୍ଥାନକୁ ନେଚର କ୍ୟାମ୍ପ ଭାବେ ମଧ୍ୟ ବିକଶିତ ପାଇଁ ନିଷ୍ପତ୍ତି ନିଆଯାଇଛି।

ରାଜ୍ୟ ମୁଖ୍ୟ ସଚିବ ସୁରେଶ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ରାତିରହଣୀ ସହ ଇକୋ ରିଟ୍ରିଟ୍ ସ୍ଥଳୀ ଭାବେ ବିକଶିତ କରିବାକୁ ୧୦ଟି ନୂଆ ସ୍ଥାନକୁ ଅନୁମତି




ଦିଆଯାଇଛି। ଏହାସହିତ ଦିନରେ ପର୍ଯ୍ୟଟକଙ୍କ ବୁଲିବା ପାଇଁ ୩ଟି ନେଚର କ୍ୟାମ୍ପ ମଧ୍ୟ ବିକଶିତ କରାଯିବ। ଏହି ନୂଆ ପର୍ଯ୍ୟଟନସ୍ଥଳୀକୁ ବିକଶିତ କରିବା ନିମନ୍ତେ ପ୍ରସ୍ତାବକୁ ଅନୁମୋଦନ କରି ମୁଖ୍ୟ ସଚିବ ଶ୍ରୀ ମହାପାତ୍ର ସେସବୁ ସ୍ଥାନରେ ଆବଶ୍ୟକ ଭିତ୍ତିଭୂମି ସୁବିଧା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପର୍ଯ୍ୟଟକଙ୍କ ଆତିଥ୍ୟ ଦେବା ନିମନ୍ତେ ସ୍ଥାନୀୟ ଲୋକଙ୍କୁ ସାମିଲ କରିବାକୁ ସେ ବିଭାଗଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ଯାହାଫଳରେ ସେମାନଙ୍କ ଜୀବନଜୀବିକା ନିର୍ବାହ ହୋଇପାରିବ।

ଯେଉଁ ୧୦ଟି ନୂଆ ସ୍ଥାନକୁ ଇକୋ-ରିଟ୍ରିଟ୍ ପାଇଁ ଚିହ୍ନଟ କରାଯାଇଛି, ସେଗୁଡ଼ିକ ହେଲା- କୋରାପୁଟର କୋଟିଆ ସମେତ କୋରାପୁଟର ଦେଓମାଳି ପାହାଡ଼, କଳାହାଣ୍ଡିର ଜକାମ, ଉତ୍ତର ଶିମିଳିପାଳର ନୟାଣା, ଫୁଲବାଣୀର ସିଲଭିକଲଚର ଗାର୍ଡେନ, ପୁରୀର ଅସ୍ତରଙ୍ଗ ମୁହାଣ, ରାଇରଙ୍ଗପୁରର ଖାଡ଼ଖାଇ, ଗଞ୍ଜାମର ମହେନ୍ଦ୍ରଗିରି (ବ୍ରହ୍ମପୁର ସାଇଡ୍), କେନ୍ଦୁଝରର କାଞ୍ଜିପାଣି ଘାଟ ଓ ଦହଗଡ଼ ଡ୍ୟାମରେ ଇକୋରିଟ୍ରଟ୍ ଓ ରାତିରହଣୀର ସୁବିଧା ହେବ । ସେହିପରି ଦିନରେ ବୁଲିବା ନିମନ୍ତେ ପର୍ଯ୍ୟଟକଙ୍କ ପାଇଁ କୋରାପୁଟର ରାଣୀ ଡୁଡୁମା, କଟକର ଧଳତଙ୍ଗଗଡ଼ ଓ ନୟାଗଡ଼ ଜଙ୍ଗଲ ଡିଭିଜନର ଝାଡ଼େଶ୍ୱରୀ ମନ୍ଦିର ନିକଟସ୍ଥ ଭଣ୍ଡାରପହରକୁ ନୂଆ ନେଚର କ୍ୟାମ୍ପ ଭାବେ ବିକଶିତ କରିବାକୁ ନିଷ୍ପତ୍ତି ହୋଇଛି।

ବୈଠକରେ ବନ୍ୟପ୍ରାଣୀ ପିସିସିଏଫ ଶଶୀ ପଲ୍ କହିଥିଲେ ଯେ, ରାଜ୍ୟରେ ଏବେ ୫୦ଟି ଇକୋ ରିଟ୍ରିଟ୍ ସ୍ଥଳୀ ଓ ନେଚର କ୍ୟାମ୍ପ ରହିଛି। ଏହି ୧୩ଟି ନୂଆ ପର୍ଯ୍ୟଟନ ସ୍ଥାନର ଅନୁମୋଦନ ପରେ ଏହି ସଂଖ୍ୟା ୬୩କୁ ବୃଦ୍ଧି ପାଇଛି। ଏସବୁ ସ୍ଥାନକୁ ବୁଲିଯିବା ପାଇଁ ଅନଲାଇନ୍ ବୁକିଂ ବ୍ୟବସ୍ଥା ରହିଛି। ତଥା ଏପର୍ଯ୍ୟନ୍ତ ଏସବୁ ଇକୋ ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ୯୫କୋଟି ଟଙ୍କା ଖର୍ଚ୍ଚ କରାଗଲାଣି। ସମୀକ୍ଷାରୁ ଜଣାପଡ଼ିଥିଲା ଯେ, ଗତ ୫ବର୍ଷ ମଧ୍ୟରେ ପର୍ଯ୍ୟଟକଙ୍କ ସଂଖ୍ୟାରେ ୧୪୨ ପ୍ରତିଶତ ବୃଦ୍ଧି ହୋଇଛି। ୨୦୧୭-୧୮ରେ ପର୍ଯ୍ୟଟକଙ୍କ ସଂଖ୍ୟା ୧୧୫୦୦ ଥିବାବେଳେ ଏହା ୨୦୨୦-୨୧ରେ ୫୭ହଜାରକୁ ବୃଦ୍ଧି ପାଇଛି। ୨୦୨୧-୨୨ରେ ଏହା ୭୦୨୧୬କୁ ବଢ଼ିଛି। ସେହିପରି ଇକୋ ପର୍ଯ୍ୟଟନରୁ ୨୦୧୭-୧୮ରେ ରାଜସ୍ୱ ୩.୪୦କୋଟି ଟଙ୍କା ମିଳୁଥିବାବେଳେ ୨୦୨୧-୨୨ରେ ଏହା ୧୦.୫୨କୋଟି ଟଙ୍କାକୁ ବୃଦ୍ଧି ପାଇଛି । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ସଚିବଙ୍କ ସମେତ ଜଙ୍ଗଲ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଚାଉଳ ରପ୍ତାନି ଉପରେ ଲାଗିବ କଟକଣା

# ମହଙ୍ଗା ହେବା ପରେ ଚିନ୍ତା ବଢ଼ିଲା

ନୂଆଦିଲ୍ଲୀ: ଦରଦାମ୍ ସ୍ଥିତି ଉପରେ ନିୟନ୍ତ୍ରଣ ହାସଲ କରିବା ଓ ଖାଦ୍ୟ ସୁରକ୍ଷାକୁ ନିଶ୍ଚିତ କରିବା ଲାଗି ଗହମ, ଅଟା ପରେ ଏବେ ଚାଉଳ ରପ୍ତାନି ଉପରେ କଟକଣା ଲଗାଇବା ବିଷୟରେ ଭାରତ ସରକାର ବିଚାର କରୁଛନ୍ତି। ଭାରତ ହେଉଛି ବିଶ୍ୱର ସର୍ବବୃହତ ଚାଉଳ ରପ୍ତାନିକାରୀ। କିନ୍ତୁ ଗତ କିଛି ଦିନ ଭିତରେ ଚାଉଳ ମୂଲ୍ୟରେ ବୃଦ୍ଧି ହୋଇଥିବାରୁ ତାହାକୁ ନଜରରେ ରଖି ଚାଉଳ ରପ୍ତାନି ଉପରେ ସାମୟିକ ପ୍ରତିବନ୍ଧକ ଲଗାଇବା ବିଷୟରେ ସରକାର ବିଚାର କରୁଛନ୍ତି। ଭଙ୍ଗା ଚାଉଳର ରପ୍ତାନିକୁ ନିଷିଦ୍ଧ କରିବା ଲାଗି ସରକାର ଭାବୁଛନ୍ତି। ଭାରତ ରପ୍ତାନି କରୁଥିବା ଚାଉଳ ମଧ୍ୟରୁ ୨୦% ହେଉଛି ଭଙ୍ଗା ଚାଉଳ। ଭଙ୍ଗା ଚାଉଳକୁ ପଶୁ ଖାଦ୍ୟ ଓ ଇଥାନଲ୍ ପ୍ରସ୍ତୁତ କରିବା ଲାଗି ବ୍ୟବହାର କରାଯାଇଥାଏ। ରପ୍ତାନି କଟକଣାକୁ ନେଇ ଗମ୍ଭୀରତାର ସହ ଆଲୋଚନା ହୋଇଛି ଓ ଖୁବ୍‌ଶୀଘ୍ର ଏନେଇ ଘୋଷଣା କରାଯିବ ବୋଲି ଅନୁମାନ କରାଯାଉଛି।



ବିଶ୍ୱ ଚାଉଳ ବ୍ୟବସାୟରେ ଭାରତର ଭାଗ ୪୦ ପ୍ରତିଶତ ରହିଛି। ରପ୍ତାନି ଉପରେ ଭାରତ କଟକଣା ଲଗାଇଲେ ଏହା ବିକ୍ରି କରୁଥିବା ଚାଉଳ ଉପରେ ନିର୍ଭରଶୀଳ ଦେଶଗୁଡ଼ିକରେ ଖାଦ୍ୟ ସଙ୍କଟ ଦେଖାଦେବାର ଆଶଙ୍କା ରହିଛି। ବିଶେଷ କରି ଉପସାଗରୀୟ ଦେଶଗୁଡ଼ିକ ଅଧିକ ସମସ୍ୟା ଭୋଗିବେ। ଦୁନିଆର ୯୦ ପ୍ରତିଶତ ଚାଉଳ ଏସିଆ ମହାଦେଶରେ ବ୍ୟବହାର କରାଯାଉଛି। ଭାରତ ଚାଉଳ ରପ୍ତାନି ଉପରେ କଟକଣା ଲଗାଇଲେ ଚୀନ୍ ସର୍ବାଧିକ ପ୍ରଭାବିତ ହେବ କାରଣ ତାହା ଅଧିକ ଚାଉଳ ମଗାଉଥିଲା।

ରୁଷ୍-ୟୁକ୍ରେନ୍ ଯୁଦ୍ଧ ଆରମ୍ଭ ହେବା ପରେ ସାରା ବିଶ୍ୱରେ ଖାଦ୍ୟ ସମଗ୍ରୀ ଦର ଆକାଶଛୁଆଁ ସ୍ତରକୁ ବୃଦ୍ଧି ପାଇଛି। ଯୁଦ୍ଧ ଲଢୁଥିବା ଏହି ଦୁଇ ଦେଶ ବିଶ୍ୱର ଏକ ପଞ୍ଚମାଂଶ ଗହମ ଆବଶ୍ୟକତା ପୂରଣ କରୁଥିଲେ। ସେଠାରୁ ଶସ୍ୟ ଅନ୍ୟ ଦେଶକୁ ଯାଇପାରୁନଥିବାରୁ ଗହମ ମହଙ୍ଗା ହୋଇଛି। ଅଧିକ ଲାଭ ପାଇବା ଆଶାରେ ଭାରତର ବ୍ୟବସାୟୀମାନେ ବାହାରକୁ ଗହମ ପଠାଇବା ପରେ ଦେଶ ଭିତରେ ତାହା ମହଙ୍ଗା ହୋଇଥିଲା। ସେଥିପାଇଁ ସରକାର ଗହମ ରପ୍ତାନି ଉପରେ କଟକଣା ଲଗାଇଥିଲେ। ଏସିଆରେ ଗହମ ଅଭାବ ଯୋଗୁଁ ଯେଉଁ ସଙ୍କଟ ଦେଖାଦେଇଥିଲା ତାହାକୁ ଭରଣା କରିବାରେ ଚାଉଳ ସହାୟକ ହୋଇଥିଲା। ଯେହେତୁ ଚାଉଳକୁ ପ୍ରମୁଖ ଖାଦ୍ୟ ଭାବେ ବ୍ୟବହାର କରୁଥିବା ଅଧିକାଂଶ ଦେଶ ଏସିଆର ତେଣୁ ଏଠାରେ ଆଉ ଗହମର ଅଭାବ ପରିଲକ୍ଷିତ ହୋଇନଥିଲା। ଚଳିତ ବର୍ଷ ଅନିୟମିତ ବର୍ଷା ଯୋଗୁଁ ଯେତିକି ଜମିରେ ଧାନ ଚାଷ ହେଉଥିଲା ତାହାର ପରିମାଣ ହ୍ରାସ ପାଇଛି। ତେଣୁ ଧାନ ଉତ୍ପାଦନ କମ୍ ହେବ ବୋଲି ଆକଳନ କରାଯାଉଛି। ଏଭଳି ପରିସ୍ଥିତିରେ ଯଦି ଚାଉଳ ରପ୍ତାନି ଉପରେ ରୋକ ଲଗାନଯିବ ତେବେ ଆଗାମୀ ଦିନରେ ତାହାର ଅଭାବ ଦେଖାଦେବା ଓ ତାହା ମହଙ୍ଗା ହୋଇଯିବାର ମଧ୍ୟ ଆଶଙ୍କା ରହିଛି। ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା ପାଇଁ ୨୦୦୮ରେ ଚାଉଳର ଟନ୍ ପିଛା ଦାମ୍ ୧୦୦୦ ଡଲାର ଭଳି ଉଚ୍ଚ ସ୍ତରରେ ପହଞ୍ଚିଥିଲା। ତାହା ବର୍ତ୍ତମାନ ମୂଲ୍ୟ ତୁଳନାରେ ପ୍ରାୟ ଦୁଇ ଗୁଣା ଅଧିକ ଥିଲା। ସେହି ସମୟରେ ଭାରତ ଓ ଭିଏତନାମ ପକ୍ଷରୁ ଚାଉଳ ରପ୍ତାନି ଉପରେ ରୋକ ଲଗାଯାଇଥିଲା। ସେଥିପାଇଁ ସେଭଳି ସଙ୍କଟ ସୃଷ୍ଟି ହୋଇଥିଲା। ସେହି ସମୟରେ ସାରା ବିଶ୍ୱରେ ତାହା ଚର୍ଚ୍ଚାର ପ୍ରସଙ୍ଗ ହୋଇଥିଲା।

## ଅକ୍ଟୋବର ୧୨ ସୁଦ୍ଧା ୫ଜି ସେବା

ନୂଆଦିଲ୍ଲୀ: ଦେଶରେ ଆସନ୍ତା ଅକ୍ଟୋବର ୧୨ ସୁଦ୍ଧା ୫-ଜି ସେବା ଆରମ୍ଭ ହୋଇଯିବ। ଧୀରେ ଧୀରେ ଏହି ସେବା ଅନ୍ୟ ଅଂଚଳକୁ ସଂପ୍ରସାରଣ ହେବ ବୋଲି କେନ୍ଦ୍ର ଟେଲିକମ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ସେ କହିଛନ୍ତି ଯେ ଟେଲିକମ ଅପରେଟରମାନେ ଏବେ ବିଭିନ୍ନ ସହରରେ ଉପକରଣ ଲଗାଉଛନ୍ତି, ଯେପରିକି ଦେଶରେ ଦ୍ରୁତ ଗତିରେ ୫ଜି ସେବା ଆରମ୍ଭ ହୋଇପାରିବ। ଆସନ୍ତା ୨-୩ ବର୍ଷରେ



ଏହି ସେବା ଦେଶର ସବୁ ସ୍ଥାନରେ ପହଞ୍ଚିବ ବୋଲି ଆମେ ଆଶା କରୁଛୁ। ପୁଣି ଏହି ସେବା ଯେପରି ସୁଲଭ ରହିବ ସେ ଦିଗରେ ଉଦ୍ୟମ କରୁଛୁ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ ଯେ, ଗତ ଅଗଷ୍ଟ ୧ରେ ୫ଜି ସ୍ପେକ୍ଟ୍ରମ ନିଲାମ ଶେଷ ହୋଇଥିଲା। ଏହି ନିଲାମରୁ ସରକାର ମୋଟ ୧ଲକ୍ଷ ୫୦ ହଜାର ୧୭୩ କୋଟି ଟଙ୍କା ପାଇବେ। ୫-ଜି ସ୍ପେକ୍ଟ୍ରମ ନିଲାମରେ ଜିଓ, ଏୟାରଟେଲ ବ୍ୟତୀତ ଭୋଡାଫୋନ, ଆଇଡିଆ ମଧ୍ୟ ଅଂଶଗ୍ରହଣ କରିଥିଲା। ଏଥିରେ ଅଦାନୀ ଗ୍ରୁପ ଅଧିନସ୍ଥ ନବଗଠିତ ଅଦାନୀ ଡାଟା ନେଟ୍‌ୱାର୍କସ ବି ଏଥିରେ ଅଂଶଗ୍ରହଣ କରିଥିଲା। ଏହି ନିଲାମ ବାବଦରୁ ସରକାର ଦେଢ ଲକ୍ଷ କୋଟି ପାଇବେ। ଗତ ସପ୍ତାହରେ ଟେଲିକମ କମ୍ପାନିମାନେ ପ୍ରଥମ କିସ୍ତି ବାବଦରେ ୧୭୮୭୫ କୋଟି ଟଙ୍କା ପ୍ରଦାନ କରିଥିଲେ ।

## କୃଷକଙ୍କ ପାଇଁ ସରକାରଙ୍କ ବଡ଼ ଘୋଷଣା

### ଋଣ ଉପରେ ସୁଧ ୧.୫% ଛାଡ

ନୂଆଦିଲ୍ଲୀ: ମୋଦୀ ସରକାର କୃଷକଙ୍କ ପାଇଁ ବଡ ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର ମନ୍ତ୍ରିମଣ୍ଡଳ କମ ଅବଧିର ଋଣ ପରିଶୋଧ ପାଇଁ କୃଷକଙ୍କ ପାଇଁ ଇଣ୍ଟରେଷ୍ଟ ସବଭେସନ ସ୍କିମ ଜାରି କରିଛନ୍ତ। ଅର୍ଥାତ ଯେଉଁ କୃଷକ ତିନି ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱଳ୍ପ ଅବଧିର ଋଣ ନେଇଛନ୍ତି, ସେମାନଙ୍କ ସୁଧରେ ୧.୫ ପ୍ରତିଶତ ଛାଡ କରାଯିବ।

ନରେନ୍ଦ୍ର ମୋଦୀ ସରକାର କୃଷକଙ୍କୁ ବଡ ଫାଇଦା ଦେଇ ଇଣ୍ଟରେଷ୍ଟ ସବଭେସନ ସ୍କିମକୁ ଜାରି ରଖିଛନ୍ତି। ଏହା ଅନୁଯାୟୀ, କୃଷକଙ୍କୁ ତିନି ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱଳ୍ପ ଅବଧି ଋଣରେ ୧.୫ ପ୍ରତିଶତ ସୁଧ ଛାଡ



କରାଯାଇଛି। କେନ୍ଦ୍ର ସରକାରଙ୍କୁ ଏହି ଯୋଜନା ଲାଗୁ କରିବା ପାଇଁ ୨୦୨୩-୨୩ରୁ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୩୪, ୮୫୬ କୋଟି ଟଙ୍କାର ଅତିରିକ୍ତ ବଜେଟ୍‌ର ଆବଶ୍ୟକତା ପଡିବ। ଇଣ୍ଟରେଷ୍ଟ ସବଭେସନକୁ ଜାରି ରଖାଗଲେ ଏଥିରେ କୃଷକଙ୍କୁ ସ୍ୱଳ୍ପକାଳୀନ ଋଣ ଉପରେ କମ ସୁଧ ଦେବାକୁ ପଡିବ। ଅଧିକରୁ ଅଧିକ ସଂଖ୍ୟାରେ କୃଷକଙ୍କୁ ଋଣ ନେବାକୁ ପ୍ରୋତ୍ସାହିତ କରାଯିବ। ଯାହା ଫଳରେ ରୋଜଗାର ସୃଷ୍ଟି ହେବ। ସିଧାସଳଖ କୃଷକଙ୍କୁ ପଶୁପାଳନ, ଡାଏରୀ, କୁକୁଡା ପାଳନ, ମତ୍ସ୍ୟ ଚାଷ ଆଦି ପାଇଁ ଋଣ ଯୋଗାଇ ଦିଆଯିବ। ଏମିତି ଛୋଟ ବ୍ୟବସାୟ ପାଇଁ କୃଷକଙ୍କୁ କମ ସୁଧରେ ଋଣ ମିଳିବ।

### ବଜାରରେ ନୂଆ

# ୩୦ ମିନିଟ୍‌ରେ ଫୁଲ୍ ଚାର୍ଜ ହେବ ଇ-କାର

ନୂଆଦିଲ୍ଲୀ: କୋରିଆନ କାର ନିର୍ମାତା କିଆ ନିଜର ସବୁଠୁ ଶକ୍ତିଶାଳୀ ଓ ଦ୍ରୁତ ଇଭି ଚାର୍ଜର ଲଞ୍ଚ୍ କରିଛି। କାର ନିର୍ମାତା କେରଳର କୋଚିରେ ଇଲେକ୍ଟ୍ରିକ୍ କାର ପାଇଁ ୨୪୦ କିଲୋୱାଟ୍ ଡିସି ଫାଷ୍ଟ ଚାର୍ଜର ଲଗାଇଛି । ଏହି ଡିସି ଫାଷ୍ଟ୍ ଚାର୍ଜର ମାଧ୍ୟମରେ କିଆ ସାରା ଦେଶରେ ଫାଷ୍ଟ ଚାର୍ଜିଂ ନେଟ୍‌ୱର୍କ ବିସ୍ତାର କରିବା ନେଇ ସନ୍ଦେଶ ଦେଇଛି ।



କିଆ ଭାରତରେ ନିଜର ପ୍ରଥମ ଇଲେକ୍ଟ୍ରିକ୍ କାର ଇଭି-୬କୁ ଚଳିତ ବର୍ଷ ଜୁନ୍‌ରେ ଲଞ୍ଚ୍ କରିଥିଲା। କାରଣ ଦେଶରେ ଲଗାତର ଭାବେ ଇଲେକ୍ଟ୍ରିକ୍ କାରର ଚାହିଦା ବଢିବାରେ ଲାଗିଛି। ଗତ କିଛି ମାସ ହେଲା ଇଭି-କାର ବିକ୍ରି ବୃଦ୍ଧି ପାଇଛି। ଆଗାମୀ ଦିନରେ କମ୍ପାନୀ ଭାରତୀୟ ବଜାରରେ ଆହୁରି ଅଧିକରୁ ଅଧିକ ଇଲେକ୍ଟ୍ରିକ୍ କାର ଲଞ୍ଚ୍ କରିବା ପାଇଁ ଯୋଜନା କରୁଛି।

କୋଚିରେ ଲଗାଥିବା ଡିସି ଫାଷ୍ଟ ଚାର୍ଜର କେବଳ କିଆ ଗ୍ରାହକଙ୍କ ପାଇଁ ନୁହେଁ। କିଆ ଇଣ୍ଡିଆ ସହର ତଥା ଆଖପାଖରେ ଥିବା ସମସ୍ତ ଇଭି ମାଲିକଙ୍କ ପାଇଁ ଏହି ସୁବିଧା ଆରମ୍ଭ କରିଛି । ଏଥିରେ ଯେକେହି ନିଜର କାର ଚାର୍ଜ କରିପାରିବେ। ୨୦୨୨ ଜୁଲାଇରେ ମଧ୍ୟ ଇଲେକ୍ଟ୍ରିକ୍ କାର ପାଇଁ ସବୁଠୁ ଦ୍ରୁତ ଚାର୍ଜିଂ ଷ୍ଟେସନ ଲଗାଇଥିଲା କମ୍ପାନୀ। ଏହି ଚାର୍ଜର ଇଭି-୬ ହ୍ୟୁଣ୍ଡାଇ ଓ କିଆ ମିଳିତ ଭାବେ ବିକଶିତ କରିଛନ୍ତି। କିଆ ଦାବି କରିଛି ଯେ, ଇଭି-୬ ଥରଟିଏ ଚାର୍ଜ ହେଲେ ୫୨୮ କିମି ଯାଏଁ ଯାଇପାରିବ। ୩୫୦ କିଲୋୱାଟ୍ ଫାଷ୍ଟ ଚାର୍ଜର ଉପଯୋଗ କରି ଇଭି-୬କୁ ୧୮ ମିନିଟ ମଧ୍ୟରେ ୮୦ ପ୍ରତିଶତ ଯାଏଁ ଚାର୍ଜ କରାଯାଇପାରିବ। ୨୪୦ କିଲୋୱାଟ୍ ଚାର୍ଜରରେ ଚାର୍ଜ କରିବା ପାଇଁ ୩୦ ମିନିଟରୁ ଅଧିକ ସମୟ ଲାଗିବ ନାହିଁ।

## ୨୦୨୫ ସୁଦ୍ଧା ଟାଟାର ହୋଟେଲ ସଂଖ୍ୟା ୩୦୦ରେ ପହଞ୍ଚିବ

ନୂଆଦିଲ୍ଲୀ : ଟାଟା ଗ୍ରୁପ୍ କମ୍ପାନି ଇଣ୍ଡିଆନ୍ ହୋଟେଲ୍ସ କମ୍ପାନି ଲିମିଟେଡର ହୋଟେଲ ସଂଖ୍ୟା ଆସନ୍ତା ୨୦୨୫ ମସିହା ସୁଦ୍ଧା ୩୦୦ରେ ପହଞ୍ଚିବ। ବର୍ତ୍ତମାନ କମ୍ପାନିର ୨୪୨ଟି ହୋଟେଲ ରହିଛି। ଏଥିରୁ ୬୧ଟି ନିର୍ମାଣ ଚାଲିଛି। ଟାଟାର ହୋଟେଲ ଗୁଡ଼ିକ ମଧ୍ୟରେ ତାଜ୍, ସେଲେକ୍ୟୁସନ, ଭିଭାନ୍ତା, ଜିଙ୍ଗର ଆଦି ରହିଛି। ଏହି ହୋଟେଲ ଗୁଡ଼ିକର ମୋଟ କୋଠରୀ ସଂଖ୍ୟା ୨୯,୦୦୦ ରହିଛି। ଆହ୍ୱାନ ୨୦୨୫ ରଣନୀତି ଅନୁଯାୟୀ ଇଣ୍ଡିଆ ହୋଟେଲ କମ୍ପାନି ଲିମିଟେଡ ଭାରତର ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ସମେତ ଅନ୍ୟାନ୍ୟ ସ୍ଥାନରେ



ହୋଟେଲ ଖୋଲିବ। ଗତ ୨ ବର୍ଷ ମଧ୍ୟରେ କମ୍ପାନି ପ୍ରତିମାସରେ ଦୁଇଟି ହୋଟେଲ ଖୋଲିବା ପାଇଁ ରାଜିନାମା କରିଛି ବୋଲି ଇଣ୍ଡିଆନ ହୋଟେଲ କମ୍ପାନି ଲିମିଟେଡର ଏମଡି ତଥା ସିଇଓ ପୁନୀତ ଛଟୱାଲ କହିଛନ୍ତି। ସଂପ୍ରସାରଣ ଯୋଜନାରେ କମ୍ପାନି ଏହାର ତାଜ୍ ହୋଟେଲ ସଂଖ୍ୟାକୁ ୧୦୦ରେ ପହଞ୍ଚାଇବ। ବର୍ତ୍ତମାନ ଏହି ହୋଟେଲ ସଂଖ୍ୟା ୮୯ରେ ରହିଛି। ଭାରତ ବାହାରେ କମ୍ପାନି ଦୁବାଇରେ ଚତୁର୍ଥ ଏବଂ ମକ୍କାରେ ଗୋଟିଏ ତାଜ୍ ହୋଟେଲ ନିର୍ମାଣ ଯୋଜନା ରଖିଛି।

## ପୁଣି ଥରେ ବିଜୟ ଶେଖର ହେଲେ ପେଟିଏମ୍‌ର ଏମଡି

ନୂଆଦିଲ୍ଲୀ: ପେଟିଏମର ସହ ପ୍ରତିଷ୍ଠାତା ବିଜୟ ଶେଖର ଶର୍ମା ପୁଣି ଥରେ ଫିନଟେକ୍ କମ୍ପାନିର ସିଇଓ ଏବଂ ଏମଡି ନିଯୁକ୍ତ ହୋଇଛନ୍ତି। ପେଟିଏମର ପେରେଣ୍ଟକମ୍ପାନି ୱାନ ୯୭ କମ୍ୟୁନିକେସନ ଲି. ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ, ଏହାର ୯୯.୬୭ ପ୍ରତିଶତ ସେୟାର ହୋଲ୍ଡର ଶେଖର ଶର୍ମାଙ୍କୁ ପୁଣି ଥରେ ପାଞ୍ଚ ବର୍ଷ ପାଇଁ କମ୍ପାନିର ଏମଡି କରିବା ପ୍ରସ୍ତାବ ପକ୍ଷରେ ଭୋଟ ମାରିଛନ୍ତି। ଏହି ନିଷ୍ପତ୍ତି ପରେ ତାଙ୍କ କାର୍ଯ୍ୟକାଳ ୨୦୨୨ ଡିସେମ୍ବର ୧୯ରୁ ୨୦୨୭ ଡିସେମ୍ବର ୧୮ ଯାଏଁ ରହିବ।

କମ୍ପାନି କହିଛି ସମସ୍ତ ସାତ ପ୍ରସ୍ତାବ ୯୪ ପ୍ରତିଶତରୁ ଅଧିକ ଭୋଟର ସମର୍ଥନ ସହ ପାରିତ ହୋଇଛି। ଏଥିରେ ଆସନ୍ତା ତିନି ବର୍ଷ ଶେଖର ଶର୍ମାଙ୍କ ବେତନ, କାର୍ଯ୍ୟକାରୀ ନିର୍ଦ୍ଦେଶକ, ସଭାପତି ଏବଂ ମୁଖ୍ୟ ଆର୍ଥିକ ଅଧିକାରୀ ଭାବେ ମଧୁର ଦେଓ୍ୱଡାଙ୍କ ପୁନଃ ନିଯୁକ୍ତି, ପ୍ରାରମ୍ଭିକ ନିବେଶକଙ୍କ ଏଲିଭେଶନ କ୍ୟାପିଟାଲର କୋ-ମ୍ୟାନେଜିଂ ପାର୍ଟନର ରବି ଆଦୁସୁମଲ୍ଲୀଙ୍କୁ କମ୍ପାନିର ନିର୍ଦ୍ଦେଶକ ଭାବେ ନିଯୁକ୍ତି ସାମିଲ ରହିଛି। ଏଜିଏମରେ ଏହା ଉପରେ ଚର୍ଚ୍ଚା ହୋଇ ନଥିଲା।



## ଚଳିତ ବର୍ଷ ୭.୮ ପ୍ରତିଶତ ହାରରେ ବଢିବ ଜିଡିପି

ନୂଆଦିଲ୍ଲୀ: ଦେଶରେ ଦରଦାମ ବୃଦ୍ଧି ଏବଂ ମୁଦ୍ରାସ୍ଫୀତି ହାରକୁ ନେଇ ସରକାର ଚିନ୍ତିତ ଅଛନ୍ତି। ସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ପାଇଁ ଆରବିଆଇ ନିଜର ମୁଦ୍ରା ନୀତିରେ ପରିବର୍ତ୍ତନ କରୁଛି। ଏହାରି ଭିତରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି, ଚଳିତ ଆର୍ଥିକ ବର୍ଷରେ ଜିଡିପି ୭.୪ ପ୍ରତିଶତ ହାରରେ ବୃଦ୍ଧି ପାଇବ। ସେହିପରି ଆର୍ଥିକ ବର୍ଷ ୨୦୨୩-୨୪ରେ ମଧ୍ୟ ବିକାଶ ହାର ଏହି ସ୍ତରରେ ରହିବାର ଆଶା କରାଯାଉଛି ବୋଲି ସେ କହିଛନ୍ତି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏହା ମଧ୍ୟ କହିଛନ୍ତି ଯେ ନିର୍ବାଚନ ପୂର୍ବରୁ ମାଗଣା



ଉପହାର ଦେବାର ପ୍ରତିଶ୍ରୁତି ଦେଉଥିବା ରାଜନୈତିକ ଦଳ କ୍ଷମତାକୁ ଆସିବା ପରେ ହେବାକୁ ଥିବା ଖର୍ଚ୍ଚ ପାଇଁ ବଜେଟରେ ପ୍ରାବଧାନ କରିବା ଜରୁରୀ।

ଅନ୍ୟପଟେ ଭାରତୀୟ ରିଜର୍ଭ ବ୍ୟାଙ୍କର ଡେପୁଟୀ ଗଭର୍ଣ୍ଣର ମାଇକଲ ଦେବବ୍ରତ କହିଛନ୍ତି, ମୁଦ୍ରାସ୍ଫୀତି ଏବେ ବି ଚିନ୍ତାର ବିଷୟ ହୋଇ ରହିଛି। ଭୂ-ରାଜନୈତିକ ଗତିବିଧି ଏବଂ ଅନ୍ତରାଷ୍ଟ୍ରୀୟ ବଜାରରେ ପଦାର୍ଥ ଗୁଡିକର ମୂଲ୍ୟବୃଦ୍ଧି ଏହା ପଛର କାରଣ ବୋଲି ସେ କହିଛନ୍ତି।

# ରେକର୍ଡ ଛୁଇଁବ ଖାଦ୍ୟ ଶସ୍ୟ ଉତ୍ପାଦନ: ମହଙ୍ଗା ମାଡରୁ ମିଳିବ ମୁକ୍ତି

ନୂଆଦିଲ୍ଲୀ, ୨୦୦୮: ରୁଷ-ୟୁକ୍ରେନ ଯୁଦ୍ଧ ଯୋଗୁ ସମଗ୍ର ବିଶ୍ୱରେ ଏବେ ମୁଦ୍ରାସ୍ଫୀତି ଉର୍ଦ୍ଧ୍ୱମୁଖୀ। ଖାଦ୍ୟ ସଂକଟରେ କବଳିତ ବିଶ୍ୱ। ଯୋଗାଣ ଶୃଙ୍ଖଳା ବିପର୍ଯ୍ୟସ୍ତ। ଏଭଳି ସ୍ଥିତିରେ ଘରୋଇ ବଜାର ପାଇଁ ଖୁସି ଖବର। ସରକାରୀ ସୂତ୍ରରୁ ଜଣାପଡ଼ିଛି ଯେ, ୨୦୨୧-୨୨ରେ ଦେଶର ଖାଦ୍ୟ ଶସ୍ୟ ଉତ୍ପାଦନ ରେକର୍ଡ ଛୁଇଁବ। ସରକାରୀ ରିପୋର୍ଟ ଅନୁସାରେ, ୨୦୨୧-୨୨ରେ ଚାଉଳ, ଗହମ ଏବଂ ଡାଲି ସମେତ ଅନ୍ୟାନ୍ୟ ଖାଦ୍ୟଶସ୍ୟ ଉତ୍ପାଦନ ରେକର୍ଡ ୩୧୫.୭ ନିୟୁତ ଟନ୍ ଛୁଇଁବ। ୨୦୨୦-୨୧ ତୁଳନାରେ ଏହା ୪.୯୮ ନିୟୁତ ଟନ୍ ଅଧିକ। ରୁଷ-ୟୁକ୍ରେନ ଯୁଦ୍ଧ ଫଳରେ ବିଶ୍ୱର ବିଭିନ୍ନ ଭାଗରେ ଅନେକ କୃଷି ଉତ୍ପାଦର ଯୋଗାଣ ବ୍ୟାହତ ହୋଇଥିବାବେଳେ ଏହି ରିପୋର୍ଟ ଦରବୃଦ୍ଧି ମଧ୍ୟରେ କଲବଲ ହେଉଥିବା ଦେଶର ସାଧାରଣ ଖାଉଟିଙ୍କ ପାଇଁ ଆଶ୍ୱସ୍ତି ଆଣିଛି।

ସୂଚନାଯୋଗ୍ୟ, ଯୁଦ୍ଧ ଯୋଗୁ ବିଶ୍ୱ ଖାଦ୍ୟ ଦର ରେକର୍ଡ ସ୍ତରରେ ପହଞ୍ଚିଛି। ଖାଦ୍ୟ ଏବଂ କୃଷି ସଂସ୍ଥାନ (ଏଫ୍‌ଏଓ)ର ଖାଦ୍ୟ ଦର ସୂଚକାଙ୍କ ୨୦୨୨ରେ ୧୩.୮%କୁ ବୃଦ୍ଧି ପାଇଛି। ଖାଦ୍ୟଶସ୍ୟ, ତୈଳ ଏବଂ ଦୁଗ୍ଧଜାତ ସାମଗ୍ରୀ ଦର ବୃଦ୍ଧି ଫଳରେ ବିଶ୍ୱ ବଜାରରେ ଖାଦ୍ୟ ଦର ବଡ଼ ମାତ୍ରାରେ ବୃଦ୍ଧି ପାଇଛି। ଘରୋଇ ବଜାର ଉପରେ ମଧ୍ୟ ଏହାର ପ୍ରଭାବ ପଡ଼ିଛି। ଅନ୍ତର୍ଜାତୀୟ ବଜାରରେ ବର୍ଦ୍ଧିତ ଦରର ଲାଭ ଉଠାଇବା ପାଇଁ ଗହମ ଏବଂ ଚିନି ଉତ୍ପାଦନକାରୀମାନେ ସେମାନଙ୍କ ରପ୍ତାନି ପରିମାଣ ବଢ଼ାଇଦେବା ଫଳରେ ଘରୋଇ ବଜାରରେ ଏସବୁ ସାମଗ୍ରୀ ଦର ବଡ଼ ମାତ୍ରାରେ ବଢ଼ିଥିଲା। ଘରୋଇ ବଜାରରେ ଯୋଗାଣ ଅଭାବ ସ୍ଥିତି ଉପଜିଥିଲା। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ସରକାର ରପ୍ତାନି କଟକଣା ଲାଗୁ କରିଥିଲେ। ତେବେ ରପ୍ତାନି କଟକଣା ପୂର୍ବରୁ ଅର୍ଥାତ ଜାନୁଆରୀ-ଏପ୍ରିଲରେ ଦେଶର ହାରାହାରି ଗହମ ରପ୍ତାନି ପରିମାଣ ୯୦୩, ୬୯୦



ଟନ୍ ଥିଲା, ଯାହାକି ୨୦୨୧ ତୁଳନାରେ ଅନେକ ମାତ୍ରାରେ ଅଧିକ। ସୂଚନାଯୋଗ୍ୟ, ୨୦୨୧ରେ ଦେଶରୁ ମୋଟ ୫୧୫,୨୬୭ ଟନ୍ ଗହମ ରପ୍ତାନି ହୋଇଥିଲା। ଟଙ୍କାର ବିନିମୟ ମୂଲ୍ୟ ଖସିବା ସମୟରେ ଅନ୍ତର୍ଜାତୀୟ ବଜାରରେ ଖାଇବା ତେଲର ବର୍ଦ୍ଧିତ ଦର ଆମଦାନି ବିଲ୍ ବଢ଼ାଇଥିଲା। ଖାଦ୍ୟ ମୁଦ୍ରାସ୍ଫୀତି ଉପରେ ଏହାର ପ୍ରଭାବ ପଡ଼ିଥିବା ରେଟିଂ ଏଜେନ୍ସି କ୍ରିସିଲ ପକ୍ଷରୁ ପ୍ରସ୍ତୁତ ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେବେ ୨୦୨୧-୨୨ରେ ଉତ୍ପାଦନ ହେବାକୁ ଥିବା ୩୧୫.୭ ନିୟୁତ ଟନ୍ ଖାଦ୍ୟଶସ୍ୟ ୨୦୧୬-୧୭ରୁ ୨୦୨୦-୨୧ ପର୍ଯ୍ୟନ୍ତ ୫ ବର୍ଷରେ ଦେଶର ହାରାହାରି ଖାଦ୍ୟଶସ୍ୟ ଉତ୍ପାଦନ ତୁଳନାରେ ୨୫ ନିୟୁତ ଟନ୍ ଅଧିକ। କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରାଳୟ ପକ୍ଷରୁ ପ୍ରସ୍ତୁତ ରିପୋର୍ଟରେ ଏହା ଉଲ୍ଲେଖ କରାଯାଇଛି। ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ଯେ, ୨୦୨୧-୨୨ରେ ରେକର୍ଡ ପରିମାଣର ଚାଉଳ, ମକା, ଚଣା, ଡାଲି, ସୋରିଷ, ତୈଳବୀଜ ଏବଂ ଆଖୁ ଉତ୍ପାଦନ ହେବ। ଆଲୋଚ୍ୟ ଆର୍ଥିକ ବର୍ଷରେ ରେକର୍ଡ ୧୩୦.୨୯ ନିୟୁତ ଟନ୍ ଚାଉଳ ଏବଂ ୧୦୬.୮୪ ନିୟୁତ ଟନ୍ ଗହମ ଉତ୍ପାଦନ ହେବ ବୋଲି କୃଷି ମନ୍ତ୍ରାଳୟ ଆକଳନ କରିଛି। ତେବେ ରେକର୍ଡ ୩୭.୭ ନିୟୁତ ଟନ୍ ତୈଳବୀଜ ଉତ୍ପାଦନ ହେବ ବୋଲି ଏହା ଅନୁମାନ କରିଛି।

ସେହିଭଳି ୨୦୨୧-୨୨ରେ ୨୭.୬୯ ନିୟୁତ ଟନ୍ ଡାଲି ଉତ୍ପାଦନ ହେବ ବୋଲି ଅନୁମାନ କରାଯାଇଛି। ଗତ ୫ ବର୍ଷର ହାରାହାରି ବାର୍ଷିକ ଉତ୍ପାଦନ ତୁଳନାରେ ଏହା ୩.୮୭ ନିୟୁତ ଟନ୍ ଅଧିକ। ନରେନ୍ଦ୍ର ମୋଦି ସରକାରଙ୍କ ଚାଷୀ-ଅନୁକୂଳ ନୀତି, କୃଷକମାନଙ୍କ କଠିନ ପରିଶ୍ରମ ଏବଂ ବୈଜ୍ଞାନିକମାନଙ୍କ ଉଦ୍ୟମ ଯୋଗୁ ରେକର୍ଡ ଖାଦ୍ୟଶସ୍ୟ ଉତ୍ପାଦନ ହେବ ବୋଲି କୃଷି ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ପଶ୍ଚିମବଙ୍ଗ, ଉତ୍ତର ପ୍ରଦେଶ, ବିହାର, ଝାଡଖଣ୍ଡ, ତେଲେଙ୍ଗାନା, ଓଡ଼ିଶା, ଛତିଶଗଡ଼, ଆସାମ, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ ଏବଂ ହରିୟାଣା ଭଳି ଚାଉଳ ଉତ୍ପାଦନକାରୀ ରାଜ୍ୟରେ କମ୍ ବିହନ ବୁଣାଯାଇଛି। ଏଥିମଧ୍ୟରୁ ଅଧିକାଂଶ ରାଜ୍ୟରେ ଏ ବର୍ଷ ଅଭାବୀ ବର୍ଷା ଦେଖାଦେଇଛି।

# ଦେବାଶିଷଙ୍କୁ ଜୀବନ ବ୍ୟାପୀ ସାଧନ କ୍ରୀଡ଼ା ପୁରସ୍କାର




ଭୁବନେଶ୍ୱର: ଜାତୀୟ କ୍ରୀଡା ଦିବସ ଅବସରରେ ଲୋକ ସେବା ଭବନର କନଭେନସନ୍ ହଲରେ ୨୦୨୧ବର୍ଷ ପାଇଁ ବିଜୁ ପଟ୍ଟନାୟକ ରାଜ୍ୟ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯାଉଛି। ଚଳିତ ବର୍ଷ ଓଡ଼ିଆ କିମ୍ବଦନ୍ତୀ କ୍ରିକେଟର ତଥା ଚୟନ କର୍ତ୍ତା ଦେବାଶିଷ ମହାନ୍ତିଙ୍କୁ ଜୀବନ ବ୍ୟାପୀ ସାଧନ କ୍ରୀଡା ପୁରସ୍କାର ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ଓ ସମ୍ମାନ ପ୍ରଦାନ କରିଥିଲେ। ସେହିପରି ଆନ୍ତର୍ଜାତିକ ସୁଟର ଶ୍ରିୟଙ୍କା ଷଡଙ୍ଗୀ ଓ ଆନ୍ତର୍ଜାତିକ ୱେଟ ଲିଫ୍ଟର ଝିଲି ଦଳବେହେରାଙ୍କୁ ଚଳିତ ବର୍ଷ ଶ୍ରେଷ୍ଠ କ୍ରୀଡାବିତ ପୁରସ୍କାର ପ୍ରଦାନ କରାଯାଇଛି। ଆନ୍ତର୍ଜାତିକ ପାରା ଆଥଲେଟ ଜୟନ୍ତୀ ବେହେରାଙ୍କ କୋଚ୍ ବିଷ୍ଣୁ ମିଶ୍ର ପାଇଛନ୍ତି ଶ୍ରେଷ୍ଠ କୋଚ୍ ପୁରସ୍କାର। କ୍ରୀଡା ସାମ୍ବାଦିକ ଭାବେ ବେଣୁଧର ଦାସଙ୍କୁ ସମ୍ମାନିତ କରାଯାଇଛି।

ରାଉରକେଲା ଷ୍ଟିଲ ପ୍ଲାଣ୍ଟକୁ ଶ୍ରେଷ୍ଠ କ୍ରୀଡା ପ୍ରୋତ୍ସାହନ ଅନୁଷ୍ଠାନ ଭାବେ ସମ୍ମାନ ପ୍ରଦାନ କରାଯାଉଛି। ଏହା ସହିତ ରାଜ୍ୟ ସାହସିକତା ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଛି। ପ୍ରତାପ ତରାଇ ଏବଂ ଶୁଭଶ୍ରୀ ରାଉତଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ବିଭିନ୍ନ କ୍ରୀଡ଼ା କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ଖେଳାଳିଙ୍କୁ ଆର୍ଥିକ ପ୍ରୋତ୍ସାହନ ମଧ୍ୟ ପ୍ରଦାନ କରାଯାଇଛି। ଏହି ଉତ୍ସବରେ ଓଡିଶାର ବହୁ ଜଣାଶୁଣା କ୍ରୀଡାବିତ୍ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ସଚିବ ପ୍ରଦୀପ କୁମାର ଜେନା, ୫ଟି ସଚିବ ବିକେ ପାଣ୍ଡିଆନ ପ୍ରମୁଖ ଉପସ୍ଥିତ ଥିଲେ।

## ଭାରତ ଉପରୁ ହଟିଲା ଫିଫାର ବ୍ୟାନ୍

# ଖେଳାଯିବ ମହିଳା ଫୁଟବଲ ବିଶ୍ୱକପ

ନୂଆଦିଲ୍ଲୀ: ସର୍ବଭାରତୀୟ ଫୁଟବଲ ସଂଘ (ଏଆଇଏଫଏଫ) ଉପରେ ଲାଗୁ ହୋଇଥିବା ବ୍ୟାନକୁ ଉଠାଇ ଦେଇଛି ଫିଫା। ଏଥିସହ ଚଳିତ ବର୍ଷ ଦେଶରେ ଖେଳା ଯିବାକୁ ଥିବା ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍ ଆୟୋଜନର ଅଧିକାର ମଧ୍ୟ ଭାରତ ଫେରି ପାଇଛି। ୨୬ ଅଗଷ୍ଟ ଏକ ପ୍ରେସ ରିଲିଜ୍ ଜରିଆରେ ଫିଫା ପକ୍ଷରୁ ଏହି ସୂଚନା ଦିଆଯାଇଛି।

ଏଥିରେ କୁହାଯାଇଛି ଯେ ଏଆଇଏଫଏଫ ଉପରୁ ନିଲମ୍ବନ ଆଦେଶ ହଟିଥିବାରୁ ପୂର୍ବ ଯୋଜନା ଅନୁସାରେ ଅକ୍ଟୋବର ୧୧ରୁ ୩୦ ତାରିଖ ପର୍ଯ୍ୟନ୍ତ ଭାରତରେ ୧୭ ବର୍ଷରୁ କମ ମହିଳା ବିଶ୍ୱକପ ଖେଳାଯିବ। ଫିଫାର ଏପରି ନିଷ୍ପତ୍ତି ଭାରତୀୟ ଫୁଟବଲ ପ୍ରେମୀଙ୍କୁ ଆଶ୍ୱସ୍ତ କରିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ମହିଳା ବିଶ୍ୱକପର ଗୋଟିଏ ମ୍ୟାଚ୍ ଭୁବନେଶ୍ୱରରେ ମଧ୍ୟ ଖେଳାଯିବ। ଗତ ଅଗଷ୍ଟ ୧୫ ତାରିଖରେ ଏଆଇଏଫଏଫରେ ତୃତୀୟ ପକ୍ଷ ଅଯଥା ହସ୍ତକ୍ଷେପ କରୁଥିବା ଅଭିଯୋଗ କରି ଫିଫା ଭାରତ ଉପରେ ବ୍ୟାନ ଲଗାଇଥିଲା। ତେବେ ଏହାର ୧୧ ଦିନ ପରେ ଉକ୍ତ ଆଦେଶକୁ ପ୍ରତ୍ୟାହାର କରି ଦିଆଯାଇଛି। ସୁପ୍ରିମକୋର୍ଟ ମେ' ମାସରେ ଏଆଇଏଫଏଫ ଗଠନ କରିଥିବା ୩ ଜଣିଆ ସିଓଏ କମିଟିକୁ ରଦ୍ଦ କରିଥିଲେ। ଏହାପରେ ଫିଫାର ବୈଠକ ବସିଥିଲା। ଏହି ବୈଠକରେ ଭାରତ ଉପରେ ଲାଗିଥିବା ନିଲମ୍ବନ ଆଦେଶକୁ ପ୍ରତ୍ୟାହାର କରି ନିଆଯାଇଛି। ଏବେ ଏଆଇଏଫଏଫରେ ଯେମିତି ତୃତୀୟ ପକ୍ଷ ହସ୍ତକ୍ଷେପ ନ କରିବେ, ତା'ର ବ୍ୟବସ୍ଥା କରାଯାଉଛି। ଏଥିପାଇଁ ସଂଶୋଧିତ ସମ୍ବିଧାନ ସହିତ ଏଆଇଏଫଏଫ ସେପ୍ଟେମ୍ବର ୨ ତାରିଖରେ ତା'ର ନିର୍ବାଚନ କରିବ। ଏହି ନିର୍ବାଚନ ପରେ ସବୁ କିଛି ବିବାଦର ସମାଧାନ ହୋଇପାରିବ ବୋଲି ଫୁଟବଲ ପ୍ରେମୀ ଓ ଖେଳାଳିମାନେ ଆଶା ରଖିଛନ୍ତି। ଫିଫା କହିଛି ଯେ ପୂରା ସ୍ଥିତି ଉପରେ ସଂସ୍ଥାର ନଜର ରହିଛି। ସେହିପରି ଏଆଇଏଫଏଫର ନିର୍ବାଚନକୁ ସମୟ ଅନୁସାରେ କରିବାକୁ ଫିଫା ସବୁ ପ୍ରକାରର ସମର୍ଥନ କରିବ।

# ଇତିହାସ ରଚିଲେ ନୀରଜ ଚୋପ୍ରା

ଲୁସେନ: ଆହତ ପରେ ଦମଦାର କମବ୍ୟାକ୍ କରିଛନ୍ତି ଭାରତର ଷ୍ଟାର ଜାଭେଲିନ ଖେଳାଳି ନୀରଜ ଚୋପ୍ରା। ସେ କମ୍ବ୍ୟାକ୍‌ରେ ଭାରତ ପାଇଁ ଇତିହାସ ରଚିଛନ୍ତି। ନୀରଜ ପ୍ରଥମ ଭାରତୀୟ ଭାବେ ଲୁସେନ ଡାଇମଣ୍ଡ ଲିଗ୍ ମିଟ୍‌ରେ ଚାମ୍ପିୟନ ହୋଇଛନ୍ତି। ଏହି କର୍ତ୍ତିମାନ ସ୍ଥାପନ କୌଣସି ଭାରତୀୟ କରି ପାରି ନଥିଲେ। ହେଲେ ୨୪ ବର୍ଷୀୟ ନୀରଜ ଡାଇମଣ୍ଡ ଲିଗ୍‌ରେ ପ୍ରଥମ ସ୍ଥାନ ଅଧିକାର କରି ରେକର୍ଡ କରିଛନ୍ତି।

ଆହତ ଯୋଗୁ ନୀରଜ ଚୋପ୍ରା ନିକଟରେ ଶେଷ ହୋଇଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାଗ ନେଇ ନଥିଲେ। ହେଲେ ଆହତ ସମସ୍ୟାରୁ ମୁକୁଳିବା କ୍ଷଣି ସେ ଲୁସେନ ଡାଇମଣ୍ଡ ଲିଗ୍‌ରେ ଭାଗ ନେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ତାଙ୍କର ଜଲୱା ମଧ୍ୟ ଦେଖିବାକୁ ମିଳିଛି। ଅଲିମ୍ପିକ୍ସରେ ଭାରତ ପାଇଁ ସ୍ୱର୍ଣ୍ଣ ପଦକ ଜିତିଥିବା ନୀରଜ ଡାଇମଣ୍ଡ ଲିଗ୍‌ରେ କମାଲ କରିଛନ୍ତି। ସେ ପ୍ରଥମ ପ୍ରାୟସରେ ୮୯.୦୮ ମିଟର ଦୂରକୁ ଜାଭେଲିନ ଫିଙ୍ଗି ଟାଇଟଲ୍ ପକ୍କା କରି ନେଇଥିଲେ। ଏହା ତାଙ୍କ କ୍ୟାରିୟରର ତୃତୀୟ ସର୍ବଶ୍ରେଷ୍ଠ ପ୍ରଦର୍ଶନ। ସେ ଡାଇମଣ୍ଡ ଲିଗ୍ ଟାଇଟଲ ଜିତି ୨୦୨୩ରେ ବୁଦାପେଷ୍ଟରେ ଖେଳାଯିବାକୁ ଥିବା ବିଶ୍ୱ ଚାମ୍ପିୟନଶିପ୍ ପାଇଁ ମଧ୍ୟ ଯୋଗ୍ୟତା ଅର୍ଜନ କରିଛନ୍ତି। ବିଶ୍ୱ ଚାମ୍ପିୟନଶିପର ଯୋଗ୍ୟତା ପାଇଁ ୮୫.୨୦ ମିଟିର ଦୂରତା ଧାର୍ଯ୍ୟ କରାଯାଇଥିଲା।

ନୀରଜ ପ୍ରଥମ ପ୍ରୟାସରେ ୮୯.୦୮ ମିଟର ଦୂରତାକୁ ଜାଭେଲିନ୍ ଫିଙ୍ଗିଥିଲେ। ଏହାକୁ ଅତିକ୍ରମ କରିବା ଅନ୍ୟ ଖେଳାଳିଙ୍କ ପକ୍ଷରେ ସମ୍ଭବ ହୋଇ ନଥିଲା। ଏହାପରେ ନୀରଜ ଦ୍ୱିତୀୟ ପ୍ରୟାସରେ ୮୫.୧୮ ମିଟର ଦୂରତାକୁ ଜାଭେଲିନ ଫିଙ୍ଗି ଥିଲେ। ସେ ତୃତୀୟ ପ୍ରୟାସକୁ ସ୍କିପ କରିଥିଲେ। ତାଙ୍କର ୪ର୍ଥ ପ୍ରୟାସ ଫାଉଲ ହୋଇଥିଲା। ସେହିପରି ପଞ୍ଚମ ପ୍ରୟାସରେ ସେ ମାତ୍ର ୮୦.୦୪ ମିଟରକୁ ଜାଭେଲିନ ଫିଙ୍ଗିଥିଲେ। କିନ୍ତୁ ପ୍ରଥମ ପ୍ରୟାସରେ ସେ ୮୯.୦୮ ମିଟରକୁ ଜାଭେଲିନ ଫିଙ୍ଗି ଥିବାରୁ ଚାମ୍ପିୟନ ହେବାର ଆଖ୍ୟା ପାଇଥିଲେ।



ଅନ୍ୟପକ୍ଷରେ ଡାଇମଣ୍ଡ ଲିଗରେ ଟୋକିଓ ଅଲିମ୍ପିକ୍ସର ରୌପ୍ୟ ପଦକ ବିଜେତା ଜ୍ୟାକବ ୱାଡଲେଜ ୮୫.୮୮ ମିଟର ସହ ଦ୍ୱିତୀୟ ସ୍ଥାନରେ ଥିବାବେଳେ ଆମେରିକାର କୁର୍ଟିସ ଥମ୍ପସନ ୮୩.୭୨ ମିଟର ଥ୍ରୋ ସହ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ୮୯.୦୮ ମିଟର ହେଉଛି ନୀରଜ ଚୋପ୍ରାଙ୍କ କ୍ୟାରିୟରର ତୃତୀୟ ସର୍ବଶ୍ରେଷ୍ଠ ପ୍ରୟାସ। ତାଙ୍କ କ୍ୟାରିୟରର ଶ୍ରେଷ୍ଠ ଥ୍ରୋ ହେଉଛି ୮୯.୯୪ ମିଟର। ସେ ଏହାକୁ ୯୦ ମିଟର କରିବାକୁ ଜୋରଦାର ଚେଷ୍ଟା କରୁଛନ୍ତି।

ନୀରଜଙ୍କ ପୂର୍ବରୁ ବିକାଶ ଗୌଡ଼ା ପ୍ରଥମ ଭାରତୀୟ ଭାବେ ୨୦୧୨ ନ୍ୟୁୟର୍କ ଡାଇମଣ୍ଡ ଲିଗ୍ ଓ ୨୦୧୪ ଦୋହା ଡାଇମଣ୍ଡ ଲିଗ୍‌ରେ ରୌପ୍ୟ ପଦକ ଜିତିଥିଲେ। ସେହିପରି ୨୦୧୫ ସଙ୍ଘାଇ ଓ ୟୁଜେନେରେ ସେ ତୃତୀୟ ସ୍ଥାନରେ ରହିଥିଲେ।

# ଟାଏକୋଣ୍ଡ ଦ୍ରୋଣାଚାର୍ଯ୍ୟ ନିର୍ମଳ



କେନ୍ଦୁଝର: ବର୍ଷବର୍ଷ ଧରି ଗ୍ରାମାଞ୍ଚଳର ଝିଅମାନଙ୍କୁ ଆତ୍ମରକ୍ଷା କୌଶଳ ଶିଖାଉଛନ୍ତି। ଝିଅମାନେ କିଭଳି ନିଜେ ନିଜର ସୁରକ୍ଷା କରିପାରିବେ ସେ ନେଇ ଟାଏକୋଣ୍ଡ ପ୍ରଶିକ୍ଷଣ ଦେଉଛନ୍ତି। ୧୫ ବର୍ଷ ମଧ୍ୟରେ ୩ ହଜାର ପିଲାଙ୍କୁ ତାଲିମ ଦେଇ ଟାଏକୋଣ୍ଡର ଦ୍ରୋଣାଚାର୍ଯ୍ୟ ପାଲଟି ଯାଇଛନ୍ତି ତେଲକୋଇ ବ୍ଲକ୍ ଛାମୁଣ୍ଡା ଗ୍ରାମର ନିର୍ମଳ ଚନ୍ଦ୍ର ନାୟକ। ନିର୍ମଳଙ୍କ ବାପା ହେଉଛନ୍ତି ତେଲକୋଇର ପୂର୍ବତନ ବିଧାୟକ ପ୍ରାଣବଲ୍ଲଭ ନାୟକ। ନିର୍ମଳ ଭୁବନେଶ୍ୱରର କ୍ୟାପିଟାଲ ହାଇସ୍କୁଲ୍‌ରେ ପାଠପଢ଼ା ପରେ ସରକାରୀ ଯାନ୍ତ୍ରିକ ବିଦ୍ୟାଳୟରୁ ଇଲେକ୍ଟ୍ରିକାଲ ବିଭାଗରେ ଡିପ୍ଲୋମା ପାସ୍ କରିଥିଲେ। ଏହାପରେ ସେ ଇମ୍ଫା, ଓଡ଼ିଶା ସ୍ପଞ୍ଜ ଭଳି କମ୍ପାନିରେ ଉଚ୍ଚ ବେତନରେ ଚାକିରି କରୁଥିଲେ। କ୍ରୀଡ଼ାପ୍ରେମୀ ନିର୍ମଳଙ୍କୁ ଘରୋଇ କମ୍ପାନି ଚାକିରି ସବୁବେଳେ ଅଡୁଆରେ ପକାଉଥିଲା। କୌଣସି ସ୍ଥାନରେ କ୍ରୀଡ଼ା ପ୍ରତିଯୋଗିତା କିମ୍ବା ତାଙ୍କର ରୁଚି ରହୁଥିବା ଟାଏକୋଣ୍ଡ ପ୍ରତିଯୋଗିତା ହେଲେ କମ୍ପାନିରୁ ଛୁଟି ମିଳୁ ନ ଥିଲା। ଯେଉଁଥିପାଇଁ ସ୍ୱାଭିମାନୀ ନିର୍ମଳ ଚାକିରି ଛାଡ଼ିବାକୁ ନିଷ୍ପତ୍ତି ନେଲେ। ପରିବାରର ଆର୍ଥିକ ଅବସ୍ଥା ସ୍ବଚ୍ଛଳ ଥିବାରୁ ସେ ଚାକିରି ଛାଡ଼ି ୨୦୦୮ରୁ ବିଧିବଦ୍ଧ ଭାବେ ପିଲାଙ୍କୁ ଟାଏକୋଣ୍ଡ ପ୍ରଶିକ୍ଷଣ ଦେବା ଆରମ୍ଭ କରିଥିଲେ।

ପ୍ରଥମେ ଜଣେ ଦୁଇଜଣ ପିଲାଙ୍କୁ ସେ ଟାଏକୋଣ୍ଡ ପ୍ରଶିକ୍ଷଣ ଦେଉଥିଲେ। ପରେ ପିଲାଙ୍କ ସଂଖ୍ୟା ବଢ଼ିବାରେ ଲାଗିଲା। ନିର୍ମଳ ଇତିମଧ୍ୟରେ ୩ ହଜାରରୁ ଊର୍ଦ୍ଧ୍ୱ ପିଲାଙ୍କୁ ଟାଏକୋଣ୍ଡ ପ୍ରଶିକ୍ଷଣ ଦେଇସାରିଲେଣି। ସବୁଠୁ ବଡ଼କଥା ହେଉଛି ନିର୍ମଳ ନିୟମିତ ଭାବେ ବିଭିନ୍ନ ଗ୍ରାମାଞ୍ଚଳକୁ ଯାଇ ଝିଅମାନଙ୍କୁ ମାଗଣାରେ ଆତ୍ମରକ୍ଷା କୌଶଳ ତାଲିମ ଦେଉଛନ୍ତି। ହରିଚନ୍ଦନପୁର ବ୍ଲକ୍‌ର ବାଲିପୋଖରୀ, ପାଟଣା ବ୍ଲକ୍‌ର ଖିରେଇଟାଙ୍ଗିରୀ, କେନ୍ଦୁଝର ସଦର ବ୍ଲକ୍‌ର ମଇଦାନକେଲ, ତେଲକୋଇ ବ୍ଲକ୍‌ର ପଡ଼ାଙ୍ଗ ଗ୍ରାମରେ ଶିବିର କରି ମାଗଣାରେ ଟାଏକୋଣ୍ଡ ସହିତ ପାରମ୍ପରିକ ସାମରିକ କଳା ଶିଖାଉଛନ୍ତି। ବିଶେଷ କରି ଅପରାଧୀମାନଙ୍କ ଠାରୁ ନିଜକୁ କିଭଳି ମୁକୁଳାଇ ହେବ ସେନେଇ ପ୍ରଶିକ୍ଷଣ ଦେଉଛନ୍ତି। ଏ ସମ୍ପର୍କରେ ନିର୍ମଳ କହିଛନ୍ତି, ସେ ସବୁବେଳେ ଅନ୍ତରାତ୍ମାର କଥା ଶୁଣନ୍ତି। ଚାକିରି କରିଥିଲେ ହୁଏତ ଆଜି କେଉଁ କମ୍ପାନିରେ ବଡ଼ ପଦବିରେ ରହିଥାନ୍ତେ। ମାତ୍ର ଜିଲ୍ଲାର ପୁଅଝିଅମାନଙ୍କୁ ପାରମ୍ପରିକ ସାମରିକ କଳା ଓ ଟାଏକୋଣ୍ଡ ଶିକ୍ଷା ଦେଇପାରି ନଥାନ୍ତେ। ଏହି କାମ କରି ସେ ଆତ୍ମସନ୍ତୋଷ ପାଉଥିବା କହିଛନ୍ତି। ସମାଜରେ ଅପରାଧ ବଢ଼ି ଚାଲିଥିବା ବେଳେ ଝିଅମାନେ ଅସୁରକ୍ଷିତ ହୋଇ ପଡୁଛନ୍ତି। ତେଣୁ ଝିଅମାନଙ୍କୁ ଆତ୍ମରକ୍ଷା ପ୍ରଶିକ୍ଷଣ ଦେବା ତାଙ୍କର ଲକ୍ଷ୍ୟ ବୋଲି କହିଛନ୍ତି।

# ୩୮ ବର୍ଷରେ ଏସିଆ କପ୍ କ୍ରିକେଟ୍: ଭାରତ ସର୍ବାଧିକ ୭ ଥର ବିଜେତା

ନୂଆଦିଲ୍ଲୀ : କ୍ରିକେଟ୍ ଦୁନିଆରେ ଏସିଆ କପ୍ ଅନ୍ୟତମ ବଡ଼ ପ୍ରତିଯୋଗିତା। ଏସିଆର ଶ୍ରେଷ୍ଠ ଦଳଙ୍କ ମଧ୍ୟରେ ଏହି ମୁକାବିଲା ଖେଳାଯାଏ। ୩୮ ବର୍ଷ ତଳେ ଶାରଜାରେ ଏସିଆ କପ୍ କ୍ରିକେଟ୍ ଆରମ୍ଭ ହୋଇଥିଲା। ୧୯୮୪ରେ ପାକିସ୍ତାନ, ଶ୍ରୀଲଙ୍କା ଓ ଭାରତ ରାଉଣ୍ଡ ରବିନ୍ ଲିଗ୍ ଭିତ୍ତିରେ ଏହି ଖେଳିଥିଲେ। ସୁନୀଲ ଗାଭାସ୍କର ନେତୃତ୍ୱରେ ଭାରତ ପ୍ରଥମ ଏସିଆ କପ୍ ଚମ୍ପିଆନ୍ ହୋଇଥିଲା। ୨ ବର୍ଷରେ ଥରେ ଏହା ଆୟୋଜନ ହେବାର ଥିଲେ ହେଁ ନିୟମିତ ଭାବେ ଆୟୋଜନ ହୋଇ ପାରୁନଥିଲା। ହେଲେ ୨୦୦୮ରୁ ଏହା ନିୟମିତ ଭାବେ ୨ ବର୍ଷରେ ଥରେ ଆୟୋଜନ ହୋଇଥିବା ବେଳେ କୋଭିଡ୍ ସଂକ୍ରମଣ ଯୋଗୁଁ ୨୦୨୦ ସଂସ୍କରଣ ଖେଳା ଯାଇନଥିଲା।

ଅଦ୍ୟାବଧି ୧୪ଟି ଏସିଆ କପ୍ ଖେଳାଯାଇଛି। ୨୦୧୮ରେ ୟୁଏଇରେ ଏହି ଟୁର୍ଣ୍ଣାମେଣ୍ଟ ଖେଳା ଯାଇଥିବା ବେଳେ ଫାଇନାଲରେ ବାଂଲାଦେଶକୁ ହରାଇ ରୋହିତ ଶର୍ମା ନେତୃତ୍ୱାଧୀନ ଭାରତ ଶେଷଥର ଚମ୍ପିଆନ୍ ହୋଇଥିଲା। ଏଥର ମଧ୍ୟ ରୋହିତଙ୍କ ନେତୃତ୍ୱରେ ୟୁଏଇରେ ଭାରତ ଏସିଆ କପ୍ ଖେଳିବାକୁ ଯାଉଛି। ଭାରତ ସର୍ବାଧିକ ୭ ଥର ଏସିଆ କପ୍ ଜିତିଥିବା ବେଳେ ଶ୍ରୀଲଙ୍କା ୫ ଥର ଓ ପାକିସ୍ତାନ ୨ ଥର ଏହାକୁ ଜିତିଛି। ଏସିଆ କପ୍‌ର କିଛି ସ୍ମୃତି ଏବେ ମଧ୍ୟ କ୍ରିକେଟ୍‌ପ୍ରେମୀଙ୍କ ମନରୁ ଲିଭିନାହିଁ। ୧୯୮୪ରେ ସୁରିନ୍ଦର ଖାନ୍ନାଙ୍କ ବିସ୍ଫୋରକ ବ୍ୟାଟିଂ, ୨୦୦୮ ଫାଇନାଲରେ ଅଜନ୍ତା ମେଣ୍ଡିସ୍‌ଙ୍କ ସ୍ପିନ୍ ସମ୍ମୁଖରେ ଭାରତୀୟଙ୍କ ଆତ୍ମ ସମର୍ପଣ, ୨୦୧୦ ଫାଇନାଲରେ ଶେଷ ଓଭରର ୫ ବଲ୍‌ରେ ପାକିସ୍ତାନର ମହମ୍ମଦ ଆମିରଙ୍କୁ ଛକାମାରି ହରଭଜନ ସିଂହ ଭାରତକୁ ଜିତାଇବା, ୨୦୧୨ରେ ପାକିସ୍ତାନର ୩୩୦ ରନ୍‌ର ପିଛାକରିବା ବେଳେ ବିରାଟ କୋହଲିଙ୍କ ଜୀବନର ସର୍ବାଧିକ ଦିନିକିଆ ସ୍କୋର ୧୮୩ ରନ୍, ୨୦୧୨ ଫାଇନାଲରେ ବାଂଲାଦେଶକୁ ୨ ରନ୍‌ରେ ପାକିସ୍ତାନ ହରାଇବା, ୨୦୧୪ରେ ଆର ଅଶ୍ୱିନଙ୍କ ଶେଷ ଓଭରରେ କ୍ରମାଗତ ୨ଟି ଛକାମାରି ସାହିଦ୍ ଆଫ୍ରିଦି ପାକିସ୍ତାନକୁ ଜିତାଇବା, ୨୦୧୮ରେ ଆଫ୍‌ଗାନିସ୍ତାନ-ଭାରତ ମ୍ୟାଚ୍ ଟାଇ ହେବା ଘଟଣାକୁ କ୍ରିକେଟପ୍ରେମୀ ଏବେ ମଧ୍ୟ ଭୁଲି ନାହାନ୍ତି। ଚଳିତବର୍ଷ ଅଗଷ୍ଟ ୨୦ରୁ ୨୪ ମଧ୍ୟରେ ଓମାନ୍, ୟୁଏଇ, ହଂକଂ, ସିଙ୍ଗାପୁର ଓ କୁଏତ୍ ଯୋଗ୍ୟତା ପର୍ଯ୍ୟାୟ ଖେଳିଛନ୍ତି। ଏହାର ବିଜେତା ହଂକଂ, ଭାରତ ଓ ପାକିସ୍ତାନ ସହ ଗ୍ରୁପ୍ 'ଏ'ରେ ରହିଛି । ଗ୍ରୁପ୍ 'ବି'ରେ ବାଂଲାଦେଶ, ଶ୍ରୀଲଙ୍କା ଓ ଆଫ୍‌ଗାନିସ୍ତାନ ରହିଛନ୍ତି। ଲିଗ୍ ପର୍ଯ୍ୟାୟ ପରେ ଉଭୟ ଗ୍ରୁପ୍‌ର ଶ୍ରେଷ୍ଠ ୨ ଦଳ ସୁପର-୪ ପର୍ଯ୍ୟାୟ ଖେଳିବେ। ସମସ୍ତେ ପରସ୍ପର ବିପକ୍ଷରେ ଖେଳିବେ ଏବଂ ଶୀର୍ଷ ୨ଟି ସ୍ଥାନରେ ଥିବା ଦଳ ଫାଇନାଲ ଖେଳିବେ। ଚଳିତବର୍ଷ ଟି-୨୦ ବିଶ୍ୱକପ୍ ଥିବାରୁ ଏସିଆ କପ୍ ଟି-୨୦ ଫର୍ମାଟରେ ଖେଳାଯାଉଛି । ୨୦୧୬ରେ ମଧ୍ୟ ଏହି ସମାନ କାରଣରୁ ଏସିଆ କପ୍ ଟି-୨୦ ଫର୍ମାଟରେ ଖେଳା ଯାଇଥିଲା ଏବଂ ଏଥିରେ ଭାରତ ଚମ୍ପିଆନ୍ ହୋଇଥିଲା। ଆସନ୍ତାବର୍ଷ ଦିନିକିଆ ବିଶ୍ୱକପ୍ ଥିବାରୁ ପାକିସ୍ତାନରେ ହେବାକୁ ଥିବା ଏସିଆ କପ୍ ଦିନିକିଆ ଫର୍ମାଟରେ ଖେଳାଯିବ।

ଉଦ୍‌ଘାଟନୀ ମ୍ୟାଚ ଆୟୋଜକ ଶ୍ରୀଲଙ୍କାକୁ ହରାଇ ଆଫଗାନିସ୍ତାନ ଜିତିଥିବା ବେଳେ। ସୁପର୍ ସଣ୍ଡେରେ ପାକିସ୍ତାନ ବିପକ୍ଷରେ ଭାରତ ବିଜୟ ଲାଭ କରିଛି। ଭାରତ ଓ ପାକିସ୍ତାନ ସୁପର-୪ ଖେଳିବା ନିଶ୍ଚିତ ହୋଇଥିବାରୁ ଉଭୟ ଦଳଙ୍କ ମଧ୍ୟରେ ୨ୟ ଥର ମୁକାବିଲା ନିଶ୍ଚିତ। ଏସିଆ କପ୍‌ରେ ଭାରତ ଓ ପାକିସ୍ତାନ ମଧ୍ୟରେ ୧୫ ଥର ମୁକାବିଲା ହୋଇଥିବା ବେଳେ ଭାରତ ୯ ଥର ଓ ପାକିସ୍ତାନ ୫ ଥର ଜିତିଛି। ଗୋଟିଏ ମ୍ୟାଚ୍ ବାତିଲ ହୋଇଥିଲା।

# ୟୁଏସ୍ ଓପନ୍‌ରୁ ଓହରିଲେ ଜୋକୋଭିକ୍

ନ୍ୟୁୟର୍କ: କରୋନା ଟିକା ନନେବା ଜିଦ୍‌ରେ ଅଟଳ ଥିବା ସର୍ବିୟାର ମହାନ ଟେନିସ୍ ତାରକା ନୋଭାକ ଜୋକୋଭିକ ଏହି କାରଣରୁ ୟୁଏସ୍ ଓପନ୍ ଗ୍ରାଣ୍ଡସ୍ଲାମ୍ ପ୍ରତିଯୋଗିତାରୁ ଓହରି ଯାଇଛନ୍ତି। ଜୋକୋଭିକ୍ ଏପର୍ଯ୍ୟନ୍ତ ଟିକା ନେଇନଥିବାରୁ ଆମେରିକୀୟ ନିୟମ ଅନୁସାରେ ତାଙ୍କୁ ସେଠାକୁ ଯାତ୍ରା କରିବାକୁ ଅନୁମତି ମିଳିବ ନାହିଁ। ଫଳରେ ଚଳିତ ବର୍ଷର ୟୁଏସ୍ ଓପନ୍ ନଖେଳିବାକୁ ନିଷ୍ପତ୍ତି ନେଇଛନ୍ତି ଜୋକୋଭିକ୍। ଜୋକୋଭିକ୍ ଏହି ବିଷୟରେ ଟ୍ୱିଟ୍ କରି କହିଛନ୍ତି, ଦୁଃଖର କଥା ଯେ ମୁଁ ଏଥରର ୟୁଏସ୍ ଓପନ୍ ଖେଳିବା ଲାଗି ନ୍ୟୁୟର୍କ ଯାତ୍ରା କରିବି ନାହିଁ। ୨୧ଟି ଗ୍ରାଣ୍ଡସ୍ଲାମ୍ ଟ୍ରଫି ଜିତିଥିବା ୩୫ ବର୍ଷୀୟ ଜୋକୋଭିକ୍ ୨୦୧୧, ୨୦୧୫ ଓ ୨୦୧୮ରେ ୟୁଏସ୍ ଓପନ୍ ଜିତିଥିଲେ। କରୋନା ଟିକା ନେଇନଥିବାରୁ ଚଳିତ ବର୍ଷର ଅଷ୍ଟ୍ରେଲିଆନ୍ ଓପନ୍‌ରେ ମଧ୍ୟ ଖେଳି ନଥିଲେ ସେ। ଅଷ୍ଟ୍ରେଲୀୟ ବୈଦେଶିକ ବ୍ୟାପାର ଅଧିକାରୀମାନେ ତାଙ୍କୁ ସିଡ୍‌ନିରୁ ସର୍ବିୟାକୁ ଫେରାଇ ଦେଇଥିଲେ। ଏଥିପାଇଁ ମଣ୍ଟ୍ରିଲ ଓ ସିନ୍‌ସିନାଟି ଓପନ୍ ସହ ଆମେରିକାରେ ଖେଳାଯାଉଥିବା ଚାରିଟି ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିନଥିଲେ। ଫ୍ରେଞ୍ଚ ଓପନ୍‌ର କ୍ୱାର୍ଟର ଫାଇନାଲ୍‌ରେ ପରାଜିତ ହୋଇଥିଲେ। ତେବେ ୱିମ୍ବିଲଡନ୍‌ରେ ବିଜେତା ହୋଇଥିଲେ।





# ଓସ୍କାର ଦୌଡରେ ଗଙ୍ଗୁବାଇ !

ମୁମ୍ବାଇ: ଆଲିଆ ଭଟ୍ଟଙ୍କ ଫିଲ୍ମ ଗଙ୍ଗୁବାଇ ଖୁବ୍ ଲୋକପ୍ରିୟ ହୋଇପାରିଛି। ଏହା ପ୍ରଥମ ଥର ପାଇଁ ଆଲିଆ ଭଟ୍ଟଙ୍କ ଫିଲ୍ମ ଓସ୍କାର ଦୌଡ଼ରେ ଏଣ୍ଟ୍ରି କରିଛି। କିନ୍ତୁ ଏକା ସାଙ୍ଗରେ ସଞ୍ଜୟ ଲୀଲା ଭନସାଲୀଙ୍କ ଫିଲ୍ମ ଅନ୍ତର୍ଜାତୀୟ ସିନେମା ବଜାରରେ ଦର୍ଶକଙ୍କ ମଧ୍ୟରେ ଅନେକାଂଶରେ ଆନ୍ତରିକତା ସୃଷ୍ଟି କରିଛି। ଓସ୍କାର ସମାରୋହରେ ନୋମିନେସନ୍ ପାଇବା ପାଇଁ ଭାରତ ୨୦୦୨ ମସିହାରେ ଏଣ୍ଟ୍ରି କରିଥିଲା। ଚଳିତ ବର୍ଷ ଓସ୍କାର ନୋମିନେସନ ପାଇଁ ଭନସାଲୀଙ୍କ ନିର୍ଦ୍ଦେଶକ 'ଦେବଦାସ'ର ଏଣ୍ଟ୍ରି ହେବାର ସମ୍ଭାବନା ରହିଥିଲା। ବର୍ତ୍ତମାନ ସଞ୍ଜୟ ଲୀଲାଙ୍କ ସହ ରାଜାମୌଲି ମଧ୍ୟ ଏହି ରେସରେ ସାମିଲ୍ ହୋଇଛନ୍ତି। ଆଲିଆ ଭଟ୍ଟଙ୍କ ଅଭିନୀତ 'ଗଙ୍ଗୁବାଇ' ଚଳିତ ବର୍ଷ ଓସ୍କାରରେ ଭାରତର ଅଫିସିଆଲ୍ ଏଣ୍ଟ୍ରି ହୋଇପାରେ। ଏହି ବର୍ଷ ଆରମ୍ଭରେ, ଏହି ଚଳଚ୍ଚିତ୍ରର ଅନେକ ଅନ୍ତର୍ଜାତୀୟ ପ୍ରିମିୟର ଥିଲା ଏବଂ ବର୍ଲିନ୍ ଚଳଚ୍ଚିତ୍ର ମହୋତ୍ସବରେ ଦର୍ଶକମାନେ ମଧ୍ୟ ତାଙ୍କୁ ସ୍ୱାଗତ କରିଥିଲେ। କହିରଖୁଛୁ ଯେ ଏହି ଫିଲ୍ମଟି ଅନ୍ତର୍ଜାତୀୟ ବେଲ୍ଟରେ ସର୍ବାଧିକ ଆୟ କରିଥିବା ଭାରତୀୟ ଚଳଚ୍ଚିତ୍ର ମଧ୍ୟରୁ ଗୋଟିଏରେ ଅନ୍ୟତମ ହୋଇଛି ଏବଂ ଏହାର ବିଦେଶରେ ୭.୫୦ ମିଲିୟନ ଡ଼ଲାର ରହିଛି।



# 'ଭୋଳାଶଙ୍କର' ଭିନ୍ନ ଅବତାରରେ ଆସିବେ ଚିରଞ୍ଜିବୀ

ତେଲୁଗୁ, ତାମିଲ, କନ୍ନଡ ଓ ହିନ୍ଦୀ ସିନେମାର ଜଣାଶୁଣା ଅଭିନେତା ଚିରଞ୍ଜିବୀ। ୨୦୧୫ରେ ମୁକ୍ତିଲାଭ କରିଥିବା ତାମିଲ୍ ସିନେମା 'ଭେଦାତାମ୍'ର ରିମେକ୍ ହେଉଛି ତେଲୁଗୁ ସିନେମା 'ଭୋଳାଶଙ୍କର'। ଜଣେ ସାହସୀ ଭାଇ ତା' ଭଉଣୀକୁ କେମିତି ବିଭିନ୍ନ ବିପଦରୁ ଉଦ୍ଧାର କରୁଛି ତାହା ଏଇ ଚଳଚ୍ଚିତ୍ରରେ ପ୍ରତିଫଳିତ ହେଇଛି। ଏହା ଏକ ଆକ୍ସନ୍-ଡ୍ରାମା ବେସଡ୍ ମୁଭି। ରାମବ୍ରହ୍ମମ୍ ସୁନକାର ଓ ଅନୀଲ ସୁନକାରଙ୍କ ପ୍ରଯୋଜିତ ଏଇ ସିନେମାର ନିର୍ଦ୍ଦେଶନା ଦେଇଛନ୍ତି ମେହେର ରମେଶ। ଚିରଞ୍ଜିବୀଙ୍କ ସହ ଏଥିରେ ତମନ୍ନା ଭାଟିଆ ଓ କୀର୍ତ୍ତି ସୁରେଶ, ଅର୍ଚ୍ଚନା, ମାର୍ଥଣ୍ଡ କେ.ଭେଙ୍କଟେଶ, ଧରମବୀର ସିଂହ, ମୁରଲୀ ଶର୍ମା, ଡିମ୍ପଲ୍ ସିଂହ, ପିଟର ମୋନା, ରାଓ ରମେଶ ପ୍ରମୁଖ ଭୂମିକାରେ ଅଛନ୍ତି। ୨୦୨୩ ଏପ୍ରିଲ୍ ୧୪ ତାରିଖରେ 'ଭୋଳାଶଙ୍କର' ରିଲିଜ୍ କରିବ ବୋଲି ଜଣାପଡ଼ିଛି।

Printed, Published and Owned by Badri Narayan Moahanty, Pulished From: Sector-1/163 HIG Dupled, Niladri Vihar, Po- Sailashree Vihar, Bhubaneswar - 751021
Printed at Gayatri Industries, TS//193, Mancheswar Ind. Estate, Bhubaneswar - 751010
Mob: +91-9437073823, E-mail: odishasanket@gmail.com
ସଂପାଦକ : ବଦ୍ରି ନାରାୟଣ ମହାନ୍ତି
Editor : Badri Narayan Mohanty